

କିଆରାଙ୍କ 'ଟ୍ୱିକ୍' ଲୁକ୍

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-180 FRIDAY 26 DECEMBER 2025 PAGE-12 ₹ 6.00 | BHUBANESWAR | ବର୍ଷ-୪୩ ସଂଖ୍ୟା-୧୮୦ ଶୁକ୍ରବାର ୨୬ ଡିସେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦


# ଓଡ଼ିଶାକୁ କମିଲା କେନ୍ଦ୍ରୀୟ ଅନୁଦାନ

## ୭ ଯୋଜନାରେ ଅନୁଦାନ ହ୍ରାସ; ମନ୍ଥର ହେବ ଗ୍ରାମୀଣ ବିକାଶ

■ ଭୁବନେଶ୍ୱର, ୨୫।୧୨ (ସମିସ): ଡବଲ ଇଞ୍ଜିନ ସରକାରରେ ଓଡ଼ିଶାରେ ବିକାଶର ଗତି ଡବଲ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲା ବିଜେପି। ମାତ୍ର କ୍ଷମତାକୁ ଆସିବାର ବର୍ଷକ ମଧ୍ୟରେ ଏହି ପ୍ରତିଶ୍ରୁତି ଓ ବାସ୍ତବତା ମଧ୍ୟରେ ଅନେକ ଫରକ ଜଳଜଳ ଦିଶୁଛି। କେନ୍ଦ୍ର ସରକାର ୭ଟି ଯୋଜନାରେ ଓଡ଼ିଶାକୁ ମିଳୁଥିବା ଅର୍ଥ ହ୍ରାସ ପରେ ଏବେ ଓଡ଼ିଶାବାସୀଙ୍କ ମନରେ ଅସନ୍ତୋଷ ଦାନା ବାନ୍ଧିବା ଆରମ୍ଭ କରିଛି। ସବୁ ଯୋଜନାଗୁଡ଼ିକ ଗ୍ରାମ୍ୟ ଉନ୍ନୟନ ସହ ସଂପୃକ୍ତ ଥିବାବେଳେ ଏହା ରାଜ୍ୟର ଗ୍ରାମ୍ୟ ଭିତ୍ତିଭୂମି ବିକାଶ ଉପରେ ବ୍ୟାପକ ପ୍ରଭାବ ପକାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି ୮ଟି ଯୋଜନା ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମଜିଏନଆରଇଜିଏସ), ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ), ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ଦୀନ୍‌ଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନ, ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ଜାତୀୟସାମାଜିକ ସହାୟତା କାର୍ଯ୍ୟକ୍ରମ ଏବଂ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା(୨.୦) ସାମିଲ ରହିଛି। ଏମଜିଏନଆରଇଜିଏସ ୨୦୨୩-୨୪ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଓଡ଼ିଶାକୁ ୪୯୦୬ କୋଟି ଟଙ୍କା ପ୍ରଦାନ କରିଥିଲେ। ମାତ୍ର ୨୦୨୪-୨୮ ବର୍ଷରେ କେନ୍ଦ୍ର ସରକାର ପ୍ରାୟ ୧୧୪୨ କୋଟି ଟଙ୍କା ହ୍ରାସ କରି ୩୭୬୩ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏବେ 'ମନରେଗା' ଉଚ୍ଛେଦ କରାଯାଇ ଭିବି ଜି ରାମ ଜି ଯୋଜନା ଆରମ୍ଭ ହେବା ପରେ ରାଜ୍ୟ ସରକାରଙ୍କ ଉପରେ ଅଧିକ ବୋଝ ବଢ଼ିଛି।

### 'ଆବାସ'ରେ କଟିଲା ୩୪୮୫ କୋଟି ଟଙ୍କା

### ଗ୍ରାମୀଣ କର୍ମନିଯୁକ୍ତିରେ କମିଲା ୧୧୪୨ କୋଟି

ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ୨୦୨୩-୨୪ରେ କେନ୍ଦ୍ର ସରକାର ୪୩୧୦ କୋଟି ଟଙ୍କା ମଞ୍ଜୁର କରିଥିଲେ। ମାତ୍ର ୨୦୨୪-୨୫ରେ ଏଥିରେ ୩୪୮୫ କୋଟି ଟଙ୍କା କାଟିଦେଲେ। ଗତ ଆର୍ଥିକ ବର୍ଷରେ କେନ୍ଦ୍ର ଏ ଯୋଜନା ବାବଦରେ ଓଡ଼ିଶାକୁ ମାତ୍ର ୮୨୫ କୋଟି ଟଙ୍କା ଦେଇଥିବା ବେଳେ ଏଥିଯୋଗୁଁ ରାଜ୍ୟର କଚ୍ଛାଘରକୁ ପକ୍କାଘରରେ ପରିଣତ ଯୋଜନା ମନ୍ଥର ହୋଇ ଯାଇଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୨୦୨୩-୨୪ରେ ୧୨୬୨ କୋଟି ଟଙ୍କା ଓଡ଼ିଶାକୁ ମିଳିଥିଲା। ୨୦୨୪-୨୫ ମସିହାରେ ଏଥିରେ ମଧ୍ୟ ଅର୍ଥ ହ୍ରାସ କରି କେନ୍ଦ୍ର ସରକାର ମାତ୍ର ୭୧୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଅନ୍ୟ ଯୋଜନା ମଧ୍ୟରେ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଓଡ଼ିଶାକୁ ଗତ ଆର୍ଥିକ ବର୍ଷରେ ଟଙ୍କାଟିଏ ମଧ୍ୟ ଦିଆଯାଇନଥିବା ବେଳେ ▶ପୃଷ୍ଠା-୭

# ଏନ୍‌କାଉଣ୍ଟର୍‌ରେ ୬ ନକ୍ସଲ ମୃତ



### ସେଣ୍ଟ୍ରାଲ କମିଟି ମେମ୍ବର ଗଣେଶ ମୃତ

### କମ୍ବିଂ ଅପରେସନ ଜୋରଦାର

■ ଫୁଲବାଣୀ/ବାଲିଗୁଡ଼ା/ତୁମୁଡ଼ିବନ୍ଧ, ୨୫।୧୨ (ସମିସ): କନ୍ଧମାଳ ଜିଲ୍ଲାରେ ପୁଲିସ୍ ଏନ୍‌କାଉଣ୍ଟର୍‌ରେ ୬ ମାଓବାଦୀ ନିହତ ହୋଇଛନ୍ତି। ଚକାପାଦ ଥାନା ଚାହାଳି ପଞ୍ଚାୟତର ରମ୍ପା ଫରେଷ୍ଟ ରେଞ୍ଜ ଗସମା ଜଙ୍ଗଲରେ ୪ ନକ୍ସଲଙ୍କ ମୃତ୍ୟୁ ହୋଇଥିବା ବେଳେ ବେଲଘର ଥାନା ଅଞ୍ଚଳରେ ୨ ମାଓବାଦୀ ନିହତ ହୋଇଛନ୍ତି। ମୃତ ମାଓବାଦୀଙ୍କ ମଧ୍ୟରେ ସେଣ୍ଟ୍ରାଲ କମିଟି ମେମ୍ବର ଗଣେଶ ଉଇକେ ଥିବା ସୂଚନା ମିଳିଛି। ବାକିମାନଙ୍କର ପରିଚୟ ଜଣାପଡ଼ିନାହିଁ। ଗୁଇନ୍ଦା ସୂଚନା ଆଧାରରେ ସୁରକ୍ଷା ବାହିନୀ ପକ୍ଷରୁ ▶ପୃଷ୍ଠା-୭

## ଶାହାଙ୍କ ପ୍ରଶଂସା

■ ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି): ଓଡ଼ିଶାର କନ୍ଧମାଳ ଜିଲ୍ଲାର ଜଙ୍ଗଲରେ ମାଓବାଦୀ କେନ୍ଦ୍ରୀୟ କମିଟିର ସଦସ୍ୟ ଗଣେଶ ଓଇକେଙ୍କ ସମେତ ୬ ଜଣ ମାଓବାଦୀ ଏନ୍‌କାଉଣ୍ଟରରେ ମୃତ୍ୟୁବରଣ କରିବା ପରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏକ୍ସରେ ପୋଷ୍ଟ କରି ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହା 'ନକ୍ସାଲ ମୁକ୍ତ ଭାରତ' ଅଭିଯାନ ପାଇଁ ଏକ ବଡ଼ ମାଇଲଖୁଣ୍ଟ ସଦୃଶ ହୋଇଛି। ଏଥିସହ ଓଡ଼ିଶା ମାଓବାଦୀଙ୍କ କବଳରୁ ମୁକ୍ତ ହେବାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅର୍ଥାତ ଓଡ଼ିଶା ଖୁବ୍‌ଶୀଘ୍ର ମାଓମୁକ୍ତ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଆମେ ଦେଶରୁ ମାଓବାଦକୁ ସମ୍ପୂର୍ଣ୍ଣ ଭାବେ ଶେଷ କରିବାକୁ ବଦ୍ଧ ପରିକର ବୋଲି ସେ କହିଛନ୍ତି। ଗଣେଶଙ୍କ ଉପରେ ୧.୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା ଓ ସେ ଓଡ଼ିଶା ସଂଗଠନର ମୁଖ୍ୟ ଥିଲେ।

# ଢାବା ଭିତରେ ପଶିଗଲା ବାଇକ୍; ଦୁଇ ମୃତ

■ ଯୋରନ୍ଦା, ୨୫।୧୨ (ସମିସ): ଯୋରନ୍ଦା-ଢେଙ୍କାନାଳ ରାସ୍ତାର ଗଁଦିଆ ଥାନା କାଙ୍କଲୁଣ୍ଡା ସତସଙ୍ଗ କେନ୍ଦ୍ର ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ବିରିଖୁଣ୍ଟି ଗ୍ରାମର ଗୌରାଙ୍ଗ ଦେହୁରୀଙ୍କ ପୁଅ ଅମର ଦେହୁରୀ (୩୮), ମହାପଦା ଗ୍ରାମର କାମାକ୍ଷା ଦେହୁରୀଙ୍କ ପୁଅ ସିପୁ ଦେହୁରୀ(୨୦)। ଗୁରୁତର ଆହତ ଯୁବକ ହେଲେ ବିରିଖୁଣ୍ଟି ଗ୍ରାମର ନରହରି ଦେହୁରୀଙ୍କ ପୁଅ ସମୟ ଦେହୁରୀ(୨୫)।

ସୂଚନାନୁଯାୟୀ, ୩ଜଣଯାକ ଏକ ବାଇକ୍‌ରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଦେଖିବାକୁ ଯୋରନ୍ଦା ଯାଇଥିଲେ। ଖେଳ ଦେଖି ଫେରିବା ବେଳକୁ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଏକ ଢାବା ଭିତରକୁ ପଶିଯାଇଥିଲା। ଘଟଣାସ୍ଥଳରେ ଅମର ଓ ସିପୁଙ୍କ ମୃତ୍ୟୁ ହୋଇଥିବା ବେଳେ ସମୟ ଗୁରୁତର ଆହତ ହୋଇଥିଲେ। ଯୋରନ୍ଦା ପୁଲିସ ▶ପୃଷ୍ଠା-୭

### ଖସୁଛି ପାରଦ

# ଓଡ଼ିଶା ଉପରେ ଘନ କୁହୁଡ଼ିର ଚାଦର

■ ଭୁବନେଶ୍ୱର,୨୫।୧୨(ସମିସ): ପାରଦ ଖସୁଛି, କୁହୁଡ଼ି ବଢୁଛି। ରାଜ୍ୟର ଅଧିକାଂଶ ସ୍ଥାନରେ ଘନ କୁହୁଡ଼ି ଲାଗି ରହୁଛି। ରାଜ୍ୟର କିଛି କିଛି ସ୍ଥାନରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ଅବସ୍ଥିତ ଯୋଗୁଁ କୁହୁଡ଼ି ପରିସ୍ଥିତି ଜାରି ରହିଛି। ଅନ୍ୟପକ୍ଷରେ ଆଗକୁ ଆଉ ଏକ ପଶ୍ଚିମା ଝଡ଼ ସକ୍ରିୟ ହେବାକୁ ଯାଉଛି। ଫଳରେ ଜାନୁଆରୀ ପ୍ରଥମ ସପ୍ତାହରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ତେବେ ଲଘୁଚାପ ସୃଷ୍ଟି ହେବା ନେଇ ସ୍ଥିତି ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଯଦି ବି ଏହା ହୁଏ, ଓଡ଼ିଶା ଉପରେ କୌଣସି ପ୍ରଭାବ ପଡ଼ିବାର ସମ୍ଭାବନା ନାହିଁ।

### ଜାନୁଆରୀରେ ଲଘୁଚାପ ସୃଷ୍ଟି ସମ୍ଭାବନା

ଉପଗ୍ରହରୁ ମିଳୁଥିବା ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟାରେ କେନ୍ଦୁଝର, କଟକ, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ସୋନପୁର, ବୌଦ୍ଧ, ଗଞ୍ଜାମ, ଗଜପତି ଏବଂ କୋରାପୁଟ ଜିଲ୍ଲାର ଅନେକ ସ୍ଥାନରେ ଘନକୁହୁଡି ପରିସ୍ଥିତି ସୃଷ୍ଟି ହୋଇଛି। ବଡ଼ କଥା ହେଉଛି ଯେ ଗୁରୁବାର ସକାଳ ପ୍ରାୟ ୯ ଟା ପର୍ଯ୍ୟନ୍ତ କୁହୁଡ଼ି ସ୍ଥିତି ଲାଗି ରହିବାରୁ ଯାତାୟାତରେ ଅନେକ ସମସ୍ୟା ଉପୁଜୁଥିଲା। ଭୁବନେଶ୍ୱରରେ ମଧ୍ୟ ଘନ କୁହୁଡ଼ି ଲାଗିରହିଥିଲା। ପାଣିପାଗ କେନ୍ଦ୍ର କହିଛି ଯେ, ଆଗାମୀ ୫ଦିନ ଯାଏଁ ପାଗରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବା ବେଳେ ଶୀତ ସାଙ୍ଗକୁ କୁହୁଡ଼ି ସ୍ଥିତି ଲାଗି ରହିବ। ଏହି ସମୟ ମଧ୍ୟରେ କିଛି ସ୍ଥାନରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବା ସହ ଘନ କୁହୁଡ଼ି ଅନୁଭୂତ ହେବ। ଶୁକ୍ରବାର ରାତିରୁ ଶନିବାର ସକାଳ ମଧ୍ୟରେ ସୁନ୍ଦରଗଡ଼, ▶ପୃଷ୍ଠା-୭

# ବାଂଲାଦେଶରେ ପୁଣି ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା

■ ଢାକା, ୨୫।୧୨ (ଏଜେନ୍ସି): କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କ ସରକାରରେ ସଂଖ୍ୟାଲଘୁ ହିନ୍ଦୁଙ୍କ ପାଇଁ ବାଂଲାଦେଶ ନର୍କ ପାଲଟି ଯାଇଛି। ଉପଦ୍ରବୀ, ଦଙ୍ଗାକାରୀ, ଅପରାଧୀଙ୍କୁ ସରକାର ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି। ଏବେ ଆଉ ଜଣେ ହିନ୍ଦୁଙ୍କୁ ବାଂଲାଦେଶରେ ପିଟି ପିଟି ଅତି ନୃଶଂସ ଭାବେ ହତ୍ୟା କରାଯାଇଛି। ବୁଧବାର ରାତି ପ୍ରାୟ ୧୧ଟାରେ ରାଜବାଡୀ ଜିଲ୍ଲା ହୋସେନଡାଙ୍ଗା ଗ୍ରାମରେ ଏହି ହୃଦୟ ବିଦାରକ ଘଟଣା ଘଟିଥିଲା। ମୃତକର ନାମ ଅମୃତ ମଣ୍ଡଳ ଓରଫ ସମ୍ରାଟ (୨୯) ବୋଲି ପୁଲିସ କହିଛି।

ଏହା ପୂର୍ବରୁ ଗତ ୧୮ ତାରିଖରେ ହିନ୍ଦୁ ଯୁବକ ଦୀପୁଙ୍କ ବିରୋଧରେ ଈଶ ନିନ୍ଦାର ମିଥ୍ୟା ଅଭିଯୋଗ ଲଗା ଯାଇଥିଲା। ପୁଲିସ ତାଙ୍କୁ ଚରମପନ୍ଥୀଙ୍କ ହାତରେ ଟେକି ଦେଇଥିଲା। ପରେ ଦୀପୁଙ୍କୁ ପିଟି ପିଟି ଜିଅନ୍ତା ଜାଳି ଦିଆ ଯାଇଥିଲା। ଏହି ଆକ୍ରମଣ ପଛରେ ଦୀପୁଙ୍କ ମୁସଲମାନ ବନ୍ଧୁ ମଧ୍ୟ ସାମିଲ ଥିଲେ। ସେମାନେ ଏକାଠି ଏକ କମ୍ପାନୀରେ କାମ କରୁଥିଲେ। ଏକ କାର୍ଯ୍ୟକ୍ରମରେ ସବୁ ଧର୍ମ ସମାନ କହିବା କେବଳ ଦୀପୁଙ୍କ ଭୁଲ ଥିଲା। ଏଥିପାଇଁ ଷଡ଼ଯନ୍ତ୍ର କରି ତାଙ୍କୁ ମାରି ଦିଆଯାଇଥିଲା।

ପୁଲିସ ସୂଚନା ଅନୁଯାୟୀ, ଜୋର ଜବରଦସ୍ତି ଟଙ୍କା ଆଦାୟ ଅଭିଯୋଗ ଲଗାଇ ଲୋକେ ଅମୃତଙ୍କୁ ପିଟି ପିଟି ମାରି ଦେଇଛନ୍ତି। ମୃତକ ହୋସେନଡାଙ୍ଗା ଗ୍ରାମର ବାସିନ୍ଦା ଥିଲେ। ଏହି ମାମଲାରେ ଅମୃତଙ୍କ ସହଯୋଗୀ ମହମ୍ମଦ ସଲିମକୁ ଗିରଫ କରାଯାଇଛି। ତା' ନିକଟରୁ ଦୁଇଟି ବନ୍ଧୁକ ଜବତ ▶ପୃଷ୍ଠା-୭






# ବୁଡ଼ାଜାହାଜରୁ କେ-୪ ବାଲିଷ୍ଟିକ୍ ଉତ୍‌କ୍ଷେପଣ

■ ନୂଆଦିଲ୍ଲୀ, ୨୫।୧୨(ଏଜେନ୍ସି): ପରମାଣୁ ଯୁଦ୍ଧାସ୍ତ୍ର ବହନ କରିପାରୁଥିବା ବାଲିଷ୍ଟିକ କ୍ଷେପଣାସ୍ତ୍ରର ଆଜି ପରୀକ୍ଷା କରିଛି ଭାରତ। ବଙ୍ଗୋପସାଗର ବିଶାଖାପାଟଣା ଉପକୂଳରେ ଅବସ୍ଥାପିତ ପରମାଣୁ ଶକ୍ତିସପନ୍ନ ବୁଡାଜାହାଜ ଆଇଏନ୍‌ଏସ୍ ଅରିଘାଟରୁ ଏହାର ପରୀକ୍ଷା କରାଯାଇଛି। ପରୀକ୍ଷାରେ ଆଜି



### ୩୫୦୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟଭେଦ

### ୨ ଟନର ପରମାଣୁ ଅସ୍ତ୍ର ବହନ କ୍ଷମତା

ସଫଳତା ହାସଲ କରିଥିବା ଏହି କେ-୪ ବାଲିଷ୍ଟିକ କ୍ଷେପଣାସ୍ତ୍ର ୩୫୦୦ କିଲୋମିଟର ▶ପୃଷ୍ଠା-୭

# କାର୍ ଉପରେ ଚଢ଼ିଗଲା ବସ୍: ୯ ମୃତ

■ ଚେନ୍ନଇ, ୨୫।୧୨(ଏଜେନ୍ସି): ତାମିଲନାଡୁର କୁଡାଲୋର ଜିଲ୍ଲାରେ ବୁଧବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ୯ ଜଣ ଲୋକ ପ୍ରାଣ ହରାଇଛନ୍ତି। ତୀରୁଚିରାପଲ୍ଲୀରୁ ଚେନ୍ନାଇ ଯାଉଥିବା ଏକ ରାଜ୍ୟ ପରିବହନ ବସ୍‌ର ଟାୟାର ଫାଟିଯାଇଥିଲା। ଫଳରେ ବସ୍‌ଟି ନିୟନ୍ତ୍ରଣ ହରାଇ ଡିଭାଇଡର ଉପରେ ଚଢ଼ିଯିବା ସହ ବିପରୀତ ଲେନ୍‌କୁ ଚାଲିଯାଇଥିଲା ଓ ସମ୍ମାରୁ ଆସୁଥିବା ଦୁଇଟି କାର୍ ଉପରେ ଚଢ଼ିଯାଇଥିଲା। ଦୁଇଟି ଯାକ କାର୍ ବସ୍ ତଳେ ଫସିଯାଇଥିଲା ଓ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିଲା। ଦୁର୍ଘଟଣାରେ ଦୁଇଟି କାର୍‌ରେ ବସିଥିବା ୭ ଜଣ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଅନ୍ୟ ଦୁଇଜଣ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ମଧ୍ୟରେ ୫ ପୁରୁଷ ଓ ୪ ମହିଳା ଅଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ଆହତଙ୍କୁ ତିରୁଚିରାପଲ୍ଲୀ ଓ ପେରାମ୍ବାଲୁର ସରକାରୀ ▶ପୃଷ୍ଠା-୭

# ଜଳିଗଲା ବସ୍: ୧୦ ଯାତ୍ରୀ ଜୀବନ୍ତ ଦଗ୍ଧ

■ ଚିତ୍ରଦୂର୍ଗା, ୨୫।୧୨(ଏଜେନ୍ସି): କର୍ଣ୍ଣାଟକର ଚିତ୍ରଦୂର୍ଗାରେ ବୁଧବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୦ ଜଣ ପ୍ରାଣ ହରାଇଛନ୍ତି। ବେଙ୍ଗାଲୁରୁରୁ ଗୋକର୍ଣ୍ଣ ଯାଉଥିବା ଏକ ସ୍ଲିପର ବସ୍‌କୁ ଟ୍ରକ୍ ଧକ୍କା ଦେବାରୁ ଏଥିରେ ନିଆଁ ଲାଗିଯାଇଥିଲା। ତେବେ କେତେକ ଗଣମାଧ୍ୟମ ରିପୋର୍ଟ ଅନୁସାରେ ମୃତ୍ୟୁ ସଂଖ୍ୟା ୧୨ ଓ ୧୭ ବୋଲି ଦର୍ଶାଯାଇଛି। ବସ୍‌ରେ ୩୦ରୁ ଊର୍ଦ୍ଧ୍ୱ ଲୋକ ଯାତ୍ରା କରୁଥିଲେ। ଏହି ଦୁର୍ଘଟଣା ଜାତୀୟ ରାଜପଥ-୪୮ ରେ ହରିୟୁର ତାଲୁକରେ ଘଟିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ରାତି ୨ଟା ୩୦ରେ ଦ୍ରୁତଗତିରେ ଆସୁଥିବା ଏକ କନଟେନର ଟ୍ରକ୍ ଡିଭାଇଡର ଭାଙ୍ଗିବା ସହ ତାକୁ ଅତିକ୍ରମ କରି ବିପରୀତ ଦିଗରୁ ଆସୁଥିବା ଏକ ଘରୋଇ ବସ୍‌କୁ ଧକ୍କା ଦେଇଥିଲା। ବସ୍‌ରେ ନିଆଁ ଲାଗିଯାଇଥିଲା। ସେତେବେଳେ ଯାତ୍ରୀମାନେ ଶୋଇଥିଲେ। ଫଳରେ ଯାତ୍ରୀମାନେ ନିଜକୁ ରକ୍ଷା କରିବାର ସୁଯୋଗ ପାଇ ନଥିଲେ। ବସ୍ ▶ପୃଷ୍ଠା-୭

### ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟାର ପ୍ରତିବାଦ

# ଚାନ୍ଦବାଲି ବନ୍ଦ ସ୍ୱତଃସ୍ଫୂର୍ତ୍ତ

■ ଭଦ୍ରକ, ୨୫।୧୨ (ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଏନ୍‌ଏସି ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣାକୁ ନେଇ ପୂରା ରାଜ୍ୟ ଉତ୍ତପ୍ତ ପଡୁଛି। ଏହାକୁ ନେଇ ରାଜ୍ୟବ୍ୟାପୀ ସବୁମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଥିବା ବେଳେ ଆଜି ବିଜେଡି, କଂଗ୍ରେସ, ସିପିଆଇ(ଏମ୍) ଓ ସିପିଆଇ ପକ୍ଷରୁ ଚାନ୍ଦବାଲି ବନ୍ଦ କରାଯାଇଥିଲା।



ବିଜେଡି ବିଧାୟକ ବ୍ୟୋମକେଶ ରାୟଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବେ ଚାନ୍ଦବାଲି ବଜାର ବନ୍ଦ କରାଇଥିଲେ। ଚାନ୍ଦବାଲି ଏନ୍‌ଏସି ଅଧକ୍ଷା ଶାନ୍ତିଲତା ସେଠୀ, ଦ୍ୱିଜବର ରାଉତ, ବିଶ୍ୱକେଶରୀ ମହାନ୍ତି, ପ୍ରିନ୍ସ ରାକେଶ ନାୟକ, ଜିତେନ୍ଦ୍ର ବିଶ୍ୱାଳ, ପ୍ରତାପ ଧଳଙ୍କ ସମେତ ବିଜେଡି କର୍ମୀମାନେ ଟାୟାର୍ ଜାଳି ରାସ୍ତାରେ ବସିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି କରିଥିଲେ। ସେହିପରି କଂଗ୍ରେସ ପକ୍ଷରୁ ଦିଗମ୍ବର ଦାସଙ୍କ ନେତୃତ୍ୱରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ବନ୍ଦକୁ ସାଧାରଣଲୋକ ସ୍ୱତଃସ୍ଫୂର୍ତ୍ତ ଭାବେ ସମର୍ଥନ ଜଣାଇଥିବା ଦେଖାଯାଇଥିଲା। ▶ପୃଷ୍ଠା-୭

# ଦିଲ୍ଲୀରେ ‘ଅଟଳ କ୍ୟାଣ୍ଟିନ୍’; ୫ ଟଙ୍କାରେ ଭୋଜନ ଥାଳି




ନୂଆଦିଲ୍ଲୀ, ୨୫ ।୧୨(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ଡାଲି, ଭାତ,ପରଟା, ପନିପରିବା ଓ ଆଚାର ବିଶିଷ୍ଟ ଏକ ସ୍ୱାଦିଷ୍ଟ ଭୋଜନ ଥାଳିର ମୂଲ୍ୟ ୫୦୦ରୁ ୨, ୦୦୦ ଟଙ୍କା ମଧ୍ୟରେ ମିଳିଥାଏ। ଅବଶ୍ୟ ଏହା ରେଷ୍ଟୋରାଁର ମାନ ଓ ପ୍ରକାର ଏବଂ ସ୍ଥାନ ଉପରେ ନିର୍ଭର କରିଥାଏ। କିନ୍ତୁ ଏବେ ଏହି ଥାଳି ମାତ୍ର ୫ ଟଙ୍କାରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଉପଲବ୍ଧ ହେବ। ବିଶ୍ୱାସ ନ ହେଲେ ବି ଏହା ସତ ହେବାକୁ ଯାଉଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀରେ ଗୁରୁବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ‘ଅଟଳ କ୍ୟାଣ୍ଟିନ’ ଯୋଜାନର ଶୁଭାରମ୍ଭ କରିଛନ୍ତି। ଏହାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରି ୪୫ଟି ଅଟଳ କ୍ୟାଣ୍ଟିନ ଆରମ୍ଭ କରାଯାଇଛି। ବାକି ୫୫ଟି କ୍ୟାଣ୍ଟିନର କାର୍ଯ୍ୟ ଖୁବ୍‌ଶୀଘ୍ର ପୂରଣ କରାଯିବ। ଅଟଳ କ୍ୟାଣ୍ଟିନ ଦିଲ୍ଲୀର ଆତ୍ମା ହେବାକୁ ଯାଉଛି। ଏବେ କୌଣସି ବ୍ୟକ୍ତି ଖାଲି ପେଟରେ ଶୋଇବେ ନାହିଁ ବୋଲି ସେ କହିଛନ୍ତି। ଏହି ୪୫ଟି କ୍ୟାଣ୍ଟିନ ଆରକେ ପୁରମ, ଜଙ୍ଗପୁରା, ଶାଲିମାର ବାଗ, ଗ୍ରେଟର କୈଳାଶ, ରାଜଉରୀ ଗାର୍ଡେନ, ନାରେଲା, ବାୱାନା ସମେତ ଅନ୍ୟ ଅଞ୍ଚଳରେ ଖୋଲା ଯାଇଛି। ଏହି କ୍ୟାଣ୍ଟିନଗୁଡିକରେ ଶ୍ରମିକ, ଅସହାୟ ଓ ବସ୍ତିରେ ରହୁଥିବା ପରିବାରଗୁଡିକୁ ମାତ୍ର ୫ ଟଙ୍କାରେ ପେଟପୂରା ଖାଦ୍ୟ ମିଳିପାରିବ। ଭୋଜନରେ ଭାତ, ଡାଲି, ରୁଟି, ଋତୁକାଳୀନ ପନିପରିବା ଓ ଆଚାର ମଳିବ। ଏହି କ୍ୟାଣ୍ଟିନଗୁଡ଼ିକରେ ପ୍ରତିଦିନ ଦୁଇଥର ଯଥା ସକାଳ ୧୧ଟାରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ଏବଂ ସନ୍ଧ୍ୟା ୬.୩୦ରୁ ରାତି ୯.୩୦ ପର୍ଯ୍ୟନ୍ତ ରାତ୍ରି ଭୋଜନ ମିଳିବ। ପ୍ରତ୍ୟେକ କ୍ୟାଣ୍ଟିନରେ ପ୍ରତିଦିନ ୫୦୦ ଲୋକଙ୍କୁ ଏହି ସେବା ଯୋଗାଇ ଦିଆଯିବ। ଏହି ଯୋଜନାର ହିତାଧିକାରୀଙ୍କ ପାଇଁ ମାନୁଆଲ କୁପନ ବଦଳରେ ଡିଜିଟାଲ ଟୋକନ ସିଷ୍ଟମ କାର୍ଯ୍ୟକାରୀ କରାଯାଇଛି। ସମସ୍ତ କେନ୍ଦ୍ରଗୁଡିକ ସିସିଟିଭି କ୍ୟାମେରା ଦ୍ୱାରା ନିରୀକ୍ଷଣ କରାଯିବ।

# ଭୋଟ ପାଇଁ ଏସ୍‌ୟୁଭି, ଥାଇଲାଣ୍ଡ ଟ୍ରିପ୍ ଅଫର

ପୁଣେ, ୨୫ ।୧୨(ଏଜେନ୍ସି): ପୁନେ ମହାନଗର ନିର୍ବାଚନକୁ ଆଉ ୩ ସପ୍ତାହ ବାକିଅଛି। ଭୋଟରଙ୍କ ମନ ଜିଣିବା ପାଇଁ ପ୍ରାର୍ଥୀମାନେ ଭିନ୍ନ ଭିନ୍ନ ମନଲୋଭା ପ୍ରସ୍ତାବ ଦେବା ଆରମ୍ଭ କରିଛନ୍ତି। ଭିମାନ ନଗରର ଜଣେ ପ୍ରାର୍ଥୀ ଦେଇଥିବା ପ୍ରସ୍ତାବ ନେଇ ସାରା ଦେଶରେ ଚର୍ଚ୍ଚା ସୃଷ୍ଟି ହୋଇଛି। ତାଙ୍କୁ ଭୋଟ ଦେଲେ ସେ ୫ ଦିନିଆ ଥାଇଲାଣ୍ଡ ଗସ୍ତର ଖର୍ଚ୍ଚ ବହନ ସହ ସୁବିଧା ସୁଯୋଗ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଅନ୍ୟଏକ ୱାର୍ଡରେ ଜଣେ ପ୍ରାର୍ଥୀ ଏସ୍‌ୟୁଭି କାର୍, ଦୁଇ ଚକିଆ ଯାନ ଓ ସ୍ୱର୍ଣ୍ଣ ଅଳଙ୍କାର ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏଥିପାଇଁ ଲକି ଡ୍ର’ ଜରିଆରେ ନିର୍ଣ୍ଣୟ ନିଆଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଲୋହଗାନ-ଧାନୋରୀ ୱାର୍ଡରେ ଜଣେ ପ୍ରାର୍ଥୀ ୧୧ ଜଣ ଭୋଟରଙ୍କୁ ୧, ୧୧୦ ବର୍ଗଫୁଟ୍‌ର ଜମି ଲକି ଡ୍ର ମାଧ୍ୟମରେ ଦେବାକୁ ଘୋଷଣା କରିଛନ୍ତି। ଏଥିପାଇଁ ସେ ପଞ୍ଜୀକରଣ ମଧ୍ୟ ଆରମ୍ଭ କରିଛନ୍ତି। ସେହିପରି ଗୃହିଣୀ ଓ ମହିଳା ଭୋଟରଙ୍କୁ ହଜାର ହଜାର ପାଇଥାନି ସାଢ଼ି ଓ ରେଶମ ଶାଢ଼ି ବଣ୍ଟନ କରାଯାଇଛି। ସେହିପରି ଏମାନଙ୍କୁ ସିଲେଇ ମେସିନ ଓ



ସାଇକଲ ମଧ୍ୟ ଦିଆଯାଇଛି। କ୍ରୀଡ଼ା ଉତ୍ସାହୀ ଭୋଟରମାନଙ୍କ ପାଇଁ ଲକ୍ଷେ ଟଙ୍କାର ନଗଦ ପୁରସ୍କାର ଓ କ୍ରିକେଟ ଲିଗ୍ ସ୍ଥାପନ କରାଯାଇଛି।





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଲକ୍ଷ୍ନୌରେ ରାଷ୍ଟ୍ର ପ୍ରେରଣା ସ୍ଥଳ ଉଦ୍‌ଘାଟନ କରିଛନ୍ତି। ଏଠାରେ ସେ ଜନସଂଘର ସଂସ୍ଥାପକ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି। ପ୍ରେରଣା ସ୍ଥଳରେ ଦୀନଦୟାଲ, ଶ୍ୟାମା ପ୍ରସାଦ ଓ ବାଜପେୟୀଙ୍କ ୬୫ ଫୁଟ ଉଚ୍ଚର ମୂର୍ତ୍ତି ପ୍ରତିଷ୍ଠା କରାଯାଇଛି। ପ୍ରତ୍ୟେକ ପ୍ରତିମାର ଓଜନ ୪୨ ଟନ। ୬୫ ଏକର ଜମିରେ ୨୩୦ କୋଟି ଟଙ୍କା ବିନିମୟରେ ଏହାର ନିର୍ମାଣ କରାଯାଇଛି।

# ୧୭ ବର୍ଷ ପରେ ଫେରିଲେ ଖାଲିଦାଙ୍କ ପୁଅ

ଢାକା, ୨୫ ।୧୨(ଏଜେନ୍ସି): ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କ ପୁଅ ତାରିକ ରହମାନ ଦୀର୍ଘ ୧୭ ବର୍ଷ ପରେ ବାଂଲାଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଢାକା ବିମାନ ବନ୍ଦରରେ ରହମାନଙ୍କୁ ସ୍ୱାଗତ ପାଇଁ ତାଙ୍କ ଦଳ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି)ର ଏକ ଲକ୍ଷ କର୍ମକର୍ତ୍ତା ଏକାଠି ହୋଇଥିଲେ। ରହମାନ ଗିରଫ ହେବାର ଆଶଙ୍କାକୁ ଏଡାଇବା ପାଇଁ ୨୦୦୮ରୁ ଲଣ୍ଡନ ଚାଲିଯାଇଥିଲେ। ସେତେବେଳର ଶେଖ ହାସିନା ସରକାର ତାଙ୍କ ବିରୋଧରେ ଏକାଧିକ ଦୁର୍ନୀତି ମାମଲା ଚଳାଇଥିଲେ। ବାଂଲାଦେଶରେ ଆସନ୍ତା ବର୍ଷ ଫେବୃଆରୀ ୧୨ରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବାରୁ ରହମାନଙ୍କ ପ୍ରତ୍ୟାବର୍ତ୍ତନକୁ ଦେଶବାସୀ ବେଶ୍ ଗୁରୁତ୍ୱ ଦେଇଛନ୍ତି। ସେ ଦେଶରେ ଶାନ୍ତି ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଛନ୍ତି। ଦେଶ ସମସ୍ତଙ୍କର ବୋଲି କହିଛନ୍ତି।
ପୂର୍ବତନ ପ୍ରଧାନମନ୍ତ୍ରୀ ହସିନାଙ୍କ ପାର୍ଟି ଆୱାମୀ ଲିଗ୍‌କୁ ନିର୍ବାଚନରେ ଅଂଶଗ୍ରହଣ କରିବାରୁ ନିଷିଦ୍ଧ କରାଯାଇଛି। ଏଭିଳି ସ୍ଥିତିରେ ବିଏନ୍‌ପି ନିର୍ବାଚନ ଜିତିବା ଏକପ୍ରକାର ନିଶ୍ଚିତ ମନେ ହେଉଛି। ବିଏନ୍‌ପି ଅଧ୍ୟକ୍ଷ ଖାଲିଦା ଜିଆ ୮୦ ବର୍ଷର ହୋଇସାରିଥିବାରୁ ଏବେ ଅସୁସ୍ଥତା ଦେଇ ଗତି କରୁଛନ୍ତି। ତେଣୁ ଆଗାମୀ ପ୍ରଧାନମନ୍ତ୍ରୀ ଭାବେ ୬୦ ବର୍ଷୀୟ ରହମାନ ସର୍ବାଗ୍ରେ ଅଛନ୍ତି। ସେ ବାଂଲାଦେଶ ଫେରିବା ପରେ ସୃଷ୍ଟି ହୋଇଥିବା ରାଜନୈତିକ ଶୂନ୍ୟତା ପୂରଣ ହେବ ବୋଲି ଅନ୍ତରୀଣ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ପ୍ରେସ ସଚିବ କହିଛନ୍ତି। ବିମାନ ବନ୍ଦର ପହଞ୍ଚିବା ପରେ ଲୋକେ ତାଙ୍କୁ ଖୋଲା ହୃଦୟରେ ସ୍ୱାଗତ କରିଥିଲେ। ଫଳରେ ଏବେ ବାଂଲାଦେଶ ରାଜନୀତିରେ ନୂଆ ମୋଡ଼ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।
୧୯୬୫ ନଭେମ୍ବର ୨୦ରେ ଜନ୍ମିତ ରହମାନଙ୍କୁ ୧୯୭୧ ମୁକ୍ତି ସଂଗ୍ରାମରେ ଗିରଫ କରାଯିବା ପରେ ଡିସେମ୍ବର ୧୬ରେ ମୁକ୍ତ କରାଯାଇଥିଲା। ୧୯୮୮ରେ ସେ ବାଂଲାଦେଶ ରାଜନୀତିରେ

**■ ସ୍ୱାଗତ ପାଇଁ ଢାକା ବିମାନ ବନ୍ଦରରେ ଏକ ଲକ୍ଷ ସମର୍ଥକ**
**■ ଶାନ୍ତି ରକ୍ଷା ପାଇଁ ଦେଲେ ଆହ୍ୱାନ**

ପ୍ରବେଶ କରିଥିଲେ। ୧୯୯୪ରେ ଜୁବେଦା ରହମାନଙ୍କୁ ବିବାହ କରିଥିଲେ। ୨୦୦୪ରେ ଆୱାମୀ ଲିଗ୍‌ର ରାଲି ଉପରେ ଗ୍ରେନେଡ ଆକ୍ରମଣ କରିବା ଅଭିଯୋଗରେ ଆଜୀବନ କାରାଦଣ୍ଡରେ ସେ ଦଣ୍ଡିତ ହୋଇଥିଲେ। ୨୦୦୭ରେ ତାଙ୍କ ବିରୋଧରେ ୮୪ଟି ଦୁର୍ନୀତି ମାମଲା ରୁଜୁ କରାଯାଇଥିଲା। ୨୦୦୮ରେ ଗିରଫକୁ ଏଡାଇବା ପାଇଁ ସେ ଲଣ୍ଡନ ପଳାୟନ କରିଥିଲେ। ୨୦୧୪ରେ ସେ ନିର୍ବାଚନ ବହିଷ୍କାର କରିବାକୁ ଘୋଷଣା କରିଥିଲେ ଓ ତାଙ୍କ ବିରୋଧରେ ରାଜଦ୍ରୋହ ମାମଲା ରୁଜୁ କରାଯାଇଥିଲା। ୨୦୨୬ରେ ମନି ଲଣ୍ଡରିଂ ମାମଲାରେ ତାଙ୍କୁ ୭ ବର୍ଷ ଜେଲ



ଦଣ୍ଡାଦେଶ ହୋଇଥିଲା। ୨୦୧୮ରେ ସେ ବିଏନ୍‌ପିର କାର୍ଯ୍ୟକାରୀ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ୨୦୨୪ରେ ହସିନାଙ୍କ ଗାଦିଚ୍ୟୁତ ଏକରାଯିବା ପରେ ସେ ବହୁ ଅଭିଯୋଗରୁ ମୁକ୍ତ ହୋଇଥିଲେ।


## ସେନା ଯବାନଙ୍କୁ ଇନ୍‌ଷ୍ଟାଗ୍ରାମ୍ ଅନୁମତି

ନୂଆଦିଲ୍ଲୀ, ୨୫ ।୧୨(ଏଜେନ୍ସି): ଭାରତୀୟ ସେନାବାହିନୀ ତା’ର ଯବାନମାନଙ୍କୁ ସାମାଜିକ ଗଣମାଧ୍ୟମ ଆପ୍ ବ୍ୟବହାର କରିବାକୁ ନେଇ ନୂଆ ନିୟମ ଜାରି କରିଛି। ଯବାନମାନେ ଇନ୍‌ଷ୍ଟାଗ୍ରାମରେ ରିଲ, ଭିଡିଓ ଓ ଫଟୋ ଦେଖିପାରିବେ। କିନ୍ତୁ କମେଣ୍ଟ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି କୁହାଯାଇଛି। ହ୍ୱାଟ୍ସଆପ, ଟେଲିଗ୍ରାମ ଭଳି ଆପ୍‌ରେ ଯବାନମାନେ ଅଣ-ଗୋପନୀୟ ସୂଚନା ସେୟାର କରିପାରିବେ। ଏହାକୁ ବାଦ୍ ଦେଲେ ୟୁଟ୍ୟୁବ ଓ ଏକ୍ସର ବ୍ୟବହାର କେବଳ ସୂଚନା ପାଇବା ପାଇଁ କରିପାରିବେ ବୋଲି କୁହାଯାଇଛି। ଗତମାସରେ ସେନା ତା’ର ଯୁଦ୍ଧ ୟୁନିଫର୍ମକୁ ପେଟେଣ୍ଟ କରିଥିଲା। ସେନା ଉନ୍ନତ ମାନର ଡିଜିଟାଲ ପ୍ରିଣ୍ଟ ଡିଜାଇନ୍ ପେଟେଣ୍ଟ କରିଥିଲା। ଏହି ତିନି-ସ୍ତର ୟୁନିଫର୍ମ ସୈନିକମାନଙ୍କୁ ସବୁଦିନିଆ ଆରାମ ପ୍ରଦାନ କରିଥାଏ। ଅର୍ଥାତ ସେନାର ବିନା ଅନୁମତି ବିନା କେହି ଏହି ଡିଜାଇନ୍ ସହିତ ୟୁନିଫର୍ମ ତିଆରି, ବିକ୍ରୟ କିମ୍ବା ବ୍ୟବହାର କରିପାରିବେ ନାହିଁ। ଏହା କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି କୁହାଯାଇଛି।

## ପ୍ରବଳ କୁହୁଡ଼ି ଯୋଗୁଁ ୬୩ ବିମାନ ବାତିଲ୍

ନୂଆଦିଲ୍ଲୀ, ୨୫ ।୧୨(ଏଜେନ୍ସି): ଦେଶରେ କିଛି ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଛି। ଘନ କୁହୁଡି କାରଣରୁ ଗୁରୁବାର ଏୟାରଲାଇନ୍ସ କମ୍ପାନୀ ଇଣ୍ଡିଗୋର ୬୩ଟି ବିମାନକୁ ବାତିଲ କରାଯାଇଛି। ସେହିପରି ଅପରେସନ ଜନିତ ପ୍ରକ୍ରିୟା କାରଣରୁ ୪ ବିମାନର ଉଡାଣ ରଦ୍ଦ ହୋଇଛି। ଅଗରତାଲା, ଚଣ୍ଡିଗଡ଼, ଡେରାଡୁନ, ବାରଣାସୀ ଓ ବେଙ୍ଗାଲୁରୁ ବିମାନ ବନ୍ଦର କୁହୁଡି ଯୋଗୁଁ ପ୍ରଭାବିତ ହୋଇଛି। ଉତ୍ତରପ୍ରଦେଶର ଲକ୍ଷ୍ନୌ, ପ୍ରୟାଗରାଜ ସମେତ ୫୦ଟି ଉର୍ଦ୍ଧ୍ୱ ଜିଲ୍ଲାରେ ଘନ କୁହୁଡି ଦେଖା ଦେଇଥିଲା। କେତୋଟି ଜିଲ୍ଲାରେ ଦୃଶ୍ୟମାନ କ୍ଷମତା ଶୂନରେ ପହଞ୍ଚିଥିଲା। ଗତ ୩ ଦିନରେ ଶୀତ ଓ ପ୍ରବଳ ଥଣ୍ଡା କାରଣରୁ ୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଉତ୍ତର ଦିଗରୁ ଆସୁଥିବା ପବନ କାରଣରୁ ରାଜସ୍ଥାନରେ ଗୁରୁବାର ଶୀତ ଆହୁରି ବୃଦ୍ଧି ପାଇଛି। ସିକର ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରା ୨.୬ ଡିଗ୍ରୀରେ ପହଞ୍ଚିଛି। ସେହିପରି ମଧ୍ୟପ୍ରଦେଶର ପଚମାଢୀରେ ସର୍ବନିମ୍ନ ତାପମାତ୍ରା ୩.୮ ଡିଗ୍ରୀରେ ପହଞ୍ଚିଛି। ନୂଆବର୍ଷ ଆରମ୍ଭ ହେବା ପର୍ଯ୍ୟନ୍ତ ରାଜ୍ୟର ଏକାଧିକ ଅଞ୍ଚଳରେ ଶୀତର ପ୍ରକୋପ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି।

## ହମାସ ମୁଖ୍ୟଙ୍କୁ ହତ୍ୟା ପୂର୍ବରୁ ଭେଟିଥିଲେ ଗଡ଼କରୀ



ନୂଆଦିଲ୍ଲୀ, ୨୫ ।୧୨(ଏଜେନ୍ସି): କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ପୂର୍ବତନ ହମାସ ମୁଖ୍ୟ ଇସମାଇଲ ହାନିଆଙ୍କୁ ଭେଟିଥିଲେ। ଏକ ପୁସ୍ତକ ଉନ୍ମୋଚନ ଅବସରରେ ଗଡ଼କରୀ କହିଛନ୍ତି ଯେ ୨୦୨୪ରେ ଯେତେବେଳେ ସେ ଇରାନ ରାଷ୍ଟ୍ରପତିଙ୍କ ଶପଥଗ୍ରହଣ ଉତ୍ସବରେ ଯୋଗଦେବାକୁ ଯାଇଥିଲେ ସେତେବେଳେ ସେ ହାନିଆଙ୍କୁ ଭେଟିଥିଲେ। କିନ୍ତୁ କିଛି ଘଣ୍ଟା ପରେ ଇସ୍ରାଏଲ ତାଙ୍କୁ ହତ୍ୟା କରିଛି ବୋଲି ସୂଚନା ମିଳିଥିଲା। ହାନିଆ ଇରାନ ରାଷ୍ଟ୍ରପତି ମସୁଦ ପେଜସକିଆନଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବାକୁ ତେହେରାନ ଯାଇଥିଲେ। ସେଠାରେ ମିସାଇଲ ଆକ୍ରମଣରେ ତାଙ୍କୁ ହତ୍ୟା କରାଯାଇଥିଲା। ସେ ହମାସର ସବୁଠାର ବଡ଼ ନେତା ଥିଲେ ବୋଲି ଗଡ଼କରୀ କହିଛନ୍ତି। ଏହି ଶପଥ ଗ୍ରହଣ ଉତ୍ସବରେ ବିଶ୍ୱର ପ୍ରାୟ ସବୁ ଦେଶର ନେତା ଯୋଗ ଦେଇଥିଲେ। ସବୁ ଅତିଥିଙ୍କୁ ଏକ ପଞ୍ଚ ତାରକା ହୋଟେଲରେ ରଖାଯାଇଥିଲା। ତାଙ୍କ ହତ୍ୟା ପାଇଁ ଇସ୍ରାଏଲକୁ ଦାୟୀର କରିଥିଲା ଇରାନ।

# ଆମେରିକା ମିଛ ତଥ୍ୟ ଦେଉଛି: ଚୀନ



ବେଜିଂ, ୨୫।୧୨ (ଏଜେନ୍ସି): ଏବେ ଆମେରିକା ଚୀନ୍ ପଛରେ ପଡ଼ିଛି। ନିକଟରେ ପେଣ୍ଟାଗନ ପକ୍ଷରୁ ଜାରି ରିପୋର୍ଟରେ ଚୀନ୍ ବିରୋଧରେ ଭୟଙ୍କର ଅଭିଯୋଗ ଲଗାଯାଇଛି। ଏହି ରିପୋର୍ଟରେ ଭାରତକୁ କେନ୍ଦ୍ରରେ ରଖି ଅନେକ ଦାବି କରାଯାଇଥିଲା। ଭାରତ ସହ ସମ୍ପର୍କରେ ଚୀନ୍ ଦୋମୁହାଁ ନୀତି ଅବଲମ୍ବନ କରୁଥିବା କୁହାଯାଇଥିଲା। ପାକିସ୍ତାନ ସହ ମିଶି ଚୀନ୍ ଭାରତକୁ ଘେରିବା ପାଇଁ ଷଡ଼ଯନ୍ତ୍ର, ଅରୁଣାଚଳ ପ୍ରଦେଶ ହଡ଼ପ ପାଇଁ ଚାଲ୍, ଭାରତ-ଆମେରିକା ସମ୍ବନ୍ଧ ଖରାପ କରୁଥିବା ଅଭିଯୋଗ ଲଗା ଯାଇଥିଲା। ଏବେ ଏହାକୁ ନେଇ ଚୀନ୍ ଆମେରିକାକୁ ଦୃଢ଼ ଜବାବ ଦେଇଛି। ଚୀନ୍ ସ୍ପଷ୍ଟ କରିଛି ଯେ ଭାରତ ସହିତ ଦେଶର ସମ୍ପର୍କ ସୁଧୁରୁଛି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଭରସମା ମଜବୁତ ଏବଂ ମତଭେଦକୁ ଦୂର କରିବା ପାଇଁ ସମ୍ବାଦ ଆଗକୁ ବଢ଼ାଇବାକୁ ଚାହୁଁଛି। ଏଥିରେ କୌଣସି ପ୍ରକାରର ଷଡ଼ଯନ୍ତ୍ର କରାଯାଇ ନାହିଁ। ଏବେ ଏଲଏସିର ସ୍ଥିତି ସ୍ଥିର ରହିଛି। ଏହା ଦ୍ୱିପାକ୍ଷିକ ପ୍ରସଙ୍ଗ। ମାତ୍ର ଭାରତ-ଚୀନ୍ ସମ୍ପର୍କକୁ ଖରାପ କରିବାକୁ ଆମରିକା ପ୍ରୟାସ କରୁଛି। ଚୀନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଲିନ୍ ଜିଆନ୍ କହିଛନ୍ତି ଯେ ଭାରତ-ଚୀନ୍ ସୀମାରେ ସ୍ଥିତି ସ୍ଥିର ରହିଛି। ଦୁଇ ଦେଶ ମଧ୍ୟରେ ଯୋଗାଯୋଗର ପଥଗୁଡ଼ିକ ସଠିକ୍ ଭାବରେ କାର୍ଯ୍ୟ କରୁଛି। ଏହି ପ୍ରସଙ୍ଗରେ ଯେକୌଣସି ତୃତୀୟ ଦେଶର ଅନାବଶ୍ୟକ ମନ୍ତବ୍ୟକୁ ଚୀନ୍ ବିରୋଧ କରୁଛି। ଆମେରିକା ଜାଣିଶୁଣି ଚୀନ୍‌ର ପ୍ରତିରକ୍ଷା ନୀତିକୁ ଭୁଲ ଭାବେ ଚିତ୍ରଣ କରୁଛି। ଅନ୍ୟ ଦେଶ ସହ ଚୀନ୍‌ର ସମ୍ପର୍କକୁ ଖରାପ କରିବାକୁ ପ୍ରୟାସ କରାଯାଉଛି। ଅନ୍ୟ ଦେଶ ଉପରେ ନିଜ ସେନା ପ୍ରଭାବ ବଜାୟ ରଖିବା ପାଇଁ ଆମେରିକା ଏପରି କରୁଛି ବୋଲି ଚୀନ୍ ଅଭିଯୋଗ କରିଛି। ଏଭଳି ରିପୋର୍ଟ ଜାରି କରି ଭାରତ-ଚୀନ୍ ମଧ୍ୟରେ ଆମେରିକା ମୁହାଁମୁହିଁ ସ୍ଥିତି ସୃଷ୍ଟି କରିବାକୁ ଚାହୁଁଛି।

## ଗୋଆ ବିଶ୍ୱବିଦ୍ୟାଳୟ ଛାତ୍ର ପରିଷଦ ନିର୍ବାଚନରେ କଂଗ୍ରେସ-ଗୋଆ ଫରୱାର୍ଡ ମେଣ୍ଟ ବିଜୟୀ

ପଣଜୀ, ୨୫ ।୧୨(ଏଜେନ୍ସି): ଗୋଆ ବିଶ୍ୱବିଦ୍ୟାଳୟ ଛାତ୍ର ପରିଷଦ ନିର୍ବାଚନରେ କଂଗ୍ରେସ ଓ ଗୋଆ ଫରୱାର୍ଡ ମେଣ୍ଟ ବିଜୟ ହାସଲ କରିଛି। ଦୀର୍ଘ ୧୫ ବର୍ଷ ପରେ ଏହି ମେଣ୍ଟ ବାଜି ମାରିବାକୁ ସକ୍ଷମ ହୋଇଛି। ଗୋଆ ଫରୱାର୍ଡ ଦଳର ଅଧ୍ୟକ୍ଷ ବିଜୟ ସରଦେଶାଇ କହିଛନ୍ତି ଯେ, ଏହି ବିଜୟ ଏକତାର ଶକ୍ତି, ନିରନ୍ତର କଠିନ ପରିଶ୍ରମ ଓ ଛାତ୍ରମାନଙ୍କ ଦ୍ୱାରା ପ୍ରଗତିଶୀଳ ଦୃଷ୍ଟିକୋଣର ବିଶ୍ୱାସକୁ ପ୍ରତିଫଳିତ କରୁଛି। ଏହି ବିଜୟ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସହଯୋଗ ରାଜନୀତିକୁ ଦର୍ଶାଉଛି। ଏହି ବିଜୟ ମେଣ୍ଟକୁ ଆହୁରି ଶକ୍ତିଶାଳୀ କରିବା ସହ ମନୋବଳକୁ ବୃଦ୍ଧି କରିବ ବୋଲି ସେ କହିଛନ୍ତି। ଡିସେମ୍ବର ୨୩ରେ ଏହି ନିର୍ବାଚନ ହୋଇଥିଲା। କାର୍ଯ୍ୟକାରୀ କମିଟିର ୯ଟି ଆସନରୁ ୮ଟିରେ ମେଣ୍ଟ ବାଜି ମାରିଛି। ସାଇ ବାଲାଚନ୍ଦ୍ର ଦେଶାଇଙ୍କୁ ପରିଷଦର ଅଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଛି।

# ହାତ ମିଳାଇବେ ଦୁଇ ପାୱାର

ମୁମ୍ବଇ, ୨୫।୧୨ (ଏଜେନ୍ସି): ମହାରାଷ୍ଟ୍ର ରାଜନୀତିରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ୨୦ ବର୍ଷ ପରେ ଶିବସେନା ମୁଖ୍ୟ ଉଦ୍ଧବ ଠାକରେ ଏବଂ ତାଙ୍କ ଭାଇ ଏମଏନଏସ ମୁଖ୍ୟ ରାଜ ଠାକରେ ଏକାଠି ହୋଇ ମୁମ୍ବଇ ମହାନଗର ନିଗମ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି। ଏହାର ଦିନକ ପରେ ଏନ୍‌ସିପି ଗୋଷ୍ଠୀରୁ ମଧ୍ୟ ଏଭଳି ଭେଟଘାଟର ଖବର ଆସିଛି। ପୁଣି ଦାଦା-ପୁତାର ଏକାଠି ହେବାର ସମ୍ଭାବନା ରହିଛି। ଉପମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପି ମୁଖ୍ୟ ଅଜିତ ପାୱାର ଏବଂ ତାଙ୍କ ଦାଦା ତଥା ଏନସିପି ମୁଖ୍ୟ ଶରଦ ପାୱାର ପୁରୁଣା କଥାକୁ ଭୁଲି ଏକାଠି ହେବାର ସଙ୍କେତ ଦେଇଛନ୍ତି। ଜାନୁଆରୀ ୧୫ରେ ହେବାକୁ ଥିବା ପୁନେ ପୌର ପାଳିକା ନିର୍ବାଚନରେ ଦୁଇ ଗୋଷ୍ଠୀ ଏକାଠି ଲଢ଼ିପାରନ୍ତି। ଏଥିପାଇଁ ଉଭୟ ଗୋଷ୍ଠୀର ନେତାଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଏ କେତେ ଆସନରେ ଲଢ଼ିବ ତାହାକୁ ନେଇ ଚର୍ଚ୍ଚା ହେଉଛି। ଏପରି ହେଲେ ରାଜ୍ୟରେ ନୂଆ ସମୀକରଣ ସୃଷ୍ଟି ହେବ। ଏବେ ବିଜେପି ଉପରେ ସମସ୍ତଙ୍କ ନଜର ରହିଛି। କାରଣ କ୍ଷମତାସୀନ ମହାୟୁତି ମେଣ୍ଟରେ ସାମିଲ ହେବା ପାଇଁ ଦିନେ ଅଜିତ ଦାଦାଙ୍କ ସହ ବିଦ୍ରୋହ କରିଥିଲେ। ଅନେକ ବିଧାୟକଙ୍କୁ ଧରି ସରକାରରେ ସାମିଲ ହୋଇଥିଲେ।
ପୁନେ ପୌର ନିର୍ବାଚନରେ ଏକନାଥ ସିନ୍ଦେଙ୍କ ଶିବେସନା ୪୦ରୁ ୪୫ ଆସନ ଚାହୁଁଛି। ମାତ୍ର ଅଜିତ ଗୋଷ୍ଠୀ ଏତେ ଦେବାକୁ ଚାହୁଁନାହିଁ। ଏପଟେ ଆସନ ବଣ୍ଟନ ଚୂଡ଼ାନ୍ତ ହୋଇ ନ ଥିବାବେଳେ ସେପଟେ ଅଜିତ ଗୋଷ୍ଠୀ ଦାଦାଙ୍କ ଦଳ ସହ ଆଲୋଚନା ଆରମ୍ଭ କରିଛି। ତେବେ ଶରଦଙ୍କ ଦଳର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ଭଉଣୀ ସୁପ୍ରିୟା ସୁଲେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ବୁଧବାର ରାତିରେ ଏଥିପାଇଁ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା।

## ନାନ୍ଦେଡରେ କୃଷକଙ୍କ ପରିବାରର ସାମୂହିକ ଆତ୍ମହତ୍ୟା !

ନାନ୍ଦେଡ, ୨୫ ।୧୨(ଏଜେନ୍ସି): ମହାରାଷ୍ଟ୍ରର ନାନ୍ଦେଡ ଜିଲ୍ଲାରେ ଗୁରୁବାର ସକାଳେ ଜଣେ କୃଷକ, ତାଙ୍କ ପତ୍ନୀ ଓ ଦୁଇ ପୁଅଙ୍କ ମୃତଦେହ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଛି। ପୁଲିସ ଏହାକୁ ସାମୂହିକ ଆତ୍ମହତ୍ୟା ବୋଲି ଆଶଙ୍କା କରୁଛି। ୫୧ ବର୍ଷୀୟ କୃଷକ ରମେଶ ସୋନାଜି ଲାଖେ ଓ ପତ୍ନୀ ୪୫ ବର୍ଷୀୟା ରାଧାବାଇ ଲାଖେଙ୍କ ମୃତଦେହ ମୁଦଖେଡ ତହସିଲ୍‌ର ଜୱାଲ ମୁନାର ଗାଁରେ ତାଙ୍କ ଘରୁ ଉଦ୍ଧାର କରାଯାଇଥିଲା। ସେହିପରି ୨୫ ବର୍ଷୀୟ ପୁଅ ରମେଶ ଓ ୨୩ ବର୍ଷୀୟ ବରଙ୍ଗଙ୍କ ମୃତଦେହ ନିକଟସ୍ଥ ରେଳ ଲାଇନ୍‌ରୁ ଉଦ୍ଧାର କରାଯାଇଥିଲା। ଦୁଇଜଣ ଦ୍ରୁତଗତିରେ ଆସୁଥିବା ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବାର ସନ୍ଦେହ କରାଯାଉଛି। ଫରେନସିକ ଲାବୋରାଟୋରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ସମ୍ପୂର୍ଣ୍ଣ ବୈଷୟିକ ତଦନ୍ତ ଓ ମୃତଦେହ ବ୍ୟବଚ୍ଛେଦ ପରେ ସତ୍ୟ ସାମ୍ନାକୁ ଆସିବ ବୋଲି ପୁଲିସ କହିଛି।

# ‘ଦୁଷ୍କର୍ମ’ ନାମରେ ୧୦ କୋଟି ବଟି ଆଦାୟ; ଦୁଇ ମହିଳା ଗିରଫ



ମୁମ୍ବଇ, ୨୫।୧୨ (ଏଜେନ୍ସି): ମିଥ୍ୟା ଅଭିଯୋଗ ଲଗାଇ ଆଇନର ଅପବ୍ୟବହାର କରିବା ମାମଲା ସାରା ଦେଶରେ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ବଟି ଆଦାୟ ପାଇଁ ଆଇନର ଅପବ୍ୟବହାର କେମିତି କରାଯାଏ ତାହାର ଜ୍ୱଳନ୍ତ ଉଦାହରଣ ମୁମ୍ବଇରୁ ସାମ୍ନାକୁ ଆସିଛି। ଦୁଇ ଜଣ ମହିଳା ମିଥ୍ୟା ଦୁଷ୍କର୍ମ ଅଭିଯୋଗ ଲଗାଇ ୧୦ କୋଟି ଟଙ୍କା ବଟି ମାଗିବା ମାମଲାରେ ମୁମ୍ବଇ ପୁଲିସ ୨ ମହିଳାଙ୍କୁ ଗିରଫ କରିଛି। ହେମଲତା ଆଦିତ୍ୟ ପଟକର ଓରଫ ହେମଲତା ବାନେ (୩୯) ଏବଂ ଅମରିନା ଇକବାଲ ଜାଭେରି ଓରଫ ଅମିରନା ମାଥ୍ୟୁ ଫର୍ଣ୍ଣାଣ୍ଡିଜଙ୍କୁ ଟଙ୍କା ନେଉଥିବା ସମୟରେ ଆଣ୍ଟି-ଏକ୍ସଟୋର୍ସନ ସେଲ ଧରିଛି। ଉଭୟେ ଜଣେ ବ୍ୟବସାୟୀଙ୍କୁ ଫସାଇବାକୁ ପ୍ରୟାସ କରିଥିଲେ।
ସୂଚନା ଅନୁଯାୟୀ, ଗୋରେଗାଁଓ ୱେଷ୍ଟରେ ରହୁଥିବା ‘ଗୋୟଲ ଆଣ୍ଡ ସନ୍‌ସ ଇନଫ୍ରା ଏଲଏଲପି’ର ମାଲିକ ଅରବିନ୍ଦ ଗୋୟଲଙ୍କ ପୁଅ ରିତମଙ୍କୁ ଫସାଇବାକୁ ପ୍ରୟାସ କରିଥିଲେ। ନଭେମ୍ବର ୫ରେ ଯଶଭି ଶାହଙ୍କ ସହିତ ରିତମଙ୍କ ନିର୍ବନ୍ଧ ହୋଇଥିଲା। ନଭେମ୍ବର ୧୪ ରାତିରେ ଆମ୍ବୋଲି ଅଞ୍ଚଳର ଏକ ହୋଟେଲରେ ବିବାହ ଉତ୍ସବ ପାଳନ ପାଇଁ ଏକ ପାର୍ଟିର ଆୟୋଜନ କରାଯାଇଥିଲା। ଏଠାରୁ ଲିଫ୍ଟରେ ବାହାରୁଥିବା ସମୟରେ ଜଣେ ଅଜଣା ମହିଳା ପ୍ରବେଶ କରି ରିତମ୍ ତାଙ୍କ ଉପରେ ଲେଜର ଲାଇଟ୍ ପକାଇ ଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ବିବାଦ ହୋଇଥିଲା। ମହିଳା ଚିତ୍କାର କରିଥିଲେ। ଏହା ଶୁଣି ଲୋକ ରୁଣ୍ଡ ହୋଇ ଯାଇଥିଲେ। ପରେ ସେ ଯାଇ ଆମ୍ବୋଲି ଥାନାରେ ଦୁଷ୍କର୍ମ ମାମଲା ରୁଜୁ କରିଥିଲେ।
ତେବେ କିଛି ଦିନ ପରେ କୋର୍ଟ ବାହାରେ ମାମଲାର ଫଇସଲା ପାଇଁ ଦୁଇ ମହିଳା ବ୍ୟବସାୟୀଙ୍କ ଉପରେ ଚାପ ପକାଇ ଥିଲେ। ଏଥିପାଇଁ ଉଭୟେ ୧୦ କୋଟି ଟଙ୍କା ମାଗିଥିଲେ। ଡିସେମ୍ବର ୨୦ରେ ଅରବିନ୍ଦଙ୍କୁ ଏକ ହୋଟେଲକୁ ଡାକି ଟଙ୍କା ଦେବା ପାଇଁ ହେମଲତା ଧମକାଇଥିଲେ। ଏପରି ନ କଲେ ପୁଅ ଜୀବନ ଯାକ ଜେଲ୍‌ରେ ରହିବ ବୋଲି କହିଥିଲେ। ମୂଲଚାଲ ପରେ ୫.୫ କୋଟି ଦେବାକୁ ଛିଡ଼ି ଥିଲା। ମାତ୍ର ଏନେଇ ବ୍ୟବସାୟୀ ଥାନାରେ ଅଭିଯୋଗ କରିଥିଲେ। ବ୍ୟବସାୟୀଙ୍କଠୁ ଟଙ୍କା ନେଉଥିବା ବେଳେ ପୁଲିସ ଦୁଇ ମହିଳାଙ୍କୁ ଧରିଥିଲା। ଏହି ମାମଲାରେ ଉତ୍କର୍ଷ ନାମକ ଅଭିଯୁକ୍ତ ମଧ୍ୟ ସାମିଲ ରହିଛି।

## ଖୋର୍ଦ୍ଧା ମହୋତ୍ସବ ଉଦ୍‌ଯାପିତ

# ବିକଶିତ ଓଡ଼ିଶା ଗଠନରେ 'ସମୃଦ୍ଧ ଖୋର୍ଦ୍ଧା'ର ଭୂମିକା ମହତ୍ତ୍ୱପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ଖୋର୍ଦ୍ଧା, ୨୫ ।୧୨(ସମିସ): ଏଇ ଖୋର୍ଦ୍ଧା ପାଇକ ମାଟିର ଯୁବପିଢ଼ିଙ୍କ ହାତରେ ଆଗାମୀ ଦିନରେ ସେମିକଣ୍ଡକ୍ଟର୍ ଚିପ୍ ତିଆରି ହେବ। ଅଗ୍ନି, ପୃଥ୍ୱୀ, ଆକାଶ ଭଳି ମିସାଇଲ୍‌ରେ ଏହି ଚିପ୍ ବ୍ୟବହାର ହେବ। ୨୦୩୬ରେ ଯେତେବେଳେ ଆମେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଏକ ଶହ ବର୍ଷ ପୂର୍ତ୍ତି ପାଳନ କରିବା, ସେତେବେଳେ ଆମ ରାଜ୍ୟ ଦେଶର ପ୍ରଥମ ପାଞ୍ଚଗୋଟି ବିକଶିତ ରାଜ୍ୟ ଭାବେ ସ୍ଥାନ ପାଇବ। ଏହି ସ୍ୱପ୍ନକୁ ସାକାର କରିବା ପାଇଁ ରାଜ୍ୟ ସରକାର କାର୍ଯ୍ୟ କରିଆସୁଛନ୍ତି। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ପ୍ରତ୍ୟେକ ଜିଲ୍ଲା ସମୃଦ୍ଧ ହେବା ଆବଶ୍ୟକ। ତେଣୁ ଆଗାମୀ ଦିନରେ ସମୃଦ୍ଧ ଖୋର୍ଦ୍ଧା ଜିଲ୍ଲା ବିକଶିତ ଓଡ଼ିଶା ଗଠନ ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ବିଡିଏ ପଡ଼ିଆରେ ଆୟୋଜିତ ଖୋର୍ଦ୍ଧା ମହୋତ୍ସବର ଉଦ୍‌ଯାପନୀ ସଂଧ୍ୟାରେ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧା ଜିଲ୍ଲାକୁ ଏକ ବଡ଼ ଭେଟି ଦେଇଛନ୍ତି। ଜିଲ୍ଲାର ବିକାଶ ପାଇଁ ପ୍ରାୟ ୫୧୬କୋଟି ଟଙ୍କାର ବ୍ୟୟବରାଦରେ ୩୯ଟି ପ୍ରକଳ୍ପର ଶୁଭରମ୍ଭ କରିଛନ୍ତି। ଏଥିମଧ୍ୟରୁ ୩୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହେବା ସହିତ ୭ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରାଯାଇଛି। ଏହି




ପ୍ରକଳ୍ପମାନଙ୍କ ମଧ୍ୟରେ ରାସ୍ତା, ସ୍ୱାସ୍ଥ୍ୟ, ପରିବହନର ପ୍ରକଳ୍ପମାନ ସ୍ଥାନିତ ହୋଇଛି।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ, ଖୋର୍ଦ୍ଧା ମାଟି ହେଉଛି ବୀରମାଟି; ବଳିଦାନ, ତ୍ୟାଗ ଏବଂ ଶୌର୍ଯ୍ୟର ପ୍ରତୀକ। ଏକ ଲମ୍ବା ସମୟ ଧରି ଏହା ଓଡ଼ିଶା ଶାସନର ପ୍ରଶାସନିକ କେନ୍ଦ୍ର ହୋଇ ରହିଥିଲା। ସିପାହୀ ବିଦ୍ରୋହର ୪୦ବର୍ଷ ପୂର୍ବରୁ ୧୮୧୭ ମସିହାରେ ଏ ମାଟିର ବୀର ପାଇକ, ଚାଷୀ, ମୂଲିଆ, ସାଧାରଣ ଲୋକେ, ବର୍ବର ଇଂରେଜ ଶାସକ ବିରୁଦ୍ଧରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ଲଢ଼ିଥିଲେ। ଏହାର ବହୁ ପୂର୍ବରୁ ୧୮୦୪ ମସିହାରେ ଏହି ବିଦ୍ରୋହ କୁହୁଳିଥିଲା ଖୋର୍ଦ୍ଧାଗଡ଼ର ବାଳକ ରାଜା ମୁକୁନ୍ଦଦେବଙ୍କ ଚାଳକ ସଂଗ୍ରାମୀ ଜୟୀ

■ ପ୍ରାୟ ୫୧୬ କୋଟି ଟଙ୍କାର ବ୍ୟୟ ବରାଦରେ ୩୯ଟି ପ୍ରକଳ୍ପର ଶୁଭାରମ୍ଭ
■ ୩୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ୭ଟି ପ୍ରକଳ୍ପର ଶୁଭ ଉଦଘାଟନ

ରାଜଗୁରୁଙ୍କ ନେତୃତ୍ୱରେ। ପାଇକଙ୍କ ଏହି ବିଦ୍ରୋହ ବ୍ରିଟିଶ ସରକାରକୁ ସେ ସମୟରେ ବି ଦୋହଲାଇ ଦେଇଥିଲା। କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦେବ, ପୂର୍ବତନ ବିଧାୟକ ଦିଲୀପ ହରିଚନ୍ଦନ, ମହୋତ୍ସବ ସମ୍ପାଦକ ନରେନ୍ଦ୍ର ପୃଷ୍ଟି, ଜିଲ୍ଲାପାଳ ଅମୃତ ଋତୁରାଜ, ସିଡିଓ ଜ୍ୟୋତିଶଙ୍କର ସାହୁ, ବିଏମସି କମିଶନର ଚଞ୍ଚଳ ରାଣା ପ୍ରମୁଖ ମଞ୍ଚାସୀନ ଥିଲେ।

## ରାଜ୍ୟରେ ଥମୁନି ମହିଳା ହିଂସା

# ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ସଜବାଜ

ଭୁବନେଶ୍ୱର,୨୫ ।୧୨(ସମିସ): ନାବାଳିକା ଓ ମହିଳା ହିଂସା ପ୍ରସଙ୍ଗରେ ଅଠାକାଠିରେ ପଡ଼ିଛନ୍ତି ରାଜ୍ୟ ବିଜେପି ସରକାର। ରାଜ୍ୟରେ ସରକାର ପରିବର୍ତ୍ତନ ପରଠାରୁ ନିୟମିତ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ମାମଲା ସାରା ରାଜ୍ୟକୁ ଦୋହଲାଇ ଦେଉଛି। ଗତ କେଇଦିନର ବ୍ୟବଧାନରେ ଧଉଳି ଗଣଦୁଷ୍କର୍ମ ଓ ଚାନ୍ଦବାଲିରେ ଜଣେ ୧୦ ବର୍ଷିୟା ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ ଓ ପରେ ହତ୍ୟା ଘଟଣାକୁ ନେଇ ଏବେ ସାରା ରାଜ୍ୟ ହୁଲସ୍ଥୁଲ ହୋଇଛି। ଏହି ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ରାଜ୍ୟରେ ଭୁଶୁଡ଼ି ପଡ଼ିଥିବା ଆଇନ୍ ଶୃଙ୍ଖଳା ସ୍ଥିତିକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏହାସହିତ ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ଏହି ଘଟଣାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିବା ବେଳେ ଆସନ୍ତା ୨୭ ତାରିଖରେ ଚାନ୍ଦବାଲି ଗସ୍ତ କରିବେ ବୋଲି କହିଛନ୍ତି। ଏହା ବ୍ୟତୀତ ଗୁରୁବାର ବିଜେଡି ଓ କଂଗ୍ରେସ ଏହି ଘଟଣାରେ ଚାନ୍ଦବାଲି ବନ୍ଦ ପାଳନ କରିଛନ୍ତି, ସବୁ ଦିଗରୁ ଚାପ ସୃଷ୍ଟି ହେଉଥିବାରୁ ଆଇନଶୃଙ୍ଖଳାକୁ ନେଇ ସରକାର ଚିନ୍ତାରେ ପଡ଼ିଛନ୍ତି।

ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଭରତପୁର ଥାନାରେ ଜଣେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଜାତୀୟସ୍ତରରେ ପହଞ୍ଚିଥିଲା। ଏହପରେ ଗୋଟିଏ ପରେ ଗୋଟିଏ ଘଟଣା ସରକାରଙ୍କୁ ହରଡ଼ଘଣାରେ ପକାଇଛି। ବିରୋଧୀଙ୍କ ଅଭିଯୋଗ ଅନୁଯାୟୀ ବିଜେପି ସରକାର କ୍ଷମତାସୀନ ହେବା ପରେ ଓଡ଼ିଶାରେ ଆଇନ-ଶୃଙ୍ଖଳା ବ୍ୟବସ୍ଥା ପୁରାପୁରି ଭୁଷୁଡି ପଡ଼ିଛି। ରାଜ୍ୟ ଆଜି ଅରାଜକତା, ଭୟ ଏବଂ ଅସୁରକ୍ଷାର ଗଭୀର ଅନ୍ଧକାରରେ ବୁଡି ରହିଛି। ଦିନକୁ ଦିନ ଦୁଷ୍କର୍ମ, ଗଣଦୁଷ୍କର୍ମ, ମହିଳା ଓ ଶିଶୁମାନଙ୍କ ଉପରେ ହିଂସା,ଅତ୍ୟାଚାର, ହତ୍ୟା ଏବଂ ଆଦିବାସୀ, ଦଳିତ, ଶ୍ରମିକ ଏବଂ ଗରିବ ଲୋକଙ୍କ ଉପରେ ଆକ୍ରମଣ ବଢ଼ି ଚାଲିଛି। ଏହି ସବୁ ଘଟଣା ପରେ ସରକାର ଏବଂ ପୁଲିସ ପ୍ରଶାସନ ଅପରାଧୀମାନଙ୍କୁ ରୋକିବାରେ ପୁରାପୁରି ବିଫଳ ହୋଇଯାଇଥିବା ପରିଲକ୍ଷିତ ହୋଇଛି।

ଚାନ୍ଦବାଲି ଘଟଣା ପୂର୍ବରୁ ଭୁବନେଶ୍ୱର ନିକଟରେ ଧଉଳି ଠାରେ ଜଣେ ଯୁବତୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ସାମ୍ନାରେ ଗଣଦୁଷ୍କର୍ମ କରାଯାଇଥିଲା। ଏହି ଘଟଣାରେ ସରକାରଙ୍କ ବିଫଳତାକୁ ପ୍ରଶ୍ନ ଉଠିବା ସହ ରାଜଧାନୀର ନାକତଳେ କିପରି ଏଭଳି ଘଟଣା ଘଟାଇବାକୁ ଅପରାଧୀ ସାହସ ପାଇଲେ ତାକୁ ନେଇ ପ୍ରଶ୍ନ ଉଠିଥିଲା। ପୂର୍ବରୁ ଗୋପାଳପୁର ବେଳାଭୂମି ଠାରେ ଏହିଭଳି ବର୍ବର ଘଟଣା ମଧ୍ୟ ସାରା ରାଜ୍ୟକୁ ଦୋହଲାଇ ଦେଇଥିଲା। ପୁରୀ ଜିଲ୍ଲା ବାଲିହରଚଣ୍ଡିରେ ଏକ ଗଣଦୁଷ୍କର୍ମ ମାମଲା ଲୋକଙ୍କ ଛାତି ଥରାଇ ଦେଇଛି। ଏହି ତିନୋଟି ଘଟଣା କେବଳ ଉଦାହରଣ ମାତ୍ର। ବାଲେଶ୍ୱର ଏଫ୍‌ଏମ୍ ଛାତ୍ରୀ ଆତ୍ମଦାହ ଘଟଣା ବଳଙ୍ଗାରେ ଜଣେ ଯୁବତୀଙ୍କୁ ନିଆଁରେ ପୋଡ଼ି ହତ୍ୟା ଘଟଣା ଓଡ଼ିଶାର ଆଇନଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଇଛି। ଅପରାଧର ଗମ୍ଭୀରତା ଅନୁଯାୟୀ ଅପରାଧୀମାନଙ୍କୁ ଶୀଘ୍ର ଗିରଫ କରାଯାଉନି, ଦୃଢ଼ ତଦନ୍ତ ହେଉନି ଏବଂ କଠୋର ଶାସ୍ତି ମିଳୁନି ବୋଲି ବିରୋଧୀ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷରେ ପ୍ରତି ମାମଲାରେ ଅପରାଧୀ ଗିରଫ ହେଉଛନ୍ତି ବୋଲି ସରକାର ଦାବି କରୁଛନ୍ତି। କିନ୍ତୁ ଏଭଳି ଘଟଣା ବଢୁଥିବାରୁ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହେବା ସହ ନିଜର ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ଆମେରିକା ଜାରି କରିଥିବା ମାର୍ଗଦର୍ଶିକାରେ ଓଡ଼ିଶା ନାଁ ରହିବା, ଓଡ଼ିଶାର ଗରିମାକୁ ମାଟିରେ ମିଶାଇ ଦେଇଛି। ଚାନ୍ଦବାଲି ଘଟଣାକୁ ନେଇ ଏବେ ସବୁ ବିରୋଧୀ ଦଳ ସରକାରଙ୍କୁ ଘେରୁଥିବା ବେଳେ ସରକାର କେଉଁ ଉପାୟରେ ଏହି ଆକ୍ରମଣକୁ ପ୍ରତିହତ କରୁଛନ୍ତି, ତା ଉପରେ ଲକ୍ଷ୍ୟ ରହିଛି।

## ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା

# ୨୭ରେ ପିସିସି ପ୍ରତିନିଧିଙ୍କ ଚାନ୍ଦବାଲି ଗସ୍ତ

ଭୁବନେଶ୍ୱର,୨୫ ।୧୨(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲିଠାରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ପରେ ପିସିସିର ଏକ ପ୍ରତିନିଧି ଦଳ ଚାନ୍ଦବାଲି ଗସ୍ତ କରିବ ବୋଲି ସ୍ଥିର ହୋଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ପିସିସି ପ୍ରତିନିଧି ଦଳ ଚାନ୍ଦବାଲି ଯିବ ବୋଲି ଗୁରୁବାର ଦଳ ପକ୍ଷରୁ କୁହାଯାଇଛି। ଦଳ କହିଛି ଯେ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନାର ଏହା ଆଉ ଏକ ଉଦାହରଣ। ଉକ୍ତ ଦିବଙ୍ଗତ ନାବାଳିକାଙ୍କ ପରିବାରକୁ ସମବେଦନା ଜଣାଇବା ସହ ନାରୀ ନିର୍ଯାତନା ବିରୋଧରେ ଜନସଚେତନତା ସୃଷ୍ଟି କରିବାର ଲକ୍ଷ୍ୟ ନେଇ ପିସିସି ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୨୭ ତାରିଖ ପୂର୍ବାହ୍ନ ୯ଟାରେ କଂଗ୍ରେସ ଭବନରୁ ବାହାରି କଟକ, ସାଲେପୁର, କେନ୍ଦ୍ରାପଡ଼ା, ପଟାମୁଣ୍ଡାଇ, ଆଳି ଓ ରାଜକନିକା ହୋଇ ମଧ୍ୟାହ୍ନରେ ଚାନ୍ଦବାଲିରେ ପହଞ୍ଚିବ।

ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ପିସିସିର ପୂର୍ବତନ ସଭାପତି ଜୟଦେବ ଜେନା ଓ ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଓ ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ, ବିଧାୟକ ଅଶୋକ ଦାସ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ଅସିତ ପଟ୍ଟନାୟକ, ଅମୀୟ ମହାପାତ୍ର, କଟକ, କେନ୍ଦ୍ରାପଡ଼ା ଓ ଭଦ୍ରକର ଡିସିସି ସଭାପତିବୃନ୍ଦ ରହିବେ। ଅପରାହ୍ଣ ୩ଟାରେ ଉକ୍ତ ପ୍ରତିନିଧିଦଳ ଭଦ୍ରକ ଆସି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

## ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା

# ଶବ ଧରି ଫେରାର୍ ବେଳେ ଧରିଲେ ଗାଁ ଲୋକ

ଦେଓଗାଁ, ୨୫।୧୨(ସମିସ): ସ୍ତ୍ରୀକୁ ହତ୍ୟା କରିବା ପରେ ଶବ ଧରି ଫେରାର୍ ହେବାକୁ ଚେଷ୍ଟା କରୁଥିବା ଜଣେ ଯୁବକଙ୍କୁ ଗାଁଲୋକ ଧରି ପୁଲିସ ଜିମା ଦେବା ଭଳି ଘଟଣା ବଲାଙ୍ଗିର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଦେଓଗାଁ ଥାନା ତଥା ଗାଇବାହାଲ ପଞ୍ଚାୟତ ଜୁର୍ଲାକାନୀ ଗାଁରେ ଏହି ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଜୁର୍ଲାକାନୀ ଗାଁର ତପ ମଲ୍ଲିକ(୩୧)। ତପଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ପୁଲିସ୍। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ସ୍ୱାମୀ ମହାଦେବ ମଲ୍ଲିକକୁ ଗିରଫ କରିଛି। ସେ ବର୍ତ୍ତମାନ ଚିକିତ୍ସାଧୀନ ଅଛି। ହସ୍ପିଟାଲରୁ ଫେରିବା ପରେ ତାକୁ କୋର୍ଟଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ମଳୟରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି।

ସୂଚନାନୁସାରେ, ବୁଧବାର ବିଳମ୍ବିତ ରାତିରେ ମହାଦେବ ଓ ପତ୍ନୀ ତପଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଗଯାଇ ମହାଦେବ ଏକ ଟାଙ୍ଗିଆରେ ହାଣି ତାଙ୍କୁ ହତ୍ୟା କରିଥିଲା। ହତ୍ୟା ପରେ ଶବ ଧରି ଫେରାର୍ ହେବାକୁ ଚେଷ୍ଟା କରୁଥିବା ବେଳେ ଗାଁ ଲୋକଙ୍କ ହାବୁଡ଼ରେ ପଡ଼ିଯାଇଥିଲା। ଗାଁଲୋକ ତାକୁ କାବୁ କରି ଏକ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ସହ ପୁଲିସକୁ ଖବର ଦେଇଥିଲେ। ଦେଓଗାଁ ପୁଲିସ ଘଟଣାସ୍ଥଳରୁ ତାକୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଇଥିଲା। ସୁସ୍ଥ ହେବା ପରେ ତାକୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି।

ଅପରପକ୍ଷେ, ଗୁରୁବାର ସକାଳେ ବଲାଙ୍ଗିରରୁ ଏକ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅଭିଯୁକ୍ତ ମହାଦେବଙ୍କ ବଡ଼ଭାଇ ଉଦ୍ଧବଙ୍କ କହିବାନୁସାରେ, ମହାଦେବ ଘରଜ୍ୱାଇଁ ଭାବେ ମଦନପୁର ରାମପୁର ଥାନା କୁନ୍ଦେଇପାଲି ଗାଁରେ ସ୍ତ୍ରୀ ଓ ଏକ ଶିଶୁପୁତ୍ର ସହ ରହୁଥିଲା। ସେ ମାନସିକ ବିକାରଗ୍ରସ୍ତ ଥିବାରୁ ମଝିରେ ମଝିରେ ଜୁର୍ଲାକାନୀକୁ ଆସି ରହେ। କିଛି ଦିନ ହେଲା ସେ ଏଠାକୁ ଆସି ରହୁଥିବା ବେଳେ ତାକୁ ଚିକିତ୍ସା କରାଇବା ପାଇଁ ମହାଦେବର ସ୍ତ୍ରୀ ଓ ଶଶୁର ମଧ୍ୟ ଆସିଥିଲେ। ବୁଧବାର ରାତିରେ କୌଣସି କାରଣରୁ ବନ୍ଦ କୋଠରି ମଧ୍ୟରେ ସ୍ତ୍ରୀକୁ ଟାଙ୍ଗିଆରେ ଆକ୍ରମଣ କରିଥିଲା। ଶବ ଧରି ଫେରାର ମାରିବା ସମୟରେ ଗାଁ ଲୋକ କାବୁ କରିଥିଲେ।

## ଦାରିଙ୍ଗବାଡ଼ି ମାଷ୍ଟରପ୍ଲାନ ପ୍ରକଳ୍ପ ଟେଣ୍ଡର୍

# ହାଇକୋର୍ଟଙ୍କ ଅନ୍ତରୀଣ ସ୍ଥଗିତାଦେଶ

କଟକ,୨୫ ।୧୨(ସମିସ): କନ୍ଧମାଳ ଜିଲ୍ଲାରେ ଦାରିଙ୍ଗବାଡ଼ି ମାଷ୍ଟରପ୍ଲାନ ଅଧୀନସ୍ଥ ବିଭିନ୍ନ ସ୍ଥାନର ବିକାଶ ସମ୍ପର୍କିତ ସାନି ଟେଣ୍ଡର ଉପରେ ହାଇକୋର୍ଟ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି। ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ (କୋଠା-୨)ଙ୍କ ପକ୍ଷରୁ ଗତ ନଭେମ୍ବର ୧୮ରେ ଜାରି ଟେଣ୍ଡର ବିଡ୍ ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଅନ୍ତରୀଣ ସ୍ଥଗିତାଦେଶ ଜାରି ରହିବ ବୋଲି ହାଇକୋର୍ଟ କହିଛନ୍ତି। ଡି.କେ.ଇଞ୍ଜିନିୟରିଂ ଆଣ୍ଡ କନଷ୍ଟ୍ରକ୍ସନ୍ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିବା ସହ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଉପରୋକ୍ତ ପ୍ରକଳ୍ପ ପାଇଁ ପ୍ରଥମଥର ହୋଇଥିବା ଟେଣ୍ଡର୍‌ରେ ଆବେଦନକାରୀ ସଂସ୍ଥା ସର୍ବନିମ୍ନ ବିଡ୍ ଦାଖଲ କରି କାର୍ଯ୍ୟ ସମ୍ପାଦନ ପାଇଁ ମନୋନୀତ ହୋଇଥିଲା। କିନ୍ତୁ ଆବେଦନକାରୀଙ୍କୁ କୌଣସି ପକ୍ଷ ରଖିବାକୁ ସୁଯୋଗ ଦିଆନଯାଇ ବିଭାଗ ଦ୍ୱାରା ସମ୍ପୃକ୍ତ ସଂସ୍ଥାର କାର୍ଯ୍ୟଦକ୍ଷତା "ଅତ୍ୟନ୍ତ ଖରାପ ଓ ସନ୍ତୋଷଜନକ" ନୁହେଁ ବୋଲି ଦର୍ଶାଇ ଟେଣ୍ଡରକୁ ୨୦୨୫ ଅକ୍ଟୋବର ୨୩ରେ ବାତିଲ କରି ଦିଆଯାଇଥିଲା। ଏଥିସହ ନଭେମ୍ବର ୧୮ରେ ସାନି ଟେଣ୍ଡର୍ କରାଯାଇଥିଲା। ହେଲେ ସମ୍ପୃକ୍ତ ସଂସ୍ଥାକୁ ପକ୍ଷ ରଖିବାକୁ ସୁଯୋଗ ନଦେଇ ଏପରି ମନ୍ତବ୍ୟ ଭବିଷ୍ୟତର ଟେଣ୍ଡରରେ ଅଂଶଗ୍ରହଣକୁ ପ୍ରଭାବିତ କରିବ ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ମଣ୍ଡିରୁ ଉଠୁନି ଧାନ

# ପ୍ରତି ମଣ୍ଡିର ସମୀକ୍ଷା କରିବ କଂଗ୍ରେସ

ଭୁବନେଶ୍ୱର, ୨୫ ।୧୨(ସମିସ): ସରକାରଙ୍କ ପୂର୍ବ ନିଷ୍ପତ୍ତି ମୁତାବକ ନଭେମ୍ବର ୧ରୁ ମଣ୍ଡି ଖୋଲିବା କଥା। କିନ୍ତୁ ଏଥିରେ ପରିବର୍ତ୍ତନ କରି ସରକାର ବିଳମ୍ବରେ, ନଭେମ୍ବର ୨୦ରୁ ମଣ୍ଡି ଖୋଲିବାକୁ ନିର୍ଦ୍ଦେଶ ଦେଲେ; କିନ୍ତୁ ଦୁର୍ଭାଗ୍ୟର ବିଷୟ, ଏବେ ସୁଦ୍ଧା ୧୧ଟି ଜିଲ୍ଲାରେ ସମ୍ପୂର୍ଣ୍ଣ ଭାବେ ମଣ୍ଡି ଖୋଲାଯାଇନାହିଁ କିମ୍ବା ମଣ୍ଡିରୁ ଧାନ ଉଠୁନାହିଁ। ବର୍ତ୍ତମାନ ସରକାର ମିଲର୍‌ଙ୍କ ଚାପରେ ରହିଛନ୍ତି। ଇନପୁଟ୍ ସବ୍‌ସିଡି ବାବଦକୁ କ୍ୱିଣ୍ଟାଲ ପିଛା ୮୦୦ଟଙ୍କା ଦେଉଛୁ ବୋଲି ବାହାଦୂରୀ ମାରୁଥିବା ସରକାର ବାସ୍ତବ କ୍ଷେତ୍ରରେ ଫେଲ୍ ମାରିଛନ୍ତି। ଫଳରେ ଆଜି ଚାଷୀ ରାଜରାସ୍ତାରେ ବସିଛି। ଶୀଘ୍ର ଚାଷୀଙ୍କ ସମସ୍ୟା ଦୂର କରି ସରକାର ସୁରୁଖୁରୁରେ ଧାନକିଣା ପାଇଁ ପଦକ୍ଷେପ ନ ନେଲେ, ବ୍ୟାପକ ଆନ୍ଦୋଳନ କରିବ କଂଗ୍ରେସ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମବାୟ ସେଲ୍ ପ୍ରତି ଜିଲ୍ଲାସ୍ତରରେ ମଣ୍ଡି ସମୀକ୍ଷା କରି ସରକାରଙ୍କ ତ୍ରୁଟିକୁ ଉଜାଗର କରିବା ସହ ଚାଷୀଙ୍କ ହକ୍ ପାଇଁ ରାସ୍ତାକୁ ଓହ୍ଲାଇବ। ଦଳ ପକ୍ଷରୁ ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ତଥା ପିସିସି ସମବାୟ ପ୍ରକୋଷ୍ଠର ରାଜ୍ୟ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି, ଚାଷୀ ଶୀତ କାକରରେ ଖୋଲା ଆକାଶ ତଳେ ଦିନ ଦିନ ଧରି ବସି ରହୁଥିବା ବେଳେ ସେମାନଙ୍କ ଧାନ ଉଠୁନାହିଁ। ବହୁ ଚାଷୀଙ୍କୁ ଟୋକନ୍ ମଧ୍ୟ ମିଳୁନାହିଁ। କଟନୀଛଟନୀ ଚରମସୀମାରେ ପହଞ୍ଚିଛି। ପଞ୍ଜିକୃତ ଅନୁଯାୟୀ ଟୋକନ୍ ପିଛା କେତେ ଧାନ କିଣାଯିବ, ତାହାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଅନେକ ମଣ୍ଡିରେ ଏଫଏକ୍ୟୁ ଗ୍ରେନ୍ ଆନାଲାଇଜର୍ ମାଧ୍ୟମରେ ଧାନକିଣା ପରିମାଣକୁ ଜାଣିଶୁଣି କମାଇ ଦିଆଯାଉଛି। ଏହି ସବୁ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରାନଗଲେ, ଚାଷୀକୁଳ ବହୁ କ୍ଷତିର ସମ୍ମୁଖୀନ ହେବେ। ସରକାର ଧାନ କିଣା କ୍ଷେତ୍ରରେ ଯେତେ ସଫେଇ ଦେଲେ ମଧ୍ୟ ଧାନ କିଣାରେ ମହାଦୁର୍ନୀତି ହେଉଛି। ଯଦି ଚାଷୀକୁଳ ପାଇଁ ସରକାରଙ୍କର ତିଳେମାତ୍ର ସମବେଦନା ଅଛି, ତେବେ ନ୍ୟାୟୋଚିତ ଭାବେ ଚାଷୀଙ୍କ ସମସ୍ତ ବଳକା ଧାନକୁ କଟନୀଛଟନୀ ଆଳ ନ ଦେଖାଇ ନିର୍ଦ୍ଧାରିତ ଏମ୍ଏସ୍‌ପିରେ କ୍ରୟ କରନ୍ତୁ ବୋଲି ସେ କହିଛନ୍ତି।

ଏହାସହ ଅନ୍ୟ ବକେୟା ଜିଲ୍ଲାଗୁଡ଼ିକରେ ତୁରନ୍ତ ମଣ୍ଡି ଖୋଲି ଧାନ ବିକିବା ପାଇଁ ଚାତକ ପରି ବସି ରହିଥିବା ଚାଷୀଙ୍କଠାରୁ ସବୁ ବଳକା ଧାନକୁ କ୍ରୟ କରିବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି।

## ତାଳଚେର ଡବଲ ମର୍ଡର ଘଟଣା

# ୫ ସୁରକ୍ଷା କର୍ମଚାରୀ ଗିରଫ

ଅନୁଗୋଳ,୨୫ ।୧୨(ସମିସ): ତାଳଚେର ଡବଲ୍-ମର୍ଡର୍ ଘଟଣାରେ ତାଳଚେର ପୁଲିସ ଗୁରୁବାର ଟାୱାର ନିର୍ମାଣକାରୀ ସଂସ୍ଥା ଗ୍ରୋଟାମ ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ କମ୍ପାନୀର ୫ ସୁରକ୍ଷା କର୍ମଚାରୀଙ୍କୁ ଗିରଫ କରିଛି। ସେମାନେ ହେଲେ, ସମଲ ଥାନା ବିଲିଣ୍ଡା ଗ୍ରାମର କୁମର ସାହୁଙ୍କ ପୁଅ ଗଣେଶ୍ୱର ସାହୁ (୪୫), ବଅଁରପାଳ ଥାନା




ଲାଙ୍ଗୁଲିବେଡ଼ା ଗ୍ରାମର ଅଜୟ ସାହୁଙ୍କ ପୁଅ ଅଭିମନ୍ୟୁ ସାହୁ (୩୫), ତାଳଚେର ଥାନା ଲିଙ୍ଗରାକଟା ଗ୍ରାମର ବାଇଞ୍ଚା ପରିଡ଼ାଙ୍କ ପୁଅ ପର୍ଶୁରାମ ପରିଡ଼ା (୫୦), ବିହାର ବତରାମପୁର ଥାନା ସାୱାରାମପୁର ଖଣ୍ଡରୀ ଗ୍ରାମର ମଙ୍ଗଲ ମାଞ୍ଝୀଙ୍କ ପୁଅ କିଷାନ ମାଞ୍ଝୀ(୨୫) ଏବଂ ବିହାର ଜାଙ୍କିଡିହି ଥାନା ଅଞ୍ଚଳର ଲୋକି ମାଝୀଙ୍କ ପୁଅ ଅନାଦି ମାଝୀ(୪୮) । ଅଭିଯୁକ୍ତଙ୍କଠାରୁ ପୁଲିସ ଗୋଟିଏ ୧୨-ବୋର ଡବଲ୍ ବ୍ୟାରେଲ୍ ବନ୍ଧୁକ ଏବଂ ଖାଲି କାର୍ଟ୍ରିଜ୍ ଜବତ କରିଛି। ଅନୁଗୋଳଠାରେ ଏସ୍‌ପି ରାହୁଲ ଜୈନ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ବୁଧବାର ତାଳଚେର ଥାନା ଲିଙ୍ଗରାକଟା ଗାଁ ନିକଟ କେନାଲ ରାସ୍ତାରୁ ବୁଧବାର ସକାଳେ ଦୁଇ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସେମାନେ ହେଲେ ଲିଙ୍ଗରାକଟା ଗ୍ରାମର ଦିବ୍ୟରଞ୍ଜନ ପରିଡ଼ା ଓ ଭୋଗବେରେଣୀ ପଞ୍ଚାୟତ ନାରାୟଣଚନ୍ଦ୍ରପୁରର ଜନାର୍ଦ୍ଦନ ନାଏକ। ଗୁଳି କରି ଉଭୟଙ୍କୁ ହତ୍ୟା କରାଯାଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ହତ୍ୟାକାଣ୍ଡ ପରେ ଉକ୍ତ ଟାୱାର୍ ନିର୍ମାଣକାରୀ କମ୍ପାନୀ ପରିସରରୁ କର୍ମଚାରୀମାନେ ପଳାଇ ଯାଇଥିଲେ। ତେଣୁ ପୁଲିସର ସମସ୍ତ ସନ୍ଦେହ କମ୍ପାନୀ କର୍ମଚାରୀଙ୍କ ଉପରେ କେନ୍ଦ୍ରୀଭୂତ ହୋଇଥିଲା। ପୁଲିସ ଜଣେ ବ୍ୟକ୍ତିଙ୍କୁ ଧରିଆଣି ପଚରାଉଚରା କରିବାରୁ ସେ ସବୁ ସତ ଉଗାରି ଦେଇଥିଲା।

ଏସ୍‌ପିଙ୍କ ସୂଚନାନୁଯାୟୀ, ଗ୍ରୋଟାମ କମ୍ପାନୀର ଷ୍ଟକୟାର୍ଡରେ ବିଦ୍ୟୁତ ଟାୱାର୍ ସାମଗ୍ରୀ ଗଚ୍ଛିତ ଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଦିବ୍ୟରଞ୍ଜନ ପରିଡ଼ା ଓ ଜନାର୍ଦ୍ଦନ ନାଏକଙ୍କ ସମେତ ୧୦/୧୨ଜଣ ବ୍ୟକ୍ତି

### ୧୨-ବୋର ଡବଲ୍ ବ୍ୟାରେଲ୍ ବନ୍ଧୁକ, କାର୍ଟିଜ୍ ଜବତ

ଚୋରି କରିବା ଉଦ୍ଦେଶ୍ୟରେ ଉକ୍ତ ଷ୍ଟକ୍‌ୟାର୍ଡ ଭିତରକୁ ପଶିଥିଲେ। ସୁରକ୍ଷା କର୍ମୀ ଏବଂ ଷ୍ଟକୟାର୍ଡରେ ନିୟୋଜିତ ବନ୍ଧୁକଧାରୀ ସୁରକ୍ଷାକର୍ମୀ ଗଣେଶ୍ୱର ସାହୁ ସେମାନଙ୍କ ଗତିବିଧି ଲକ୍ଷ୍ୟ କରିଥିଲେ। ଏହି ସମୟରେ ବନ୍ଧୁକଧାରୀ ସୁରକ୍ଷା କର୍ମୀ ଗଣେଶ୍ୱର ସାହୁ ତାଙ୍କ ୧୨ ବୋର୍ ବନ୍ଧୁକରୁ ଗୁଳି ଚଳାଇଥିଲେ। ଗୁଳି ଦିବ୍ୟରଞ୍ଜନ ଓ ଜନାର୍ଦ୍ଦନଙ୍କ ଦେହରେ ବାଜିଥିଲା। ସେମାନେ ସେଠାରୁ ଦୌଡ଼ି ଯାଇ ଲିଙ୍ଗରାକଟା ଗାଁ ନିକଟ କେନାଲ ରାସ୍ତାରେ ପଡ଼ିଯାଇଥିଲେ। ସେଠାରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଗୁରବାର ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି।

# ବଅଁରପାଳ ପଞ୍ଚାୟତ ସମିତି ବୈଠକ



ବଅଁରପାଳ,୨୫ ।୧୨(ସମିସ): ବଅଁରପାଳ ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ବୈଠକ ବୁଧବାର ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ତପନ କୁମାର ଦେବତା, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ଛବି ମହୋନ ସାହୁ, ବିଡିଓ ଲୋଚନ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଆଗାମୀ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପ୍ରତି ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ସହ ପରିମଳ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ସମ୍ବନ୍ଧରେ ବିଡିଓ ବିସ୍ତୃତ ଆଲୋଚନା କରିଥିଲେ। ଏହି ଯୋଜନାର ମାର୍ଗଦର୍ଶିକା ଓ ପଞ୍ଚାୟତ ଦ୍ୱାରି ବାର୍ଷିକ ଓ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ପାଇଁ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଆର୍ଥିକ ଲକ୍ଷ୍ୟ ସମ୍ବନ୍ଧରେ ଅବଗତ କରି ଏହାର ୨, ୫ ଗୁଣ ଅନୁଦାନ ପାଇଁ ପ୍ରକଳ୍ପ ଅନୁମୋଦନ କରିବାକୁ ଅନୁରୋଧ କରିଥିଲେ। ପ୍ରତ୍ୟେକ ପଞ୍ଚାୟତରୁ ଗ୍ରାମସଭା ମାଧ୍ୟମରେ ଆସିଥିବା ପ୍ରକଳ୍ପ ତାଲିକାରୁ ମାର୍ଗଦର୍ଶିକା ଅନୁସାରେ ଗୃହୀତ ହେଉ ନ ଥିବା ପ୍ରକଳ୍ପକୁ ବାଦ ଦେଇ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ପାଇଁ ସଭାକୁ ଅନୁରୋଧ କରିଥିଲେ। ସ୍ୱାସ୍ଥ୍ୟ, ପ୍ରାଣୀସମ୍ପଦ, ମହିଳା ଏବଂ ଶିଶୁବିକାଶ, ଶିକ୍ଷା, ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଜିପିଡିଓ ସତ୍ୟବ୍ରତ ପ୍ରଧାନ ବିଭିନ୍ନ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ।

### ଗାଡ଼ି ପଲ୍ୟୁସନ୍ ପାଇଁ ଦଣ୍ଡ ୧୦ ହାଜର

# ଖଣି, କଳକାରଖାନା କରୁଥିବା ପ୍ରଦୂଷଣ ଫାଇନ୍ କେତେ?

ତାଲଚେର,୨୫ ।୧୨(ସମିସ): ଯେକୌଣସି ଗାଡ଼ିର ପଲ୍ୟୁସନ୍ ସାର୍ଟିଫିକେଟ୍ ନ କରି ରାସ୍ତାରେ ଚାଲିଲେ ପରିବହନ ବିଭାଗ ବାଇକ୍ ହେଉକି ବଡ଼ ଗାଡ଼ି, ମାଲିକଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଦେବେ ବୋଲି ନିୟମ ରହିଛି। ମାତ୍ର ଏଠାରେ ମୁଣ୍ଡ ଟେକିଥିବା ଏକାଧିକ କୋଇଲା ଖଣି ସମେତ କଳକାରଖାନାଗୁଡ଼ିକ ଦୀର୍ଘବର୍ଷ ଧରି ଯେଉଁ ପ୍ରଦୂଷଣ କରିଆସୁଛନ୍ତି, ଜଳ, ସ୍ଥଳ, ବାୟୁ ମଣ୍ଡଳ ଆଦି ପ୍ରଦୂଷିତ ହେଉଛି, ସେମାନଙ୍କ ପାଇଁ ଜରିମାନା କେତେ ବୋଲି ପ୍ରଦୂଷଣରେ ଜର୍ଜରିତ ତାଳଚେର ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି।

ତାଳଚେର ଓ କଣିହାଁ ଅଞ୍ଚଳରେ ହଜାର ହଜାର ଏକର ଜମି ନେଇ ତାଳଚେରରେ ୯ଟି କୋଇଲା ଖଣି ଥିବା ବେଳେ କଣିହାଁରେ ଗୋଟିଏ କୋଇଲା ଖଣି ଗଢ଼ି ଉଠିଛି। ଏହି କୋଇଲା ଖଣିଗୁଡ଼ିକରୁ ମାଟିକୁ କାଢ଼ି ନେବାପରେ ମାଟିତଳୁ ଦୈନନ୍ଦିନ ଲକ୍ଷଲକ୍ଷ ଟନ୍ କୋଇଲା ଉତ୍ପାଦନ କରାଯାଇଥାଏ। ଟ୍ରକ ଓ ଟ୍ରେନ୍ ଯୋଗେ ଏହି କୋଇଲାକୁ ବାହାରକୁ ରପ୍ତାନୀ କରାଯାଏ। ଦୈନିକ ୫ହଜାରୁ ଉର୍ଦ୍ଧ୍ୱ ଟ୍ରକ ଯୋଗେ ଓ ୮୦ରୁ ୯୦ଟି ୱାଗନ ଟ୍ରେନ୍ ଯୋଗେ କୋଇଲା ପରିବହନ କରାଯାଇଥାଏ। ଫଳରେ କୋଇଲା ସମେତ ଟ୍ରକ ଓ ଟ୍ରେନ୍ ଯୋଗେ ଯାତାୟାତ ରାସ୍ତା ବ୍ୟାପକ କୋଇଲା ଗୁଣ୍ଡ ଓ ପାଉଁଶ ମିଶ୍ରିତ ଧୂଳିଧୂଆଁରେ ଦିନ ସାଜିଥାଏ ରାତି। ଏଥିସହ କୋଇଲା ଖଣି ଖାତଗୁଡ଼ିକରେ ଏନଟିପିସି, ଭୂଷଣରୁ ଦୈନିକ କିଏ ପାଇପ୍ ଯୋଗେ ତ କିଏ ଟ୍ରକ ଯୋଗେ ଏହି କୋଇଲା ଖଣିର ଖାତଗୁଡ଼ିକରେ ପକାଇଥାନ୍ତି। ଫଳରେ ଆଜି ଜଳ, ସ୍ଥଳ, ବାୟୁ ଏଥିପାଇଁ ପ୍ରଦୂଷିତ। ଏହାଦ୍ୱାରା ତାଳଚେର ସମେତ ଏହାର ଆଖାପାଖ ଅଞ୍ଚଳ ପାଖାପାଖି ୨୦କିମି ବ୍ୟାପୀ କୋଇଲା ଗୁଣ୍ଡ ମିଶ୍ରିତ ଧୂଳିଧୂଆଁ ପାଉଁଶ ପ୍ରଦୂଷଣରେ ଅଞ୍ଚଳବାସୀ ଅଣନିଃଶ୍ୱାସୀ ହୋଇ ବିଭିନ୍ନ ମାରାତ୍ମକ ରୋଗର ଶିକାର ହୋଇ କେହି ଆରପାରିକୁ ଯାଇଥିବା ବେଳେ ଆଉ କେହି ଜୀବନ ସହ ସଂଗ୍ରାମ ଚଳାଇଥିବା ଘଟଣା ଘଟି ଚାଲିଛି। ଏହି ବ୍ୟାପକ ପ୍ରଦୂଷଣ ପାଇଁ ୩୦ରୁ ୪୦ବର୍ଷ ମଧ୍ୟରେ ଯୁବକମାନେ ଟିବି, ହୃଦଘାତ,



କିଡ୍‌ନୀ, କର୍କଟ, ଚକ୍ଷୁ, ଲଙ୍ଗସ ଭଳି ମାରାତ୍ମକ ରୋଗରେ ପୀଡ଼ିତ ହୋଇ ଜୀବନ ହାରି ଦେଉଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠେ ତାଳଚେରରେ ଗଢ଼ି ଉଠିଥିବା କୋଇଲା ଖଣି ସମେତ ଅନେକ କଳକାରଖାନା ଏତେଶୟ ପ୍ରଦୂଷଣ କରି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଥିଲେ ମଧ୍ୟ ଅନୁଗୋଳ ଜିଲ୍ଲା ସମେତ ରାଜ୍ୟ ଓ କେନ୍ଦ୍ରରେ ପଲ୍ୟୁସନ୍ ବୋର୍ଡ ଥାଇ କରୁଛି କ'ଣ? ଏଠି କୋଇଲା ଖଣି ଓ କଳକାରଖାନା କରୁଥିବା ପ୍ରଦୂଷଣ ପାଇଁ କେତେ ଟଙ୍କା ଫାଇନ ଦେବେ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଟ୍ରାକ୍ଟର ଧକ୍କାରେ ଶିଶୁ ମୃତ; ମା' ଗୁରୁତର

କିଶୋରନଗର,୨୫ ।୧୨(ସମିସ): କିଶୋରନଗର ଥାନା କରମଲକଟା ଗାଁରେ ଗୁରୁବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ଟ୍ରାକ୍ଟର ଧକ୍କାରେ ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ବେଳେ ତାଙ୍କ ମା' ଗୁରୁତର ଆହତ ହୋଇଛନ୍ତି। ମା'-ପୁଅ ଡ୍ରେନ କଡ଼ରେ ବସିଥିବା ବେଳେ ଏକ ଟ୍ରାକ୍ଟର ଆସି ସେମାନଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ପୁଅ ଶ୍ରୀରାମ ଦେହୁରୀ (୪)ଙ୍କ ମୃତ୍ୟୁ ଘଟିଥିଲା। ମା'ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ପୁଲିସ ଟ୍ରାକ୍ଟର ଜବତ କରିବା ସହ ଚାଳକ ଅନୀଲ ଦେହୁରୀଙ୍କୁ ଗିରଫ କରିଛି।

# ସେବା କାର୍ଯ୍ୟରେ ୩୦ ବର୍ଷ ପୂର୍ଣ୍ଣ କଲେ କ୍ଷୀରୋଦ





ଅନୁଗୋଳ ସହର,୨୫ ।୧୨(ସମିସ): ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମର ସ୍ୱର୍ଗତ ଦୁର୍ଯ୍ୟୋଧନ ସାହୁ ଓ ମାଳତୀ ସାହୁଙ୍କ ପୁଅ କ୍ଷୀରୋଦ ସାହୁ ସାମାଜିକ କାର୍ଯ୍ୟ କ୍ଷେତ୍ରରେ ୩୦ ବର୍ଷ ପୂର୍ଣ୍ଣ କରିଛନ୍ତି। ମାତ୍ର ୧୯ ବର୍ଷ ବୟସରେ ୧୯୯୫ ମସିହାରେ ପ୍ରଥମେ ସେ ସ୍ଥାନୀୟ ବଲଣ୍ଡା ନିକଟ ବଗାଧର କୁଷ୍ଠ କଲୋନୀରେ ରୋଗୀଙ୍କ ସ୍ୱାସ୍ଥ୍ୟସେବା ଓ ସେମାନଙ୍କ ପିଲାମାନଙ୍କୁ ଶିକ୍ଷାଦାନ କରି ସାମାଜିକ କାର୍ଯ୍ୟ ଆରମ୍ଭ କରିଥଲେ। ପରେ ସେଣ୍ଟ୍ରାଲ ହସ୍ପିଟାଲରେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୁଝି ଡାକ୍ତରଙ୍କ ସହ କଥା ହୋଇ ଉତ୍ତମ ଚିକିତ୍ସା ନିମନ୍ତେ ରକ୍ତ ଯୋଗାଡ଼, ସ୍ଥାନାନ୍ତରିତ ରୋଗୀଙ୍କ ସହିତ ଯାଇ କଟକ ଓ ଭୁବନେଶ୍ୱରର ବିଭିନ୍ନ ମେଡିକାଲରେ ଭର୍ତ୍ତି କରିବାରେ ସହଯୋଗ କରିଥାନ୍ତି। ତାଳଚେରରେ ଥିବା ଆଦିବାସୀ ବସ୍ତିକୁ ଯାଇ ପିଲାମାନେ କିପରି ପାଠ ପଢ଼ିବା ପାଇଁ ବିଦ୍ୟାଳୟକୁ ଯାଇପାରିବେ ସେ ନେଇ ସଚେତନ କରିଥାନ୍ତି। ଏହାସହ ଚାରା ରୋପଣ କରି ପରିବେଶ ସୁରକ୍ଷା ଦିଗରେ ମଧ୍ୟ ତାଙ୍କର ଯଥେଷ୍ଟ ଅବଦାନ ରହିଛି। ଆଠମଲ୍ଲିକ ବସ ଦୁର୍ଘଟଣା, କଟକ ମହାନଦୀରେ ମହାରାଜ ବସ ଦୁର୍ଘଟଣା ଓ ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାସ୍ଥଳରେ ପହଞ୍ଚି ସହଯୋଗ କରିବା ସହ ରୋଗୀଙ୍କୁ ମାଗଣା ଅକ୍ସିଜେନ୍ ଯୋଗାଇବା, ଗରିବ ବ୍ୟକ୍ତିଙ୍କୁ ମାଗଣା ଚକ୍ଷୁ ଅସ୍ତ୍ରୋପଚାର, ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କୃତ୍ରିମ ଗୋଡ଼, ଆଶାବାଡ଼ି ପ୍ରଦାନରେ ସହଯୋଗ କରି ଆସୁଛନ୍ତି। ଦୁର୍ଘଟଣାଗ୍ରସ୍ତ ପଶୁପକ୍ଷୀଙ୍କ ଚିକିତ୍ସା କରିବା ସହିତ ବନ୍ୟା, ବାତ୍ୟା ସମୟରେ ପହଞ୍ଚି ଖାଦ୍ୟ ବଣ୍ଟନ ମଧ୍ୟ କରିଥାନ୍ତି। ଅଚିହ୍ନା ଶବ ସତ୍କାର କରିବା ସହ କରୋନା ମହାମାରୀ ସମୟରେ ଘର ଘର ବୁଲି ଅକ୍ସିମିଟରରେ ଅକ୍ସିଜେନ ସାଚୁରେସନ ମାପିବା, ମାସ୍କ ବଣ୍ଟନ ଆଦି ଅନେକ କାର୍ଯ୍ୟ କରିଛନ୍ତି। ଦୀର୍ଘ ୩୦ ବର୍ଷ ସାମାଜିକ କାର୍ଯ୍ୟ କରି ବିଭିନ୍ନ ସମୟରେ ସେ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଆଗାମୀ ଦିନରେ ଅବହେଳିତ ଲୋକଙ୍କ ସେବା ଜାରି ରହିବ ବୋଲି ସେ କହିଛନ୍ତି।

# ଶୀତରେ ଥରୁଛି ସାରା ତାଳଚେର



ତାଳଚେର,୨୫ ।୧୨(ସମିସ): ରାତିରେ ପାରଦ ତଳମୁହାଁ ରହୁଥିବା ବେଳେ ଲୋକେ ଶୀତକାକରରେ ଘରୁ ଗୋଡ଼ କାଢ଼ିବାକୁ ଉଚିତ ମନେକରୁ ନାହାନ୍ତି। ଗତବର୍ଷ ତୁଳନାରେ ଚଳିତବର୍ଷ ଶୀତର ପ୍ରକୋପ ଅଧିକ ରହିଥିବା କୁହାଯାଉଛି। ଆଉ ଦୁଇଦିନ ମଧ୍ୟରେ ଶୀତର ବୃଦ୍ଧି ସହ ପୂର୍ବ ରେକର୍ଡ ଭାଙ୍ଗିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଶୀତ ସହ ସନ୍ଧ୍ୟାରୁ ଘନ କୁହୁଡ଼ି ମଧ୍ୟ ଦେଖିବାକୁ ମିଳୁଛି। ସନ୍ଧ୍ୟା ୭ଟା ପରେ ଓ ସକାଳ ୮ଟା ପର୍ଯ୍ୟନ୍ତ ଘରୁ ଗୋଡ଼ କାଢ଼ିବା ସମ୍ଭବ ହେଉନାହିଁ। ତାଳଚେର ଅଞ୍ଚଳରେ ଶ୍ୱାସରୋଗୀ ଅଧିକ ରହୁଥିବା ବେଳେ ଜଳବାୟୁ, ଧୂଳିଧୂଆଁ ଓ ଶୀତପ୍ରକୋପ ଯୋଗୁଁ ସେମାନଙ୍କ ଜୀବନ ଦୁର୍ବିସହ ହୋଇପଡୁଛି। ଅନୁଗୋଳରେ ଗତବର୍ଷ ଡିସେମ୍ବର ୨୪ରେ ସର୍ବନିମ୍ନ ତାପମାତ୍ରା ୧୨.୬ ଡିଗ୍ରୀ ରହିଥିବା ବେଳେ ଚଳିତବର୍ଷ ୯.୬ ଡିଗ୍ରୀ ସେଲସିଅସ୍ ରେକର୍ଡ କରାଯାଇଛି।

### ଅଟଳ ସ୍ମୃତି ସମ୍ମିଳନୀ ପାଳିତ

# 'ଅଟଳ ଥିଲେ ଭାରତୀୟ ଗଣତନ୍ତ୍ରର ଜୀବନ୍ତ ପ୍ରତୀକ'



ଅନୁଗୋଳ,୨୫ ।୧୨(ସମିସ): ଅନୁଗୋଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମଦିନ ଅବସରରେ ଅଟଳ ସ୍ମୃତି ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ଅଟଳଜୀ କେବଳ ଜଣେ ପ୍ରଧାନମନ୍ତ୍ରୀ ନୁହେଁ, ସେ ଥିଲେ ଭାରତୀୟ ଗଣତନ୍ତ୍ରର ଜୀବନ୍ତ ପ୍ରତୀକ ବୋଲି କହିଥିଲେ। ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ ସମ୍ମିଳନୀରେ ଅଧ୍ୟକ୍ଷତା କରି ବାଜପେୟୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ବରିଷ୍ଠ ନେତା ଦିଲୀପ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଗୋପବନ୍ଧୁ ଗଡ଼ନାୟକ, ସୁଜାତା ଦାସ, ବସନ୍ତ ମଞ୍ଜୁରୀ ପ୍ରଧାନ, ସରୋଜ ଜେନା, ଅର୍ଜୁନ କିସ୍କୁ, ଦିଲୀପ ଦାସ, ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ତ ବେହେରା, ପ୍ରକାଶ ସିଂହ, ବିଭୂତି ସାହୁ, ପ୍ରସନ୍ନ ନାଏକ, ରୁଚିର ନନ୍ଦ, ସରିତା ମିଶ୍ର, ମିଲାପ ପ୍ରଧାନ, ପବନ ମାଣ୍ଡୋଟିଆଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସୁଶାସନ ସପ୍ତାହରେ ଉପଖଣ୍ଡସ୍ତରୀୟ କର୍ମଶାଳା

ତାଳଚେର,୨୫ ।୧୨(ସମିସ): ଡିସେମ୍ବର ୧୯ରୁ ୨୫ ପର୍ଯ୍ୟନ୍ତ ପାଳିତ ହେଉଥିବା ସୁଶାସନ ସପ୍ତାହ ଅବସରରେ ତାଳଚେର ଉପଖଣ୍ଡ ସ୍ତରରେ ଏକ କର୍ମଶାଳା ଆୟୋଜିତ ହୋଇଛି। ଉପଖଣ୍ଡ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ କର୍ମଶାଳାରେ ସୁଶାସନ, ପ୍ରଶାସନିକ ସ୍ୱଚ୍ଛତା ଓ ଜନସେବାର ଗୁଣାତ୍ମକ ମାନ ବିଷୟରେ ଆଲୋଚନା କରାଯାଇଥିଲା। ଡେପୁଟି



କଲେକ୍ଟର ମାନସ ରଞ୍ଜନ ସେଠ, ସହକାରୀ ଜିଲ୍ଲାପାଳ ନିବେଦିତା ନାୟକ, ସହକାରୀ ଯୋଗାଣ ଅଧିକାରୀ ଲିପ୍ସାରାଣୀ ରାଉତ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ନଗେନ ଶତପଥୀ ଉପସ୍ଥିତ ରହି ସୁଶାସନର ଲକ୍ଷ୍ୟ ଓ ସରକାରୀ ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ଆଲୋକପାତ କରିଥିଲେ।

# ଜିଲ୍ଲାସ୍ତରୀୟ 'ସୁଶାସନ ଦିବସ' ପାଳିତ



ଅନୁଗୋଳ,୨୫ ।୧୨(ସମିସ): ଗୁରୁବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସଶକ୍ତ ଭାରତ ଗଠନରେ ବାଜପେୟୀଙ୍କ ଅତୁଳନୀୟ ଅବଦାନ ରହିଛି ବୋଲି କହିଥିଲେ। ବାଜପେୟୀ କେବଳ ଜଣେ ବିଚକ୍ଷଣ ରାଜନେତା ନ ଥିଲେ ବରଂ ରାଜନୀତିରେ ନୈତିକତା, ସ୍ୱଚ୍ଛତା ଏବଂ ଆଦର୍ଶର ସେ ଥିଲେ ପ୍ରତୀକ। ତାଙ୍କ ଶାସନର ମୂଳମନ୍ତ୍ର ଲୋକସେବା ଥିଲା ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଶାସକ ଡ. ଧରଣୀଧର ନାଥ ଯୋଗଦେଇ ବାଜପେୟୀଙ୍କ ଜୀବନୀର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ଅନୁଗୋଳ ତହସିଲଦାର ଆଲୋକ କୁମାର ଦେହୁରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି ଯୋଗଦେଇ ବାଜପେୟୀଙ୍କ ଜୀବନୀ ଓ ନୀତିଆଦର୍ଶ ଆଗାମୀ ପିଢ଼ି ପାଇଁ ପ୍ରେରଣଦାୟକ ହେବ ବୋଲି କହିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ୍ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନମ୍ ସ୍ମିତା ସାହୁ, ସମାଜ ମଙ୍ଗଳ ଅଧିକାରିଣୀ ବିଜୟଲକ୍ଷ୍ମୀ ନିଶାଙ୍କଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

# ଠାକୁରଗଡ଼ରେ ରକ୍ତଦାନ ଶିବିର



କିଶୋରନଗର,୨୫ ।୧୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଲକ୍ଷ୍ମୀ ବଜାର କମିଟି ଆନୁକୂଲ୍ୟରେ ଲକ୍ଷ୍ମୀ ମଣ୍ଡପରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇ ଆଠମଲ୍ଲିକ ରକ୍ତକେନ୍ଦ୍ରକୁ ପ୍ରଦାନ କରାଯାଇଛି। ଆଠମଲ୍ଲିକ ଏସଡିପିଓ ସୁଶାନ୍ତ କୁମାର ତାଉଡିଆ, ଆଠମଲ୍ଲିକ ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ରକ୍ତଦାତା ସଂଘ ସଭାପତି ଶତ୍ରୁଘ୍ନ ସାହୁ, ସମାଧାନର ସମ୍ପାଦକ ବିନୟ ପଟ୍ଟନାୟକ, ଲକ୍ଷ୍ମୀ ବଜାର ପୂଜା କମିଟି ସଭାପତି ସନ୍ତୋଷ କୁମାର ସାହୁ ଉପସ୍ଥିତ ରହି ଶିବିରକୁ ଉଦଘାଟନ କରିଥିଲେ। ଆଠମଲ୍ଲିକ ରକ୍ତକେନ୍ଦ୍ରର ଡା. କୁମାର ସୌରଭ ସବ୍ୟସାଚୀ ବେଉରା ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ଟେକ୍ନିସିଆନ ମୁକେଶ କୁମାର ଦେହୁରୀ, ସୁଶାନ୍ତ ସାହୁ, ନର୍ସ ଅଫିସର ପ୍ରିୟଦର୍ଶିନୀ ସାହୁ ରକ୍ତ ସଂଗ୍ରହ କରିଥିଲେ। ଅଫିସ କର୍ମଚାରୀ ରାକେଶ କୁମାର ଦତ୍ତ ନାମ ପଞ୍ଜୀକରଣ କରିଥିଲେ। ମନୋରଞ୍ଜନ ବେହେରା, ବିନୟ କୁମାର ବିଶ୍ୱାଳ ସହଯୋଗ କରିଥିଲେ। ପ୍ରବର୍ତ୍ତକ ରାଧାମୋହନ ତ୍ରିପାଠୀ, ବିନୟ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ଲକ୍ଷ୍ମୀପୂଜା କମିଟି ସଭାପତି ସନ୍ତୋଷ ସାହୁ, ଉପସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ସମ୍ପାଦକ ତଥା ରକ୍ତଦାତା ସଂଘ ସଭାପତି ଶତ୍ରୁଘ୍ନ ସାହୁ, ସହସମ୍ପାଦକ ବିଭୂତି ସେନାପତି, କୋଷାଧ୍ୟକ୍ଷ ମନୋଜ ସାହୁ, ସୌରଭ ମିଶ୍ର, ଶୁଭ୍ରକାନ୍ତ ପ୍ରଧାନ, ଅନାମ ସ୍ୱାଇଁ, ଅଶ୍ୱିନୀ ସ୍ୱାଇଁ, ସଞ୍ଜୀବ, ସାହିଲ, ହରିଶ, ରିତେଶ ସହଯୋଗ କରିଥିଲେ।

# ପ୍ରଜ୍ଞା ଜାଗୃତି ଶିକ୍ଷା ନିକେତନର ବାର୍ଷିକ ଉତ୍ସବ

ବଅଁରପାଳ,୨୫ ।୧୨(ସମିସ): ବଅଁରପାଳ ବ୍ଲକ ଫୁଲପଡ଼ାରେ ଥିବା ପ୍ରଜ୍ଞା ଜାଗୃତି ଶିକ୍ଷା ନିକେତନର ଷୋଡ଼ଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସାଂସଦ ରୁଦ୍ରନାରାୟଣ ପାଣି, ମୁଖ୍ୟବକ୍ତା ଭାବେ ସମାଜସେବୀ ହେମନ୍ତ ଧର, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ଦାସ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସୁପରାମର୍ଶ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟା ସଙ୍ଘମିତ୍ରା ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ସମ୍ପାଦକ ସୁଶାନ୍ତ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ଅନୁଗୋଳ ସାହିତ୍ୟ ସଂସଦର ଶିଶିର ଉତ୍ସବ




ଅନୁଗୋଳ,୨୫ ।୧୨(ସମିସ): ସ୍ଥାନୀୟ ରୋଟାରୀ ପବ୍ଲିକ ସ୍କୁଲରେ ଅନୁଗୋଳ ଜିଲ୍ଲା ସାହିତ୍ୟ ସଂସଦ ପକ୍ଷରୁ ଶିଶିର ଉତ୍ସବ ଆୟୋଜିତ ହୋଇଛି। ସରାଙ୍ଗ ଆଇଜିଆଇଟି କମ୍ପ୍ୟୁଟର ବିଭାଗ ମୁଖ୍ୟ ପ୍ରଫେସର ଶ୍ରୀନିବାସ ସେଠୀ ଏହାକୁ ଉଦଘାଟନ କରି କୃତ୍ରିମ ବୁଦ୍ଧିମତା ଉପରେ ନିଜ ଅଭିମତ ରଖିଥିଲେ। କୃତ୍ରିମ ବୁଦ୍ଧିମତାକୁ ନେଇ ବିଦେଶରେ ଥିବା ଭାରତୀୟମାନେ ଏବେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏଆଇ ଯୋଗୁଁ ଚାକିରି ହରାଇବା ଆଶଙ୍କା ଉପୁଜିଛି। କିନ୍ତୁ ମଣିଷ ପ୍ରକୃତ ବୁଦ୍ଧିମତାର ସହ ଏଆଇକୁ ପ୍ରୟୋଗ କଲେ ଏହା ମାନବ କଲ୍ୟାଣ ସାଧନ କରିପାରିବ। ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ, କୃଷି, ସାଇବର ସୁରକ୍ଷା କ୍ଷେତ୍ରରେ ଏହା ଅମୋଘ ଅସ୍ତ୍ର ଭଳି କାର୍ଯ୍ୟ କରି ଆସୁଛି। ତେଣୁ ଏଆଇର କ୍ଷତିକାରୀ ଦିଗ ପ୍ରତି ଧ୍ୟାନ ନ ଦେଇ ଏହା କିଭଳି ସମାଜର ବୃହତ୍ତର ହିତ ସାଧନ କରିବ ସେଥିପ୍ରତି ବିଶେଷଜ୍ଞ ଓ ବୈଜ୍ଞାନିକମାନେ ଧ୍ୟାନ ଦେବା ଉଚିତ୍ ବୋଲି ସେ ପ୍ରକାଶ କରିଥିଲେ। ଏଆଇ ଯେତେ ଚମତ୍କାରିତା ସୃଷ୍ଟି କଲେ ମଧ୍ୟ ସାହିତ୍ୟର ସ୍ଥାନ ନେଇପାରିବ ନାହିଁ। କାରଣ ଏଥିରେ କବି ବା ଲେଖକର ଆବେଗ ଓ ସମ୍ମୋହନ ମିଳିବ ନାହିଁ ବୋଲି ସାହିତ୍ୟ ସଂସଦ ସଭାପତି ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ଦାସ ମତ ଦେଇଥିଲେ। ବିଶିଷ୍ଟ ଅତିଥି ରୂପେ ଶିକ୍ଷାବିତ୍ ଶାନ୍ତନୁ କୁମାର ସର ଯୋଗଦେଇ ବିଦେଶରେ ଏବେ ଏଆଇକୁ ଉପଯୋଗ କରି ମଣିଷ କିଭଳି ଅନେକ ସୁଖସୁବିଧା ପାଇପାରୁଛି ତାହା ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ସଂସଦର ସମ୍ପାଦକ ରାଧାକାନ୍ତ ମହାନ୍ତି ଶିଶିର ଉତ୍ସବର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଶିବରାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଲତିକା ମହାପାତ୍ର ଓ ନୀହରିକା ସାହୁଙ୍କ ସଂଯୋଜନାରେ ୪୦ରୁ ଉର୍ଦ୍ଧ୍ୱ କବି ସାମ୍ପ୍ରତିକ ସମାଜର ବିଭିନ୍ନ ବୈଶିଷ୍ଟ୍ୟ ଉପରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ।

ସକାଳ THE SAKALA

ଶୁକ୍ରବାର
୨୬ ଡିସେମ୍ବର ୨୦୨୫




## ଚତୁର୍ଦ୍ଦଶ ଡେରାବିଶ ମହୋତ୍ସବ ଉଦ୍‌ଘାଟିତ



**ଡେରାବିଶ, ୨୫ ।୧୨(ସମିସ):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟସ୍ଥିତ ମିନି ଷ୍ଟାଡିୟମରେ ଡେରାବିଶ ସାଂସ୍କୃତିକ ସଂଗଠନ ଓ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ଗୁରୁବାର ସନ୍ଧ୍ୟାରେ ଚତୁର୍ଦ୍ଦଶ ଡେରାବିଶ ମହୋତ୍ସବ ଉଦ୍‌ଘାଟିତ ହୋଇଛି । ସାଂସ୍କୃତିକ ସଂଗଠନ ସଭାପତି ଡ. ଭକ୍ତକବି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ମୁଖ୍ୟବକ୍ତା ଭାବେ ଜିଲ୍ଲାପାଳ ରଘୁରାମ ଆର ଆୟର ଯୋଗଦେଇ ଡେରାବିଶ ତଥା କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରାଚୀନ ଐତିହ୍ୟ, ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ମହୋତ୍ସବ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ତହସିଲଦାର ସରୋଜକାନ୍ତ ନାୟକ ଓ ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ । ଅତିଥିମାନେ ମହୋତ୍ସବ କମିଟି ପକ୍ଷରୁ ବିଶେଷାଙ୍କ 'ଦିଗ୍‌ଦର୍ଶନୀ' ଉନ୍ମୋଚନ କରିଥିଲେ । ସଂଗଠନ ସମ୍ପାଦକ ସରୋଜ କୁମାର ଦାଶ ସ୍ୱାଗତ ଭାଷଣ, ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ । ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିରରୁ ଶୋଭାଯାତ୍ରାରେ ମଶାଲ ଅଣାଯାଇ ମହୋତ୍ସବ ମଣ୍ଡପରେ ସ୍ଥାପନ କରାଯାଇଥିଲା । ପରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୃତ୍ୟଗୀତ ପରିବେଷଣ କରାଯାଇଥିଲା । ସାଂସ୍କୃତିକ ସଂଗଠନ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଭିତରକନିକାରୁ ଫେରିବା ବେଳେ ଯୁବତୀମାନଙ୍କୁ ଅସଦାଚରଣ

**ରାଜନଗର, ୨୫ ।୧୨(ସମିସ):** ଭିତରକନିକା ଜାତୀୟଉଦ୍ୟାନର ଶୋଭା ଉପଭୋଗ କରି ଫେରିବା ବାଟରେ ଯୁବତୀମାନଙ୍କୁ ଅସଦାଚରଣ କରାଯାଇଥିବା ରାଜନଗର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ରାଜନଗର ଅଞ୍ଚଳର ୬ଜଣ ଝିଅ ତାଙ୍କର ଜଣେ ସମ୍ପର୍କୀୟ ଭାଇଙ୍କ ସହିତ ଭିତରକନିକା ବୁଲିବାକୁ ଯାଇଥିଲେ । ଗୁପ୍ତିରୁ ବୋଟ ଯୋଗେ ଭିତରକନିକା ଯାଇ ଅପରାହ୍ନ ପ୍ରାୟ ୪ଟାରେ ବାଇକ୍ ଓ ସ୍କୁଟି ଯୋଗେ ରାଜନଗର ଫେରୁଥିଲେ । ତେବେ ରାଜନଗର-ଗୁପ୍ତି ରାସ୍ତାର ଭାଟସାହି (ଜୁଣୁପଙ୍ଗରା) ନିକଟରେ ରାଜନଗର ଥାନା ବଡ଼ନାଉକୋଣା ଗାଁର ବିଚିତ୍ର ସେଠୀଙ୍କ ପୁଅ ଶତକ ସେଠୀ ମନ୍ଦ ଉଦ୍ଦେଶ୍ୟ ରଖି ସେମାନଙ୍କ ମଧ୍ୟରୁ ଜଣଙ୍କୁ ବାରମ୍ବାର ଫୋନ କରିଥିଲା । ଫୋନ ନ ଉଠାଇବାରୁ ସମ୍ପର୍କୀୟ ଭାଇଙ୍କୁ ଫୋନ କରିଥିଲା । ତେବେ ସେମାନେ ଭିତରକନିକାରୁ ଫେରୁଥିବା ଜାଣି ଭାଟସାହି ନିକଟରେ ଶତକ ସେଠୀଙ୍କ ସହ ପ୍ରାୟ ୧୦ ଜଣ ଅସାମାଜିକ ଯୁବକ ସେମାନଙ୍କ ଗାଡ଼ି ଅଟକାଇ ଅଶ୍ଳୀଳ ଭାଷାରେ ସମସ୍ତଙ୍କୁ ଗାଳିଗୁଲଜ କରିଥିଲା । ସମ୍ପର୍କୀୟ ଭାଇ ଶୁଭମ ରାଉତ ଏହାକୁ ବିରୋଧ କରିବାରୁ ତାଙ୍କୁ ସଙ୍ଘବଦ୍ଧ ଭାବେ ନିର୍ମମ ମାଡ଼ ମାରିଥିଲେ । ଏଥିସହ ଯୁବତୀମାନଙ୍କୁ ମଧ୍ୟ ଅସଦାଚରଣ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି ।

## ତରଡ଼ିପାଳ ହାଇସ୍କୁଲରେ ଗୁରୁପୂଜନ

**ପଟ୍ଟାମୁଣ୍ଡାଇ, ୨୫ ।୧୨(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ତରଡ଼ିପାଳ ହାଇସ୍କୁଲ ୧୯୯୩ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଓ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପୁରାତନ ଛାତ୍ରଛାତ୍ରୀମାନେ ତତ୍କାଳୀନ ଶିକ୍ଷକମାନଙ୍କୁ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ । ପୂର୍ବତନ ପ୍ରଧାନଶିକ୍ଷକ ରାଜକୁମାର ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପ୍ରଥମେ ଦିବଂଗତ ୪ଜଣ ଶିକ୍ଷକ ଓ ୧୯୯୩ ବ୍ୟାଚର ୫ ଜଣ ଛାତ୍ରଙ୍କ ଉଦ୍ଦେଶ୍ୟରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଦୀର୍ଘ ୩୨ବର୍ଷ ପରେ ପିଲାଦିନର ସାଙ୍ଗମାନଙ୍କୁ ପାଖରେ ପାଇ ସମସ୍ତେ ଆତ୍ମହରା ହୋଇପଡ଼ିଥିଲେ । ଶିକ୍ଷକ ସୁବାସ ମଜୁମଦାର, ଭଞ୍ଜକିଶୋର ଜେନା, କାଙ୍ଗାଳି ଚରଣ ଦାସ, ପର୍ଶୁରାମ ବିଶ୍ୱାଳ, ଖେଳ ଶିକ୍ଷକ ସୁଶୀଲ କୁମାର ବିଶ୍ୱାଳ, ବିଚିତ୍ରାନନ୍ଦ ସାମଲ ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସତ୍ୟବତୀ ସାହୁ ଓ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ । ପୁରାତନ ଛାତ୍ର ମାନସ ବିଶ୍ୱାଳ, ପରେଶ ସାମଲ, ନରୋତ୍ତମ ବିଶ୍ୱାଳ, ପ୍ରଶାନ୍ତ ମଳିକ, ହେମନ୍ତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟରେ ଗୁରୁପୂଜନ

**ଗୋବିନ୍ଦପୁର, ୨୫ ।୧୨(ସମିସ):** ଆଳି ବ୍ଲକ କୁସୁମି ଗ୍ରାମସ୍ଥିତ ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟର ୧୯୮୦ ବ୍ୟାଚ ତଥା ବିଦ୍ୟାଳୟର ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ରବୀନ୍ଦ୍ର ପଲାଇ, ପ୍ରାକ୍ତନ ପ୍ରଧାନଶିକ୍ଷକ ଗୁଣନିଧି ଦାଶ, ଅବସରପ୍ରାପ୍ତ ଶିକ୍ଷକ ସରୋଜକାନ୍ତ ସାହୁ, ଗୋପୀନାଥ ଦାଶ, ରବୀନ୍ଦ୍ର ବେହେରା, ଆଦିକନ୍ଦ ବେହେରା, ପ୍ରହ୍ଲାଦ ରଥ, ମୁରଲୀଧର ସାହୁ, କର୍ମଚାରୀ ହୃଷୀକେଶ ଦାଶ, ଅକ୍ରୁରଧର ବାରିକଙ୍କୁ ପୁରାତନ ଛାତ୍ରଛାତ୍ରୀ ସମ୍ମାନିତ କରିଥିଲେ । ପୁରାତନ ଛାତ୍ରଛାତ୍ରୀ ନିରୁପମା ଦାସ, ଗଙ୍ଗାଧର ବାରିକ, ବିଜୟ ପଲାଇ, ଧୀରେନ୍ ଦାସ, ବିଜୟ ବାରିକ, ଚନ୍ଦ୍ରକାନ୍ତ ପଲାଇ, ଅଭିରାମ ପଲାଇ, ସନ୍ଧ୍ୟାରାଣୀ ପତି, ଜୟନ୍ତ ମଲ୍ଲିକ, ଶ୍ରୀକାନ୍ତ ମଲ୍ଲିକ, ଦିବାକର ପଲାଇ, ସୁବାସ ପ୍ରଧାନ, ସୁରେଶ ଦାସ, ସୁଦର୍ଶନ ପ୍ରଧାନ, ସୁବାସ ସେଠୀ, ଗୋବିନ୍ଦ ପଲାଇ, ଶଶି ପତି, ଯୁଧିଷ୍ଠିର ଜେନା ପ୍ରମୁଖ ଏଥିରେ ଯୋଗଦେଇଥିଲେ । ଗଙ୍ଗାଧର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଭିନ୍ନ ରାୟ ଓ ହୃଷୀକେଶ ଦାଶ ସହଯୋଗ କରିଥିଲେ ।

## ପୁରାତନ ଛାତ୍ରଛାତ୍ରୀଙ୍କ ଭେଟଘାଟ

**ପଞ୍ଚୁପାଣ୍ଡବ, ୨୫ ।୧୨(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ବେଲାରପୁରସ୍ଥିତ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୬ ବ୍ୟାଚ ଛାତ୍ରଛାତ୍ରୀଙ୍କ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ରାଜନଗର ଗ୍ରାମ ରାମ୍‌ବାଗ ମଠରେ ପୂଜାର୍ଚ୍ଚନା ସହ ଏକ ଭୋଜି ଆୟୋଜନ ହୋଇଥିଲା । ପଟ୍ଟାମୁଣ୍ଡାଇ ଚନ୍ଦନନଗର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାର ଅବସରପ୍ରାପ୍ତ ପରିଚାଳକ ଅନାମ ଚରଣ ସାମଲଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ରମାକାନ୍ତ ମଲ୍ଲିକ, ବାସନ୍ତୀ ଦାଶ, ପ୍ରଫୁଲ୍ଲ ନାୟକ, ଗୋବିନ୍ଦ ମଳିକ, ଦିବାକର ପଲେଇ, ପରୀକ୍ଷିତ ମଲ୍ଲିକ, ଅନାମ ସାମଲ, ଦାଶରଥି ଦାଶ, ତ୍ରିଲୋଚନ କର, ଉଦ୍ଧବ ସାହୁ, ଶତ୍ରୁଘ୍ନ ପୃଷ୍ଟି, ପରୀକ୍ଷିତ ବେହେରା, ରମେଶ ସାହୁ, ଉପେନ୍ଦ୍ର ସାହୁ ପ୍ରମୁଖ ଏଥିରେ ଯୋଗଦେଇଥିଲେ ।

## ଶିକ୍ଷୟିତ୍ରୀ ଆତ୍ମହତ୍ୟା ମାମଲା

# ଅଭିଯୁକ୍ତ ପ୍ରେମିକକୁ ଗିରଫ ଦାବିରେ ଥାନା ଘେରାଉ

ପଟ୍ଟାମୁଣ୍ଡାଇ, ୨୫ ।୧୨(ସମିସ)



ପଟ୍ଟାମୁଣ୍ଡାଇ ବ୍ଲକ ମାଳିପୁର ଗ୍ରାମରେ ପ୍ରେମିକର ବ୍ଲାକମେଲ ସହ ଶାରୀରିକ ଓ ମାନସିକ ନିର୍ଯାତନା ସହି ନ ପାରି ଶିକ୍ଷୟିତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଗୁରୁବାର ପରିବାର ଲୋକ ଏବଂ ଏସ୍‌ଏଚ୍‌ଜି ମହିଳା ଗୋଷ୍ଠୀ ଥାନା ଘେରାଉ କରିଥିଲେ । ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ମାଳିପୁର ଗ୍ରାମର ମିତାଞ୍ଜଳି ସେନାପତି (୩୩) ନିକଟସ୍ଥ ବନ୍ତ ଗ୍ରାମସ୍ଥିତ ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ । ଉକ୍ତ ବିଦ୍ୟାଳୟର ସ୍କୁଲ ଭ୍ୟାନ ଚଳାଉଥିବା ଲମ୍ବୋଦର ସାହୁଙ୍କ ସହ ତାଙ୍କର ପ୍ରେମସମ୍ପର୍କ ଗଢ଼ି ଉଠିଥିଲା । ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଲମ୍ବୋଦର ମିତାଞ୍ଜଳିଙ୍କ ଅଶ୍ଳୀଳ ଫଟୋ ଏବଂ ଭିଡିଓ ଭାଇରାଲ କରିଦେବାକୁ ଧମକ ଦେଇ ବାରମ୍ବାର ମୋଟଅଙ୍କରେ ଟଙ୍କା ଆଦାୟ କରୁଥିଲେ । ଲୋକଲଜ୍ଜା ଭୟରେ ମିତାଞ୍ଜଳି ତାଙ୍କ ସମସ୍ତ ଦରମା ଟଙ୍କା ଲମ୍ବୋଦରଙ୍କୁ ଦେବା ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀରୁ ଲକ୍ଷାଧିକ ଟଙ୍କା ସୁଧରେ ଆଣି ମଧ୍ୟ ଦେଇଥିଲେ । ଏପରିକି ଘରୁ ଲୁଚାଇ ନେଇ ଦୁଇଟି ସୁନାହାର ମୁଥୁଟ ଫାଇନାନ୍ସରେ ବନ୍ଧକ ରଖି ଟଙ୍କା ଆଣି ଲମ୍ବୋଦରଙ୍କୁ ଦେଇଥିଲେ । ସୁନା ନିଲାମ ନୋଟିସ ଘରକୁ ଆସିବାରୁ ଘଟଣା ସମ୍ପର୍କରେ ପରିବାର ଲୋକ ମିତାଞ୍ଜଳିଙ୍କୁ ପଚାରିଥିଲେ । ପ୍ରେମିକ ଲମ୍ବୋଦର ତାଙ୍କୁ ବ୍ଲାକମେଲ କରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ମିତାଞ୍ଜଳି ପ୍ରକାଶ କରିଥିଲେ । ପରିବାର ଲୋକେ ଘଟଣା ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଲମ୍ବୋଦରଙ୍କୁ ଡାକି ପଚାରିବାରୁ ସେ ମିତାଞ୍ଜଳିଙ୍କଠାରୁ ବାରମ୍ବାର ଟଙ୍କା ନେଇଥିବା ସ୍ୱୀକାର ମଧ୍ୟ କରିଥିଲେ ବୋଲି ପରିବାର ଲୋକେ ପ୍ରକାଶ କରିଛନ୍ତି । କିନ୍ତୁ ପରେ ଫଟୋ ଏବଂ ଭିଡିଓ ଭାଇରାଲ ହେବା ଭୟରେ ମିତାଞ୍ଜଳି ବିଷପିଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି ।

ବିଷ ପିଇବା ପରେ ତାଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟ ପରେ କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟ, କଟକ ଏସସିବି ମେଡିକାଲ ଏବଂ ଶେଷରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଗତ ୧୮ ତାରିଖ ତାଙ୍କ ମୃତ୍ୟୁ ହୋଇଥିଲା । ଏ ନେଇ ମିତାଞ୍ଜଳିଙ୍କ ବାପା ବିଦ୍ୟାଧର ସେନାପତି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । କିନ୍ତୁ ଇତିମଧ୍ୟରେ ୮ ଦିନ ବିତିଯାଇଥିଲେ ବି ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ । ଏହାର ପ୍ରତିବାଦରେ ଗୁରୁବାର ସକାଳେ ମିତାଞ୍ଜଳିଙ୍କ ପରିବାର ଲୋକଙ୍କ ସହ ମିତାଞ୍ଜଳି ଟଙ୍କା ଆଣିଥିବା ଏସ୍‌ଏଚ୍‌ଜି ସଭ୍ୟ ଏବଂ ଗ୍ରାମବାସୀ ଗ୍ରାମାଞ୍ଚଳ ଥାନା ଘେରାଉ କରିଥିଲେ । ଏଥିସହ ଥାନା ସାମ୍ନାରେ

**ବ୍ଲାକମେଲ କାରଣରୁ ଜୀବନ ହାରିଥିବା ପରିବାର ଲୋକଙ୍କ ଅଭିଯୋଗ**

ପଟ୍ଟାମୁଣ୍ଡାଇ-ରାଜନଗର ତଳ ରାସ୍ତା ଅବରୋଧ କରିଥିଲେ । ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ରାଜନଗର ଥାନା ଆଇଆଇସି ନରେଶ ଚନ୍ଦ୍ର ସାହୁ ଏବଂ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ୩ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

● ଡେରାବିଶ ତହସିଲରେ ଜିଲ୍ଲାପାଳଙ୍କ ରାଜସ୍ୱ ଜନଶୁଣାଣି

## ତାଳଗଛ କାଟିଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଡେରାବିଶ, ୨୫ ।୧୨(ସମିସ):** ଡେରାବିଶ ତହସିଲ କାର୍ଯ୍ୟାଳୟରେ ବୁଧବାର ଜିଲ୍ଲାପାଳଙ୍କ ରାଜସ୍ୱ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଶିବରରେ ୨୯ ଅଭିଯୋଗ ଆସିଥିଲା । କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ତହସିଲଦାର ସରୋଜକାନ୍ତ ନାୟକ, ଅତିରିକ୍ତ ତହସିଲଦାର ଭାସ୍କର ଚନ୍ଦ୍ର ବେହେରା ଓ ବର୍ଷା ସେନାପତି ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ । କେତେକ ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା । ଅନ୍ୟ ଅଭିଯୋଗଗୁଡ଼ିକ ସମାଧାନ ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟତଃ ଚାଟରାଚକଡ଼ା ରାଜସ୍ୱ କାର୍ଯ୍ୟାଳୟ ଅଧୀନ ଓଲଡ଼ିଠାରୁ ଫକିରାବାଦ ପର୍ଯ୍ୟନ୍ତ ୧୯ ନଂ ଡ୍ରେନେଜକଟ୍ ବନ୍ଧ ଉପରେ ଥିବା ବହୁ ତାଳଗଛକୁ ଠିକାଦାର କାଟି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ବଜ୍ରପାତରୁ ରକ୍ଷା କରୁଥିବା ଏହି ଦୁର୍ଲଭ ବୃକ୍ଷଗୁଡ଼ିକୁ କାଟିଦେବା ସମ୍ପର୍କରେ ଗ୍ରାମବାସୀ ତହସିଲ ପ୍ରଶାସନ ଓ ବନବିଭାଗକୁ ଫେରାଦ ହୋଇଥିଲେ ମଧ୍ୟ କେବଳ ମାମଲା ରୁଜୁ କରି ଚୁପ୍ ବସିରହିଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ତାଳଗଛ କାଟିଥିବା ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ । ସେହିପରି ଦାନପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା କେଶରପୁର ମୌଜାର ପଟ୍ଟାରେ ଥିବା ବିଭିନ୍ନ ଗୁରୁତର ତ୍ରୁଟି ସଂଶୋଧନ କରିବା ପାଇଁ ଦାବି କରିଥିଲେ । ଶିବିରରେ ସମସ୍ତ ରାଜସ୍ୱ ନିରୀକ୍ଷକ, ତହସିଲ କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ ।

## ବଡ଼ଦିନ: ଭିତରକନିକା ଓ ପେଣ୍ଠରେ ପର୍ଯ୍ୟଟକଙ୍କ ଭିଡ଼

**ରାଜନଗର, ୨୫ ।୧୨(ସମିସ):** ବଡ଼ଦିନରେ ଗୁରୁବାର ଭିତରକନିକା ଓ ପେଣ୍ଠରେ ପର୍ଯ୍ୟଟକଙ୍କ ଭିଡ଼ ଜମିଛି । ୨୪୧୦ ପର୍ଯ୍ୟଟକ ଭିତରକନିକା ବୁଲିଛନ୍ତି । ସେହିପରି ପେଣ୍ଠ ବେଳାଭୂମିରେ ହଜାର ହଜାର ପର୍ଯ୍ୟଟକ ବଣଭୋଜି କରିବା ସହ ସମୁଦ୍ର ସ୍ନାନର ମଜା ଉଠାଇ ସୂର୍ଯ୍ୟାସ୍ତ ଦେଖି ବିମୋହିତ ହୋଇଛନ୍ତି । ପର୍ଯ୍ୟଟକମାନେ ଏଠାକାର ପ୍ରାକୃତିକ ଶୋଭା ଉପଭୋଗ କରିବା ସହ ନଦୀପଠାରେ ଖରା ପୋଉଁଥିବା ବଉଳା କୁମ୍ଭୀର ଦେଖିଛନ୍ତି । ସ୍ଥଳପଥରେ ଭିତରକନିକାକୁ ୧୦୯୦ ପର୍ଯ୍ୟଟକ ଆସିଥିବା ବେଳେ ଜଳପଥରେ ୧୩୨୦ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି । ଗୁପ୍ତି ପ୍ରବେଶପଥ ଦେଇ ୨୦ଟି ବୋଟ୍‌ରେ ୨୩୮ ପର୍ଯ୍ୟଟକ ଆସିଥିବା ବେଳେ ଖୋଲା ପ୍ରବେଶପଥ ଦେଇ ୮୭ଟି ବୋଟ୍‌ରେ ୯୬୭, ଚାନ୍ଦବାଲି ପ୍ରବେଶପଥ ଦେଇ ୧୧ଟି ବୋଟ୍‌ରେ ୧୧୫ ପର୍ଯ୍ୟଟକ ଭିତରକନିକା ପରିଭ୍ରମଣ କରିଛନ୍ତି । ପର୍ଯ୍ୟଟକମାନେ ସକାଳର ସୂର୍ଯ୍ୟ ଉଦୟ ଏବଂ ବରୁଣେଇ ମୁହାଣ ନିକଟରେ ସୂର୍ଯ୍ୟାସ୍ତ ଉପଭୋଗ କରିଥିଲେ । ସମୁଦ୍ରର ନୀଳ ଜଳରାଶିରେ ବିରଳ ଡଲଫିନ୍‌ଙ୍କ ଜଳକ୍ରୀଡ଼ା ପର୍ଯ୍ୟଟକଙ୍କୁ ବିମୋହିତ କରିଥିଲା ।

## ଶିବିରରୁ ୨୧୮ ୟୁନିଟ ରକ୍ତ ସଂଗ୍ରହ

**ମହାକାଳପଡ଼ା, ୨୫ ।୧୨(ସମିସ):** ମହାକାଳପଡ଼ା ବ୍ଲକ ଧନିଆପଡ଼ା ବଜ୍ର ମହାକାଳୀ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜକିଶୋର ସ୍ମାରକୀ କ୍ରିକେଟ ଆନୁକୂଲ୍ୟରେ ୨ୟ ବାର୍ଷିକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଶିବିରରୁ ମୋଟ ୨୧୮ ୟୁନିଟ ରକ୍ତ ସଂଗ୍ରହ କରାଯାଇ କେନ୍ଦ୍ରୀୟ ରେଡକ୍ରସକୁ ହସ୍ତାନ୍ତର କରାଯାଇଛି । ଅର୍ଜୁନୀ ବେହେରା ଓ ନିର୍ମଳା ବେହେରା ଶିବିରକୁ ଉଦଘାଟନ କରିଥିଲେ । ଓଡ଼ିଶା ଯାଦବ ମହାସଭା ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଦାସ ଅତିଥି ଭାବେ ଯୋଗଦେଇଥିଲେ । ସ୍ଥାନୀୟ ସରପଞ୍ଚ ଚାମେଲି ଓଝା, ଲାୟନ୍ସ କ୍ଲବ୍ ସଭାପତି ଦୀପକ ଚୌଧୁରୀ, ଡ. ରାମପ୍ରସାଦ ରାଓ, ଡ. ଶୁଭନାରାୟଣ ମଳିକ, ରାଜକିଶୋର ସ୍ମାରକୀ କ୍ଲବ ସଦସ୍ୟ ଅଜୟ ବେହେରା, ବିଜୟ ବେହେରା, ସଞ୍ଜୟ ବେହେରା, ସାଜନ ବେହେରା ଓ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## କଳିଙ୍ଗ ଆବାସିକ ବିଦ୍ୟାଳୟ ମୁଖ୍ୟଙ୍କୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା

**ଡେରାବିଶ, ୨୫ ।୧୨(ସମିସ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ କେଶରପୁରସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟର ମୁଖ୍ୟ ମନୋଜ କୁମାର ପ୍ରଧାନଙ୍କୁ ତାଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ 'ଓଡ଼ିଆ ଟାଇମ୍ସ ୱାନ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି । ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ ସଭାରେ ମନୋଜଙ୍କୁ





ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମାନପତ୍ର, ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ପଞ୍ଚୁପାଣ୍ଡବ, ୨୫ ।୧୨(ସମିସ):** ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଦାମୋଦରଜୀଉ ବିଦ୍ୟାପୀଠ ଓ ବଜାର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ମିଳିତ ଭାବେ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଆରସିସି ଦେବଦତ୍ତ ଶତପଥୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସମରକେଶରୀ ସାମଲ, ସମ୍ମାନିତ ଅତିଥି ଭାବେ ଏବିଓ ଖଗେଶ୍ୱର ନାୟକ, ସଚ୍ଚିକାନ୍ତ ମିଶ୍ର, ସିଆରସିସି ମାମୁନି ସିଂ ଯୋଗଦେଇଥିଲେ । ବଜାର ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲିଲିମା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ସେହିପରି ବେଣୀପୁର ପଞ୍ଚାୟତର ଢିଅସାହି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରମାକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସରପଞ୍ଚ ମୋହନ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ସିଆରସିସି ତ୍ରିଲୋଚନ ମଲ୍ଲିକ, ବେଣୀପୁର ହାଇସ୍କୁଲ ପ୍ରଧାନଶିକ୍ଷକ ଶଶିକାନ୍ତ ସାହୁ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ଜେନା, ନେଡୁଆ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅମରେନ୍ଦ୍ର ଦାସ ଯୋଗଦେଇଥିଲେ । ୱାର୍ଡ ମେମ୍ବର ହେମନ୍ତ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଜପେୟୀ ଜୟନ୍ତୀରେ ରକ୍ତଦାନ ଶିବିର



**ପଟ୍ଟାମୁଣ୍ଡାଇ, ୨୫ ।୧୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରୀରାମ ସେନା ପକ୍ଷରୁ ଜିଲ୍ଲା ସଭାପତି ସାରଦା ପ୍ରସାଦ ରାଉତଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ସମାରୋହରେ ପାଳିତ ହୋଇଛି । ଏହି ଅବସରରେ ମଙ୍ଗଳା ମଣ୍ଡପରେ ରକ୍ତଦାନ ଶିବିର ଆୟୋଜିତ ହେବା ସହ ରାଷ୍ଟ୍ରବାଦ ବିଚାରିତ ଶତାଧିକ କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଛି । ରକ୍ତଦାନ ଶିବିରକୁ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଉଦଘାଟନ କରିଥିଲେ । ଶିବିରରୁ ୧୦୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ପରେ ଶିକ୍ଷାବିତ ରାମଚନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଜୟନ୍ତୀ ସଭାରେ କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରୀରାମ ସେନା ସଭାପତି ସାରଦା ପ୍ରସାଦ ରାଉତ, ଆଇନଜୀବୀ ପ୍ରଦୀପ୍ତ ମହାପାତ୍ର, ଆରଏସଏସ ଗ୍ରାମୀଣ ବିକାଶ ପ୍ରମୁଖ ଜଗବନ୍ଧୁ ପ୍ରଧାନ, ପୂର୍ବତନ କାଉନସିଲର ବିଚ୍ଛନ୍ଦ ଚରଣ ପାତ୍ର, ଆଳି ବିଜେପି ନେତା ଶରତ ଚନ୍ଦ୍ର ଜଗଦେବ, ଆରଏସଏସ ସଂଗଠକ ଶୁଭକାନ୍ତ ତ୍ରିପାଠୀ, ଜିଲ୍ଲା ଧର୍ମ ଜାଗରଣ ସମିତି ସଂସ୍କୃତି ପ୍ରମୁଖ ସତ୍ୟନାରାୟଣ ନାୟକ, ଆରଏସଏସ ପ୍ରଚାରକ ହରିଶ୍ଚନ୍ଦ୍ର ଜେନା, ପ୍ରଦୀପ୍ତ ମହାପାତ୍ର ରତ୍ନାକର ନାୟକ, ଗୋଲକ ଚନ୍ଦ୍ର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମୃଦ୍ଧ ଭାରତ ଗଠନରେ ବାଜପେୟୀଙ୍କ ବଳିଷ୍ଠ ଅବଦାନ ଚୀରକାଳ ସ୍ମରଣୀୟ ରହିବ ବୋଲି ମତ ପ୍ରକାଶ କରିଥିଲେ ।


9th
Death Anniversary

In Loving Memory

"We remember you with Pride and Gratitude.
Your presence remains with us like a Blessing.
We miss your Love, Affection and Guidance.
Your path of Righteousness will continue to inspire us."



√ Gopal Chandra Mohanty
Ex- Principal Secretary to Govt. of Odisha. Law Department,
Ex- Chairman, State Law Revision Committee.

Fondly Remembered by
Kanak Mohanty
Manoj & Bharati Mohanty, Saroj & Amrapalli Mohanty
Sanjib & Ashru Mohanty
Samikhya & Tarun, Samyantaka, Anwesha
Staffs and Management of Xpose Advertising

[X]pose ADVERTISING
BHUBANESWAR | RAIPUR
KOLKATA | HYDERABAD

fabindia CELEBRATE INDIA
BALASORE

Yum! Chinese
BALASORE


# ବାଜପେୟୀଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ସମାରୋହ

କେନ୍ଦ୍ରାପଡ଼ା, ୨୫ ।୧୨(ସମିସ)





ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ସମାରୋହ ତଥା ସୁଶାସନ ଦିବସ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପାଳିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ବାଜପେୟୀ ଜଣେ ମହାନ ଜନନାୟକ ଥିଲେ । ଦେଶର ବିକାଶରେ ତାଙ୍କ ଅବଦାନ ଅନେକ ଥିଲା । ସେ ଜଣେ ବିଚକ୍ଷଣ ରାଜନେତା ଏବଂ ରାଷ୍ଟ୍ରନୀତିଜ୍ଞ ଥିଲେ ବୋଲି ମତ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବରିଷ୍ଠ ସାମ୍ବାଦିକ ସଚ୍ଚିଦାନନ୍ଦ ବେହେରା ଏବଂ ଉପସ୍ଥିତ ଛାତ୍ରଛାତ୍ରୀ ବାଜପେୟୀଙ୍କ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷା ବିଭାଗ ସହଯୋଗରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟାଳୟର କର୍ମଚାରୀ ଦିବ୍ୟରଞ୍ଜନ ବେହେରା, ମଦନ ହାଁସଦା, ରଞ୍ଜନ ସାହୁ, ଶେଖ ନୁର ଇସଲାମ ସହଯୋଗ କରିଥିଲେ ।

# ସମ୍ପାଦକୀୟ



ଜ୍ଞାନ ନବସୃଜନକୁ, ନବସୃଜନ ଉତ୍ପାଦନକୁ ଏବଂ ଉତ୍ପାଦନ ଅର୍ଥନୀତିକୁ ଗତିଶୀଳ କରେ।
-ୱିଲିୟମ ବ୍ରୋଡି

ସକାଳ THE SAKALA

## ବିପଦରେ ତଥ୍ୟ

ଆଇଟି ବିଶେଷଜ୍ଞମାନେ ଡାଳେ ଡାଳେ ଗଲେ ହ୍ୟାକର ଓ ସାଇବର ଅପରାଧୀମାନେ ପତ୍ରେ ପତ୍ରେ ଯାଉଛନ୍ତି। ସାଇବର ସୁରକ୍ଷାକୁ ସରକାର ଯେତେ ଦୃଢ଼ କଲେ ମଧ୍ୟ ପ୍ରତିଦିନ ସାଇବର ଅପରାଧ ଜଗତରୁ ନୂଆ ଆହ୍ୱାନ ଓ ଆଶଙ୍କା ସୃଷ୍ଟି ହେଉଛି। ନିକଟରେ ପ୍ରାୟ ୬୮ କୋଟି ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ଇମେଲ୍ ଆଇଡି ଓ ପାସ୍‌ୱାର୍ଡ ପ୍ରଘଟ ହୋଇଥିବା ମଧ୍ୟପ୍ରଦେଶ ପୁଲିସ୍‌ର ସାଇବର ସେଲ୍‌ଫ ସୂଚନା ଦେବା ସହିତ ତୁରନ୍ତ ପାସ୍‌ୱାର୍ଡ ପରିବର୍ତ୍ତନ ପାଇଁ ପରାମର୍ଶ ଦେଇଛି। କିଛିଦିନ ପୂର୍ବରୁ ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମ ମଞ୍ଚ ହ୍ୱାଟ୍‌ସ୍‌ଆପ୍‌ରେ କେତେକ ବୈଷୟିକ ତ୍ରୁଟି ଯୋଗୁଁ ବ୍ୟବହାରକାରୀଙ୍କ ଗୋପନୀୟ ଓ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଘଟ ହେବାର ଆଶଙ୍କା ସୃଷ୍ଟି ହୋଇଥିଲା। ସମଗ୍ର ବିଶ୍ୱରେ ପ୍ରାୟ ୩୫୦ କୋଟି ହ୍ୱାଟ୍‌ସ୍‌ଆପ୍ ବ୍ୟବହାରକାରୀଙ୍କ ମଧ୍ୟରୁ ଭାରତର ସର୍ବାଧିକ ୭୪.୯ କୋଟି ବା ୨୧% ଥିବାରୁ ହ୍ୟାକରଙ୍କ ହାତକୁ ଏହି ତଥ୍ୟ ଚାଲିଗଲେ ଭାରତୀୟ ଓ ଭାରତର ବଜାର ସର୍ବାଧିକ କ୍ଷତିଗ୍ରସ୍ତ ହେବା ନିଶ୍ଚିତ। ବର୍ତ୍ତମାନ ଦେଶରେ ସାଇବର ନିରାପତ୍ତାର ଦୁଃସ୍ଥିତି ଏପରି ହୋଇଛି ଯେ ଲୋକସଭା ସାଂସଦମାନଙ୍କୁ ସ୍ମାର୍ଟଫୋନ୍, ସ୍ମାର୍ଟ ୱାଚ୍ ଓ ସ୍ମାର୍ଟ ଚଷମା ଆଦି ସଂସଦ ପରିସରକୁ ନ ଆଣିବାକୁ ମାର୍ଗଦର୍ଶିକା ଜାରି କରାଯାଇଛି। ଦେଶର କୋଟି କୋଟି ଜନସାଧାରଣଙ୍କ ସାଇବର ଓ ଗୋପନୀୟ ତଥ୍ୟ ସୁରକ୍ଷାରେ ଯେ ସରକାର ଦୃଢ଼ ନିଶ୍ଚିତ ନୁହନ୍ତି ତାହା ଏହି ମାର୍ଗଦର୍ଶିକା ଜାରି ପରେ ପ୍ରମାଣିତ ହେଉଛି।

ଏବେ ଇଣ୍ଟରନେଟ୍ ଓ ସ୍ମାର୍ଟଫୋନ୍ ଉପରେ ଲୋକମାନଙ୍କର ନିର୍ଭରଶୀଳତା ବଢ଼ିବା ସହିତ ତଥ୍ୟ ପ୍ରଘଟ ଆଶଙ୍କା ମଧ୍ୟ ବଢ଼ିବାରେ ଲାଗିଛି। ତଥ୍ୟ ସୁରକ୍ଷା ଓ ଗୋପନୀୟତା ରକ୍ଷା ପାଇଁ ସରକାର ଆଇନ ପରେ ଆଇନ ଆଣୁଥିଲେ ମଧ୍ୟ ରୂପାୟନ ସ୍ତରରେ ରହିଯାଉଥିବା ଗଳାବାଟର ସୁଯୋଗ ନେଇ ସାଇବର ଅପରାଧୀମାନେ ସହଜରେ ଲକ୍ଷ୍ୟ ହାସଲ କରି ନେଉଛନ୍ତି। ଆଉ ଏକ ଉଦ୍‌ବେଗଜନକ ବିଷୟ ହେଲା ସର୍ବୋଚ୍ଚ ନ୍ୟାୟାଳୟଙ୍କ କଟକଣା ସତ୍ତ୍ୱେ 'ଆଧାର' ଏବେ ସମସ୍ତ ସରକାରୀ ଓ ବେସରକାରୀ ସଂସ୍ଥା ପାଇଁ ଏକ ଅପରିହାର୍ଯ୍ୟ ଦସ୍ତାବେଜ୍ ହୋଇଯାଇଛି। ସତେଯେମିତି ଆଧାର ବିନା ମଣିଷ ଜୀବନଯାତ୍ରା ଅସମ୍ଭବ ଓ ଅସମ୍ପୂର୍ଣ୍ଣ। ପରିସ୍ଥିତି ଏପରି ହୋଇଛି ଯେ ଆଧାର ନମ୍ବର ଦେବ ନତୁବା ସେବା ହାସଲ କରିବ ନାହିଁ। ଏଭଳି ପରିସ୍ଥିତି ହ୍ୟାକରଙ୍କୁ ସୁହାଉଛି। ସେମାନେ ତଥ୍ୟ ଚୋରି କରି ନେଇ ବିଦେଶୀ ସରକାରଙ୍କୁ ବିକ୍ରି କରି ପ୍ରଚୁର ଲାଭ ପାଉଛନ୍ତି।

ଆଧାର କାର୍ଡରୁ ନାମ, ଠିକଣା, ଫଟୋ ଆଦି ବାଦ୍ ଦେଇ କେବଳ କ୍ୟୁଆର କୋଡ୍ ପ୍ରଚଳନ ପାଇଁ ସରକାର ଯୋଜନା କରୁଥିଲେ ହେଁ ତାହା ତଥ୍ୟ ଓ ଗୋପନୀୟତା ରକ୍ଷା ପାଇଁ ଯଥେଷ୍ଟ ନୁହେଁ। ତଥ୍ୟ ପ୍ରଘଟ କେବଳ ବ୍ୟକ୍ତିଗତ କ୍ଷତି ନୁହେଁ, ଦେଶ ପ୍ରତି ମଧ୍ୟ ବିପଦ। ତେଣୁ ବେଳ ହୁଁ ଏଥିପ୍ରତି ସରକାର ଗୁରୁତ୍ୱ ଦେବା ଆବଶ୍ୟକ।।

## ବିବଶ ପଡ଼ୋଶୀ

ବାଂଲାଦେଶରେ ମତାନ୍ଧ ମୌଳବାଦୀଙ୍କ ପ୍ରଚ୍ଛନ୍ନ ପ୍ରୋତ୍ସାହନରେ ସୃଷ୍ଟ ସାମ୍ପ୍ରଦାୟିକ ହିଂସାର ନିଆଁଠାରୁ ବଳି ଯାଇଛି ଭୋକର ନିଆଁ। ଭାରତ ବିରୋଧରେ ବିଷୋଦ୍‌ଗାର କରୁଥିବା ସେଠାକାର କାମଚଳା ସରକାରର ମୁଖ୍ୟ ମହମ୍ମଦ ୟୁନୁସ୍ ଶେଷରେ ଖାଦ୍ୟଶସ୍ୟ ପାଇଁ ଭାରତ ପାଖରେ ହାତ ପାତିଛନ୍ତି। ସବୁଠାରୁ ଚମକପ୍ରଦ ଖବରଟି ହେଉଛି ବାଂଲାଦେଶକୁ ଶସ୍ୟ ସଙ୍କଟରୁ ଉଦ୍ଧାର କରିବା ଲାଗି ନୂଆ ନୂଆ ହିତାକାଂକ୍ଷୀ ହୋଇଥିବା ପାକିସ୍ତାନ ମଧ୍ୟ ପଛଘୁଞ୍ଚା ଦେଇଛି। ଏଥିରୁ ୟୁନୁସ୍ କି ଶିକ୍ଷା ପାଇଥିବେ ତାଙ୍କୁ ଜଣା।

ଗତବର୍ଷ ଅଗଷ୍ଟ ମାସରେ ଶେଖ୍ ହସିନା ପ୍ରଧାନମନ୍ତ୍ରୀ ପଦରୁ ଗାଦିଚ୍ୟୁତ ହେବା ପରଠାରୁ ବାଂଲାଦେଶରେ ସଂଖ୍ୟାଲଘୁ ବିରୋଧୀ ହିଂସା ଏବଂ ଭାରତ ବିରୋଧରେ ପ୍ରତିକ୍ରିୟା ତୀବ୍ର ହେବାରେ ଲାଗିଛି। ଜନ୍ମଦାତା ଓ ଆଶ୍ରୟଦାତା ଭାରତର ସାହାଯ୍ୟ ସହଯୋଗକୁ ଭୁଲି ଚୀନ୍ ଓ ପାକିସ୍ତାନ ପ୍ରତି ୟୁନୁସ୍ ବନ୍ଧୁତ୍ୱର ହାତ ବଢ଼ାଇଛନ୍ତି। ଏପରିକି ସେହି ଦୁଇ ଦୁଷ୍ଟ ରାଷ୍ଟ୍ରର ପ୍ରରୋଚନାରେ ଭାରତର ଅଖଣ୍ଡତା ବିରୋଧରେ ମନ୍ତବ୍ୟମାନ ଦେଉଛନ୍ତି। ଏହା ମୌଳବାଦୀମାନଙ୍କୁ ସାମ୍ପ୍ରଦାୟିକ ହିଂସା ଭିଆଇବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରୁଛି। ବାଂଲାଦେଶ ନ୍ୟାଶ୍‌ନାଲିଷ୍ଟ ପାର୍ଟି(ବିଏନ୍‌ପି)ର କାର୍ଯ୍ୟକାରୀ ଅଧ୍ୟକ୍ଷ ତାରିକ୍ ରେହେମାନ୍ ନିର୍ବାସନରୁ ଏବେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପରେ ସେଠାରେ ସାମ୍ପ୍ରଦାୟିକ ହିଂସା ଆହୁରି ବ୍ୟାପକ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ବିବଶ ବାଂଲାର ବିଡ଼ମ୍ବନା ଏହା ଯେ ସେଠାରେ ଗଣତନ୍ତ୍ରର ପୁନଃପ୍ରତିଷ୍ଠା ପାଇଁ ଦାୟିତ୍ୱ ନେଇଥିବା ନୋବେଲ୍ ବିଜେତା ମହମ୍ମଦ ୟୁନୁସ୍ ହିଁ ଆସନ୍ତା ଫେବୃଆରୀ ମାସରେ ହେବାକୁ ଥିବା ନିର୍ବାଚନ ପ୍ରକ୍ରିୟାକୁ ଭଣ୍ଡୁର କରିବାକୁ ଉଦ୍ଦେଶ୍ୟମୂଳକ ଭାବେ ହିଂସା ଓ ଅସ୍ଥିରତାକୁ ପ୍ରଶ୍ରୟ ଦେଉଛନ୍ତି। ଗତବର୍ଷ ଅଗଷ୍ଟ ମାସରେ ମୌଳବାଦୀ ସଂଗଠନ 'ଜମାତ୍ ଏ ଇସ୍‌ଲାମ୍' ଏବଂ ଏହାର ଛାତ୍ରସଂଗଠନ 'ଇସ୍‌ଲାମୀ ଛାତ୍ର ଶିବିର' ଉପରେ ଥିବା କଟକଣା ହଟାଇ ଦେବା ପଛର କାରଣ ଏବେ ସ୍ପଷ୍ଟ ହେଉଛି। ସେଠାରେ ଏକ ନିର୍ବାଚିତ ସରକାର ଶପଥ ନେବା ସହିତ ୟୁନୁସ୍‌ଙ୍କ କାର୍ଯ୍ୟକାଳ ସମାପ୍ତ ହେବ। ପରିଣତ ବୟସରେ କ୍ଷମତାଲୋଭରେ ବଶବର୍ତ୍ତୀ ହୋଇ ୟୁନୁସ୍ ଯେଉଁ ଚକ୍ରାନ୍ତ ରଚିଛନ୍ତି, ସେଥିରେ ସେ ନିଜେ ହିଁ ଫସି ଯାଇଛନ୍ତି। ଅର୍ଥନୈତିକ ଅଭିବୃଦ୍ଧି ହାର ୩%କୁ ହ୍ରାସ ପାଇଥିବା ବେଳେ ମୁଦ୍ରାସ୍ଫୀତି ଦୁଇ ଅଙ୍କ ଛୁଇଁଛି, ୨୧ ଲକ୍ଷ ଛଟେଇ ହେବା ସହିତ ବେରୋଜଗାର ବଢ଼ି ଚାଲିଛି। ସବୁଠାରୁ ଉତ୍କଟ ହୋଇଛି ଖାଦ୍ୟ ଶସ୍ୟ ସମସ୍ୟା। ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ବାଂଲାଦେଶକୁ ନିହାତି ୯ ଲକ୍ଷ ଟନ୍ ଚାଉଳ ଆବଶ୍ୟକ। ଅପରପକ୍ଷରେ ଚୀନ୍ ଓ ପାକିସ୍ତାନ ଯେଉଁ ଦରରେ ଚାଉଳ ଯୋଗାଣ ପାଇଁ ମୂଳଚାଲ୍ କରିଛନ୍ତି ଆର୍ଥିକ ଦୃଷ୍ଟିରୁ ବାଂଲାଦେଶ ତାହା ଗ୍ରହଣ କରିବା ସ୍ଥିତିରେ ନାହିଁ। ତେଣୁ ସୁଲଭ ମୂଲ୍ୟରେ ଚାଉଳ ଯୋଗାଇ ଦେବା ପାଇଁ ଭାରତ ହିଁ ଶେଷ ସହାୟ ବୋଲି ୟୁନୁସ୍‌ଙ୍କ ଚେତା ପଶିଛି।

ଏବେ ବାଂଲାଦେଶର ଖାଦ୍ୟ ନିରାପତ୍ତା ଭାରତର ନିଷ୍ପତ୍ତି ଉପରେ ନିର୍ଭର କରୁଥିବା ବେଳେ ଚାଉଳ ରପ୍ତାନୀ ନ କରିବା ପାଇଁ ଭାରତ ଭିତରୁ ସ୍ୱର ତେଜିଛି। 'ପଡ଼ୋଶୀ ପ୍ରଥମ' ନୀତିରେ ଭାରତ ସବୁ ପରିସ୍ଥିତିରେ ବାଂଲାଦେଶକୁ ସହାୟତାର ହାତ ବଢ଼ାଇଛି। ତେଣୁ ସାରା ବିଶ୍ୱ ଏବେ ବାଂଲାଦେଶର ବିବଶତାକୁ ଦେଖୁଛି ଏବଂ ଭାରତର ମାନବିକ ପଦକ୍ଷେପକୁ ଅପେକ୍ଷା କରି ରହିଛି। ଏଥିସହିତ ଚୀନ୍ ଓ ପାକିସ୍ତାନର ଛଳନା ମଧ୍ୟ ପୁଣି ଥରେ ବିଶ୍ୱମଞ୍ଚରେ ଅଭିନୀତ ହୋଇଛି।

# ଦୋଛକିରେ ବାଂଲାଦେଶ

ଡା. ରାଜ କିଶୋର ପଣ୍ଡା

ବାଂଲାଦେଶର ପରିସ୍ଥିତି ବର୍ତ୍ତମାନ ସମୟରେ କାହାରିକୁ ଅଜଣା ନାହିଁ। ଗତବର୍ଷ ଅଗଷ୍ଟ ମାସରୁ ସେଠାରେ ଆରମ୍ଭ ହୋଇଥିବା ବ୍ୟାପକ ହିଂସା ଓ ଉତ୍ତେଜନା ଏବେ ମଧ୍ୟ ଜାରି ରହିଛି। ପ୍ରବଳ ବିରୋଧ ପରେ ପ୍ରଧାନମନ୍ତ୍ରୀ ଶେଖ ହାସିନା ଗାଦିଚ୍ୟୁତ ହୋଇ ଭାରତରେ ଆଶ୍ରୟ ନେଇଛନ୍ତି। ଧର୍ମାନ୍ଧ ମୌଳବାଦୀଙ୍କ ସମର୍ଥନରେ ସେଠାରେ ଚାଲିଥିବା କାମଚଳା ସରକାର ଅଧୀନରେ ହିନ୍ଦୁ ଓ ଭାରତ ବିରୋଧୀ ହିଂସା ବଢ଼ିଚାଲିଛି। ଡିସେମ୍ବର ୧୨ ତାରିଖରେ ସେଠାକାର ବିପ୍ଳବୀ କବି ତଥା ଭାରତ ବିରୋଧୀ ଯୁବନେତା ସରିଫ୍ ଓସମାନ ହାଦିଙ୍କୁ ହତ୍ୟା ପରବର୍ତ୍ତୀ ହିଂସା ଦେଶର ଶାନ୍ତି ଓ ସ୍ଥିରତାକୁ ଅଧିକ ଅନ୍ଧକାରମୟ କରିଦେଇଛି। ଦୁର୍ଭାଗ୍ୟଜନକ ଭାବରେ ଏହାର ପ୍ରତିକ୍ରିୟା ସ୍ୱରୂପ ଭିଡ଼ ହିଂସାର ଶିକାର ହୋଇଛନ୍ତି ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁ ଯୁବକ। ମତାନ୍ଧ ଗୋଷ୍ଠୀ ଦୀପୁଙ୍କୁ ନୃଶଂସତାର ସହ ମାଡ଼ ମାରି ତାଙ୍କୁ ଲହୁଲୁହାଣ କଲେ ଏବଂ ତାଙ୍କ ମୃତଦେହକୁ ଗଛରେ ବାନ୍ଧି ସେଥିରେ ଅଗ୍ନିସଂଯୋଗ କରିଦେଲେ। ଏହାଠାରୁ ବଳି ଚିନ୍ତାଜନକ ଖବର ସାମ୍ପ୍ରତିକ ସମୟରେ ଆଉ କ'ଣ ହୋଇପାରିବ?

ଏହି ପ୍ରବନ୍ଧଟି ଲେଖିବା ବେଳକୁ ଦୀପୁ ଚନ୍ଦ୍ର ଦାସଙ୍କ ହତ୍ୟାକାରୀଙ୍କ ମଧ୍ୟରୁ ବାରଜଣଙ୍କୁ ପୁଲିସ ଗିରଫ କରିଥିବା ବେଳେ ସରିଫ ହାଦିଙ୍କ ହତ୍ୟାକାରୀମାନଙ୍କ ବିଷୟରେ କୌଣସି ସୂଚନା ମିଳିପାରି ନାହିଁ। ବାଂଲାଦେଶ ଏବେ ହିଂସାର ଏକ ଜ୍ୱଳନ୍ତ ଅଗ୍ନିପିଣ୍ଡ ହୋଇସାରିଛି, ଯାହା ପ୍ରଶମିତ ହେବାର ସମ୍ଭାବନା ଦେଖାଯାଉନାହିଁ। ଏହାର ପ୍ରଥମ କାରଣ ଆଗାମୀ ଫେବୃଆରୀରେ ଏଠାରେ ହେବାକୁ ଥିବା ସାଧାରଣ ନିର୍ବାଚନ ଏବଂ ଦ୍ୱିତୀୟରେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି(ବିଏନ୍‌ପି)ର କାର୍ଯ୍ୟକାରୀ ଅଧ୍ୟକ୍ଷ ତାରିକ ରେହେମାନ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ଜନସାଧାରଣଙ୍କୁ ସମ୍ବୋଧିତ କରିଛନ୍ତି। ମୌଳବାଦୀ ସମର୍ଥକ ଖାଲେଦା ଜିଆଙ୍କର ପୁତ୍ର ତାରିକ୍‌ଙ୍କୁ ହସିନାଙ୍କ ଶାସନ କାଳରେ ଦେଶାନ୍ତର କରାଯାଇଥିଲା। ଦୀର୍ଘ ପ୍ରାୟ ଅଠର ବର୍ଷ ଧରି ନିର୍ବାସନ ଦଣ୍ଡ ଭୋଗୁଥିବା ତାରିକ୍ ହସିନା ଗାଦିଚ୍ୟୁତ ହେବା ପରେ ନିଜ ଦେଶକୁ ଫେରିଥିବାରୁ ତାଙ୍କ ଭିତରେ ଜଳୁଥିବା ପ୍ରତିଶୋଧର ଅଗ୍ନି ନିଶ୍ଚୟ ବାଂଲାଦେଶକୁ ଆହୁରି ଅଶାନ୍ତ କରିପାରେ। ଅପରପକ୍ଷରେ ତାଙ୍କର ସୁରକ୍ଷା ମଧ୍ୟ ବାଂଲାଦେଶର କାମଚଳା ସରକାରଙ୍କ ପାଇଁ ଆଉ ଏକ ଆହ୍ୱାନ ସୃଷ୍ଟି କରିଛି। ବିରୋଧୀ ହସିନା ଗୋଷ୍ଠୀ ପକ୍ଷରୁ ତାଙ୍କ ଉପରେ ସାମାନ୍ୟତମ ଆକ୍ରମଣ ହେଲେ ମଧ୍ୟ ବାଂଲାଦେଶରେ ହିଂସା ଅଣାୟତ୍ତ ହୋଇପଡ଼ିବ।

ପାକିସ୍ତାନ ଭଳି ବାଂଲାଦେଶରେ ମଧ୍ୟ ରାଜନୈତିକ ହତ୍ୟାର ଏକ ଲମ୍ବା ଇତିହାସ ରହିଆସିଛି। ବାଂଲାଦେଶର ଜନ୍ମଦାତା ବଙ୍ଗବନ୍ଧୁ ଶେଖ ମୁଜିବୁର ରେହେମାନ ଏବଂ ତାଙ୍କ ପରିବାର ବର୍ଗଙ୍କୁ କିଛି ଅସନ୍ତୁଷ୍ଟ ସେନା ଅଧିକାରୀ ଅଗଷ୍ଟ ୧୫, ୧୯୭୫ ରେ ନିର୍ମମତାର ସହ ହତ୍ୟା କରିଥିଲେ। ତାରିକ ରେହେମାନଙ୍କର ପିତା ଜିଆ-ଉର ରେହେମାନ, ଯିଏ ନିଜେ ଜଣେ ସେନା ଅଧିକାରୀ ଥିଲେ ଏବଂ ବଙ୍ଗବନ୍ଧୁଙ୍କ ପରେ ପ୍ରଧାନମନ୍ତ୍ରୀ ପଦରେ ଆସୀନ ହୋଇଥିଲେ ତାଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା ସେନାର ବିଦ୍ରୋହ ଦ୍ୱାରା ୧୯୭୯ ରେ। ସେହିପରି ବଙ୍ଗବନ୍ଧୁଙ୍କର କନ୍ୟା ଶେଖ ହସିନାଙ୍କ ଉପରେ ମଧ୍ୟ ବହୁବାର ପ୍ରାଣାନ୍ତକ ଆକ୍ରମଣ ହୋଇଛି। ଏଥିମଧ୍ୟରୁ ୨୦୦୪ର ଗ୍ରେନେଡ୍ ଆକ୍ରମଣ ଅନ୍ୟତମ। ଆୱାମୀ ଲିଗର ବହୁ ନେତୃବୃନ୍ଦ ଏହି ଆକ୍ରମଣରେ ମୃତାହତ ହୋଇଥିଲେ। ତାରିକ୍ ରେହେମାନ, ଖାଲେଦା ଜିଆ ଏବଂ ବିଏନ୍‌ପିର ଅନ୍ୟାନ୍ୟ ନେତାମାନଙ୍କୁ ଏହି ଆକ୍ରମଣ ପାଇଁ ଦାୟୀ କରି ସେମାନଙ୍କ ବିରୁଦ୍ଧରେ ମୋକଦ୍ଦମା ମଧ୍ୟ ହୋଇଥିଲା। ସମ୍ପ୍ରତି ବାଂଲାଦେଶର ସର୍ବୋଚ୍ଚ ଅଦାଲତ ଏହି ମାମଲାକୁ ରଦ୍ଦ କରିଛନ୍ତି।

ତାରିକଙ୍କର ବାଂଲାଦେଶକୁ ପ୍ରତ୍ୟାବର୍ତ୍ତନ ଓ ଓସମାନ ହାଦିଙ୍କ ମୃତ୍ୟୁ ପରବର୍ତ୍ତୀ ହିଂସା କାକତାଳିକ ହୋଇପାରେ। କିନ୍ତୁ ହାଦିଙ୍କ ମୃତ୍ୟୁ ପରବର୍ତ୍ତୀ ବିକ୍ଷୋଭ ଓ ହିଂସାରେ ବାଂଲାଦେଶର ଦୁଇଟି ପ୍ରତିଷ୍ଠିତ ଖବର କାଗଜ 'ଦ ଡେଲି ଷ୍ଟାର' ଓ 'ପ୍ରଥମ ଆଲୋ' ଉପରେ ମଧ୍ୟ ଆକ୍ରମଣ ହୋଇଛି। ଯଦିଓ ଏହି ଦୁଇଟି ଖବରକାଗଜ ଶେଖ ହାସିନାଙ୍କ ବିରୋଧୀ ଥିଲେ ଏବଂ ଗତବର୍ଷ ଜୁଲାଇରେ ସଂଘଟିତ ହୋଇଥିବା ଗଣଆନ୍ଦୋଳନର ସମର୍ଥକ ଥିଲେ, ଏମାନଙ୍କ ଉପରେ ଆକ୍ରମଣର କାରଣ ତର୍ଜମା କଲା ବେଳେ ଭିନ୍ନ ସଂକେତ ମିଳୁଛି। ହାଦିଙ୍କ ମୃତ୍ୟୁ ପାଇଁ ବାଂଲାଦେଶର ବିଭିନ୍ନ ଇସଲାମୀୟ ମୌଳବାଦୀ ଗୋଷ୍ଠୀ ଶେଖ ହାସିନାଙ୍କୁ ଓ ତାଙ୍କୁ ଆଶ୍ରୟ ଦେଇଥିବାରୁ ପରୋକ୍ଷରେ ଭାରତକୁ ଦାୟୀ କରୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ଢାକାରେ ଥିବା ଭାରତୀୟ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ତେବେ ବିଭିନ୍ନ ସୂତ୍ରରୁ ଜାଣିବାକୁ ମିଳୁଛି କି ବାଂଲାଦେଶର ଏଭଳି ପରିସ୍ଥିତିକୁ ସୃଷ୍ଟି କରିବାରେ ଜମ୍ମାତ-ଇ-ଇସଲାମୀର ସବୁଠାରୁ ବଡ଼ ହାତ ରହିଛି। ସମ୍ପ୍ରତି ଏହା ବାଂଲାଦେଶର ସବୁଠାରୁ ବୃହତ୍ ଇସଲାମୀୟ ମୌଳବାଦୀ ଓ ଆତଙ୍କବାଦୀ ସଙ୍ଗଠନ। ଶେଖ ହସିନାଙ୍କ ଶାସନ ସମୟରେ ସେ ଏହା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହାର ପ୍ରଭାବକୁ କ୍ଷୁଣ୍ଣ କରିଥିଲେ। ହସିନା ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କର ସ୍ୱାର୍ଥରକ୍ଷା କରିବା ସହିତ ଦେଶର ଧର୍ମନିରପେକ୍ଷତାକୁ ବଜାୟ ରଖିଥିଲେ ଏବଂ ଭାରତ ସହିତ ଉତ୍ତମ ସମ୍ପର୍କ ରଖିଥିଲେ। କିନ୍ତୁ ଗତବର୍ଷର ବିଦ୍ରୋହ ଓ ଶେଖ ହସିନାଙ୍କ ଭାରତ ପଳାୟନ ପରେ ଜମାତ ନିଜର ଭାରତବିରୋଧୀ କାର୍ଯ୍ୟକଳାପ, ସଂଖ୍ୟାଲଘୁମାନଙ୍କ ଉପରେ ଅତ୍ୟାଚାର ଦ୍ୱାରା ବାଂଲାଦେଶକୁ ଏକ ଇସଲାମୀୟ ରାଷ୍ଟ୍ରରେ ପରିଣତ କରିବା ପାଇଁ ଚେଷ୍ଟା କରୁଛି। ରୋଚକ କଥା ଏହି ଯେ ହସିନାଙ୍କ ଶାସନ ସମୟରେ ଯେଉଁ ଜମାତ, ଖାଲେଦା ଜିଆଙ୍କ ଦଳ ବିଏନପିକୁ ସମର୍ଥନ କରୁଥିଲା, ବର୍ତ୍ତମାନ ପରିସ୍ଥିତିରେ ଏହି ଦଳ ସହ ପ୍ରତିଦ୍ୱନ୍ଦ୍ୱିତା କରି ସବୁଠାରୁ ଶକ୍ତିଶାଳୀ ଦଳ ହେବା ପାଇଁ ଚେଷ୍ଟା କରୁଛି।

ସେଠାକାର ବହୁଳ ପ୍ରସାରିତ ଖବରକାଗଜ 'ଦ ଡେଲି ଷ୍ଟାର' ଓ 'ପ୍ରଥମ ଆଲୋ', ଯେଉଁମାନେ କି ଶେଖ ହାସିନାଙ୍କ ଦୃଢ଼ ସମାଲୋଚକ ଥିଲେ, ସେମାନଙ୍କର କାର୍ଯ୍ୟାଳୟ ଉପରେ ଆକ୍ରମଣ ପଛର କାରଣ ଏବେ ଧୀରେଧୀରେ ସାମନାକୁ ଆସୁଛି। ୧୯୭୧ ମସିହାରେ ସଂଘଟିତ ପାକିସ୍ତାନ ସେନାର ନୃଶଂସ ଅତ୍ୟାଚାର, ବଳାତ୍କାର ଏବଂ ବାଂଲାଦେଶ ମୁକ୍ତିବାହିନୀର ଅତୁଳନୀୟ ତ୍ୟାଗ ସମ୍ବଳିତ 'ବାଂଲାଦେଶର ମୁକ୍ତି ସଂଗ୍ରାମ'ର ଇତିହାସକୁ ବିଲୋପ କରିବା ପାଇଁ ଜମାତ୍ ଚେଷ୍ଟା କରୁଥିବା ବେଳେ ଉପରଲିଖିତ ଖବରକାଗଜ ଦୁଇଟି ଏହାର ବିରୋଧ କରୁଛନ୍ତି। ଜମାତ ଓ ୟୁନୁସ୍ ସରକାର ଏହିପରି କରିବାର କାରଣ, ପାକିସ୍ତାନ ଓ ବାଂଲାଦେଶର ସାମ୍ପ୍ରତିକ ସମୟରେ ବଢ଼ୁଥିବା ଘନିଷ୍ଠତା। ଆମେମାନେ ଲକ୍ଷ୍ୟ କଲେ ଜାଣିପାରିବା ଯେ, ୧୯୭୧ ମସିହା ପରେ ପ୍ରଥମଥର ପାଇଁ ପାକିସ୍ତାନ ଓ ବାଂଲାଦେଶ ପରସ୍ପରର ନିକଟବର୍ତ୍ତୀ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ହେଉଥିବା ଦ୍ୱିପାକ୍ଷିକ ଆଲୋଚନା ଓ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇର ବାରମ୍ବାର ବାଂଲାଦେଶ ଗସ୍ତରୁ ଏହା ସ୍ପଷ୍ଟ ଅନୁମେୟ।

ଶେଷରେ ଆମ ଓଡ଼ିଶାର ପ୍ରଥିତଯଶା ଲେଖକ ସ୍ୱର୍ଗତ ମନୋଜ ଦାସଙ୍କ ବାଂଲାଦେଶ ଉପରେ ଲିଖିତ ଏକ ଆଲେଖ୍ୟରୁ କିଛିଅଂଶ ଉଦ୍ଧୃତ କରି ମୁଁ ପ୍ରବନ୍ଧଟିକୁ ଶେଷ କରୁଛି। ଏହି ଆଲେଖ୍ୟଟି ମନୋଜ ଦାସ ଲେଖିଥିଲେ ୧୯୭୫ ମସିହାରେ ବଙ୍ଗବନ୍ଧୁଙ୍କ ହତ୍ୟା ପରେ। ଆଲେଖ୍ୟଟିର ନାମ 'ମୌଳିକ ପାପ'। ଆଲେଖ୍ୟଟିରେ ଶ୍ରୀଦାସ କହିଛନ୍ତି, 'ଯେଉଁ ହିଂସାର ନଗ୍ନ ନୃତ୍ୟ ଭିତରୁ ପାକିସ୍ତାନର ଜନ୍ମ ସେହି ହିଂସାର ପ୍ଳାବନରେ ବାଂଲାଦେଶର ଜନ୍ମ। ସେଠାକାର ବାତାବରଣରେ ହିଂସା ଏଡ଼େ ବେଶି ଦେହସୁହା ହୋଇଯାଇଛି ଯେ ହିଂସା ଭିତରେ ତୁଙ୍ଗତମ ନେତାର ମୃତ୍ୟୁ ମଧ୍ୟ ହୁଏତ ସେତେ ବେଶି ଚମକ ସୃଷ୍ଟି କରୁ ନଥିବ। ଆଜି ବାଂଲାଦେଶରେ ଯାହା ଘଟୁଛି ତାହାର ସ୍ଥୂଳକାରଣ ଓ କୈଫିୟତ୍ ଦିନେ ଇତିହାସ ଦେଇପାରିବ ନିଶ୍ଚୟ, କିନ୍ତୁ ସବୁକିଛିର ଅସଲ ହେତୁ ଭାରତବିଭାଜନ ରୂପୀ ମୌଳିକ ପାପ।'

ଭୁବନେଶ୍ୱର, ମୋ:୮୧୪୪୦୪୨୯୯୭

# ଭାରତରେ ମାନବସମ୍ବଳ ଓ ଉର୍ଜା

ଡ. ସନ୍ତୋଷ କୁମାର ସାହୁ



ଭାରତବର୍ଷରେ ଆଜିବି ପ୍ରାୟ ୭୦ ଲକ୍ଷ ଲୋକ ବିଦ୍ୟୁତ ସେବାରୁ ବଞ୍ଚିତ। ଏଆଇ ଓ ୫ଜି ଇଣ୍ଟରନେଟ ଯୁଗରେ କୋଟି କୋଟି ଲୋକ ବିଦ୍ୟୁତ ଭଳି ମୌଳିକ ସେବା ଓ ସୁବିଧାରୁ ବଞ୍ଚିତ ରହିବା ବୁଦ୍ଧିଜୀବୀଙ୍କ ପାଇଁ ଯେତିକି ଚିନ୍ତାଜନକ, ତା'ଠୁ ବଳି ଅଧିକ ଉଦ୍‌ବେଗଜନକ କହିଲେ ଭୁଲ ହେବ ନାହିଁ। ୧୯୪୭ ମସିହାରେ ସ୍ୱାଧୀନତା ପରଠାରୁ ସରକାର ରାଷ୍ଟ୍ରନିର୍ମାଣ ଉପରେ ଗୁରୁତ୍ୱ ଦେଇ ବିଶେଷକରି ଗ୍ରାମାଞ୍ଚଳରେ ସାକ୍ଷରତାର ପ୍ରସାରରେ ବହୁଳ ଭାବେ ଧ୍ୟାନକେନ୍ଦ୍ରିତ କଲେ। ଏହା ସତ୍ତ୍ୱେ ଦେଶରେ ସାମାଜିକ ଓ ଅର୍ଥନୈତିକ ଅସମାନତା, ଜାତି ଓ ଲିଙ୍ଗଗତ ବିଭେଦ ଶିକ୍ଷାର ସାମୂହିକ ବିକାଶରେ ପ୍ରତିବନ୍ଧକ ସାଜିଥିଲା। ବିଶ୍ଳେଷଣରୁ ପ୍ରମାଣିତ ହୁଏ ଯେ ଭାରତରେ ମାନବସମ୍ବଳର ବଂଶାନୁକ୍ରମିକ ପରିବର୍ତ୍ତନ ପ୍ରକ୍ରିୟାରେ ଅନେକ କ୍ରମିକ ଓ ଗୁରୁତ୍ୱପୂର୍ଣ୍ଣ ବିକାଶ ଲକ୍ଷ୍ୟ କରାଯାଇଛି, ଯାହାକି ଆମର ସାମାଜିକ, ଆର୍ଥିକ ଓ ରାଜନୈତିକ ପ୍ରଣାଳିର ପରିବର୍ତ୍ତନ ଦ୍ୱାରା ଅନେକାଂଶରେ ଆକୃତି ପାଇଛି।

୧୯୯୦ ଦଶକର ପ୍ରାରମ୍ଭରେ ଦେଶର ଆର୍ଥିକ ଉଦାରୀକରଣ ଏକ ପ୍ରମୁଖ ପରିବର୍ତ୍ତନ ବିନ୍ଦୁ ଭାବରେ ଉଭା ହୋଇଥିଲା। ବଜାରମୁଖୀ ସଂସ୍କାରଗୁଡ଼ିକ ଦକ୍ଷ ଶ୍ରମଚାହିଦାକୁ ଉତ୍ସାହିତ କରିଥିଲା। ଫଳରେ ଶିକ୍ଷା ଓ ବୃତ୍ତିଗତ ତାଲିମରେ ଅଧିକ ନିବେଶ ହୋଇଥିଲା। ଏହା ଯଦିଓ କିଛି ସମୟ ପାଇଁ ସମାଜର ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରକୁ ଉତ୍ସାହିତ କରିଥିଲା, ତଥାପି ଉଚ୍ଚ-ଗୁଣବତ୍ତା ସମ୍ପନ୍ନ ଶିକ୍ଷାରେ ନିରନ୍ତର ଅସମାନତା ଦେଶର ଦାରିଦ୍ର୍ୟଚକ୍ର ନିରାକାରଣରେ ସେତେଟା ସହାୟକ ହୋଇପାରି ନ ଥିଲା। ଉଚ୍ଚପ୍ରଗତିରେ ଏହା ଏବେ ବି ପ୍ରତିବନ୍ଧକ ହୋଇ ଠିଆହୋଇଛି। ଇତିହାସକୁ ଅବଲୋକନ କଲେ ଜଣାଯାଏ, ସ୍ୱାଧୀନତା ପୂର୍ବରୁ ଆମ ଦେଶର ପରିବାରଗୁଡ଼ିକର ଶିକ୍ଷାଗତ ଯୋଗ୍ୟତା ଓ ଆର୍ଥିକ ସ୍ୱାଧୀନତା ମୁଖ୍ୟତଃ ସାଂରଚନିକ ସ୍ଥିତି ଯଥା ସ୍କୁଲିଂ ଓ ଆର୍ଥିକ ସମ୍ବଳର ବଜାର ପ୍ରବେଶ ଉପରେ ହିଁ ନିର୍ଭର କରୁଥିଲା। ୧୯୪୭ ପରଠାରୁ ଏଥିରେ ଯଥେଷ୍ଟ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲେ ହେଁ ଅଦ୍ୟାବିଧି ସ୍ଥିତି ଆଶାନୁରୂପ ହୋଇପାରୁନି।

ସେହିପରି ଶକ୍ତିର ଉପଲବ୍ଧତା ମାନବ ସମ୍ବଳର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାନକ ଭାବେ କ୍ରମେ ସ୍ୱୀକୃତି ପାଇଛି। ଅପର୍ଯ୍ୟାପ୍ତ ବିଦ୍ୟୁତ୍ ଯୋଗାଣ ଅଧ୍ୟୟନ ବା ଶିକ୍ଷାର ସମୟକୁ ସୀମିତ କରୁଛି, ଡିଜିଟାଲ୍ ଶିକ୍ଷା ଉପକରଣର ଉପଲବ୍ଧତାରେ ପ୍ରତିବନ୍ଧକ ସାଜୁଛି ଏବଂ ବିଦ୍ୟାଳୟ ଭିତ୍ତିଭୂମିକୁ ପ୍ରତିକୂଳ ଭାବରେ ପ୍ରଭାବିତ କରୁଛି। ଗବେଷଣାରୁ ସୂଚିତ ଯେ, ବିଦ୍ୟୁତ୍ ସଂଯୋଗର ନିରନ୍ତର ସେବା ପାଉଥିବା ପରିବାରଗୁଡ଼ିକ ସେମାନଙ୍କ ପିଲାଙ୍କୁ ଉତ୍ତମ ଓ ବୈଷୟିକଯୁକ୍ତ ଶିକ୍ଷା ପ୍ରଦାନ କରିବାରେ ସୁଦୃଢ଼, ସମର୍ଥ ଓ ସୁସଜ୍ଜିତ। 'ସୌଭାଗ୍ୟ' ଭଳି ସାମ୍ପ୍ରତିକ ସରକାରୀ ଯୋଜନା ଏହି ବ୍ୟବଧାନକୁ ପୂରଣ କରିବାର ଲକ୍ଷ୍ୟ ରଖିଛି, ଯାହା ଶକ୍ତି ଓ ଶିକ୍ଷା ସଂଯୋଗର ଅଧିକୃତ ସ୍ୱୀକୃତିକୁ ଉଜ୍ଜ୍ୱଳ କରିଥାଏ। ସମାନ୍ତରାଳ ଭାବରେ, ପାଠ୍ୟକ୍ରମରେ ସ୍ଥିର ବିକାଶ ଓ ସବୁଜ ଶିକ୍ଷାର ସମନ୍ୱୟକୁ ଦୃଷ୍ଟିରେ ରଖି ଜ୍ଞାନୀ ଗୁଣୀ ପରିବେଷ୍ଟିତ ପରିବେଶକୁ ସୁହାଇବା ଭଳି ଅର୍ଥନୀତି ପାଇଁ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବା ଅତ୍ୟାବଶ୍ୟକ ବୋଲି ବିବେଚନା କରାଯାଏ।

ପରିବର୍ଦ୍ଧିତ ଶକ୍ତି ଚାହିଦାକୁ ସୁବ୍ୟବସ୍ଥିତ ଓ ସୁଦୃଢ଼ କରିବାର ଜରୁରୀ ଆବଶ୍ୟକତା ଏହାକୁ ଆହୁରି ଗୁରୁତ୍ୱ ଦିଏ। ଭାରତର ପ୍ରାଥମିକ ଶକ୍ତି ଆବଶ୍ୟକତା ୨୦୦୦ ମସିହାରେ ୪୫୦ ନିୟୁତ ଟନ୍ ତେଲ ସମତୁଲ୍ୟରୁ ୨୦୩୯ ସୁଦ୍ଧା ୧୨୫୦ ରୁ ୧୫୦୦ ନିୟୁତ ଟନ୍‌କୁ ବୃଦ୍ଧି ପାଇବାର ଆକଳନ କରାଯାଇଛି। ଏହି ଗତିପଥକୁ ଦୃଷ୍ଟିରେ ରଖି, ଶକ୍ତି ଭିତ୍ତିଭୂମିର ବିସ୍ତାର ଓ ଆନୁଷ୍ଠାନିକ କ୍ଷମତା ବୃଦ୍ଧି, ବିଶେଷକରି ବିତରଣ କମ୍ପାନୀଗୁଡ଼ିକ ମଧ୍ୟରେ ଏକ ନିର୍ଭରଯୋଗ୍ୟ ଯୋଗାଣଶୃଙ୍ଖଳ ସୁନିଶ୍ଚିତ କରିବା ଏବଂ ଶିକ୍ଷାଗତ ଓ ଆର୍ଥିକ ବିକାଶର ସୁଯୋଗ ଓ ସମର୍ଥନକୁ ପରିବ୍ୟାପ୍ତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତରେ ମାନବପୁଞ୍ଜିର ବିକାଶ ସାମାଜିକ-ଆର୍ଥିକ ଅସମାନତା ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଛି। ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଆଧୁନିକ ଶକ୍ତି ଉତ୍ସଗୁଡ଼ିକର ପ୍ରବେଶ କ୍ଷେତ୍ରରେ ଏହା ପରିଲକ୍ଷିତ ହୁଏ। ପିଲାମାନଙ୍କ ଶିକ୍ଷାପ୍ରାପ୍ତି ପଛରେ ପିତାମାତାଙ୍କ ଶିକ୍ଷାଗତ ଯୋଗ୍ୟତାର ଏକ ଦୃଢ଼ ପୂର୍ବାନୁମାନିକ ମୂଲ୍ୟ ଅଛି, ଯାହା ନିରନ୍ତର ସାମାଜିକ ପ୍ରଗତିକୁ ପ୍ରଭାବିତ କରୁଛି। ଶକ୍ତିର ଅଭାବ ବିକାଶରେ ବାଧକ ହେବାରେ ଲାଗିଛି।

ଏହି ଆହ୍ୱାନଗୁଡ଼ିକର ଉଚିତ ମୁକାବିଲା ପାଇଁ ଶିକ୍ଷା, ନିଯୁକ୍ତି, ଲିଙ୍ଗଗତ ସମାନତା ଓ ଦାରିଦ୍ର୍ୟ ହ୍ରାସ ସମେତ ବ୍ୟାପକ ବିକାଶ ଲକ୍ଷ୍ୟ ସହିତ ଶକ୍ତିର ସୁଯୋଗକୁ ସଂଯୋଗ କରୁଥିବା ନୀତିଗତ ରଣନୀତିର ଆବଶ୍ୟକତା ଅବଶ୍ୟମ୍ଭାବୀ ହୋଇଛି। ସମାନ୍ତରାଳ ଭାବେ ପଛୁଆ ସମ୍ପ୍ରଦାୟକୁ ପ୍ରାଥମିକତା, ଦକ୍ଷତା ବିକାଶ ଓ ଶିକ୍ଷାଗତ ସଂସ୍କାର ସହ ଶକ୍ତି ଯୋଗାଣକୁ ସମନ୍ୱିତ କରୁଥିବା ଲକ୍ଷ୍ୟବଦ୍ଧ ହସ୍ତକ୍ଷେପ ବିନା ଅସମାନତାର ଚକ୍ରବ୍ୟୂହ ଏହିଭଳି ଘେରି ରହିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ଭାରତରେ ଶିକ୍ଷାଗତ ଫଳାଫଳ ବୃଦ୍ଧି କରିବା, ଆର୍ଥିକ ସୁଯୋଗ ବିସ୍ତାର କରିବା ଓ ଦୀର୍ଘକାଳୀନ ଆନ୍ତଃପିଢ଼ିଗତ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ନିର୍ଭରଯୋଗ୍ୟ, ସୁଲଭ ଓ ସ୍ଥାୟୀ ଶକ୍ତି ପ୍ରବେଶକୁ ସୁଦୃଢ଼ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

(ସହାୟକ ପ୍ରଧ୍ୟାପକ, ଅର୍ଥନୀତି ବିଭାଗ, ଆଇଆଇଟି-ମାଡ୍ରାସ)
ଚେନ୍ନାଇ ୯୭୯୧୧୭୦୪୩୧


# ବିଚ୍ଛାଦେବୀ କୋଣ୍ଡମାଇ ଓ ଚେଲମ୍ମା

## ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

କର୍ଣ୍ଣାଟକର ଯାଦଗିରି ଜିଲ୍ଲା ଗୁରୁମଠକଲ୍ ଅଞ୍ଚଳସ୍ଥିତ କଂଦକୁର କୋଣ୍ଡମାଇ ପାହାଡ଼ ଉପରେ ଏପରି ଏକ ମନ୍ଦିର ଅଛି, ଯେଉଁଠି 'ବିଚ୍ଛାଦେବୀ'ଙ୍କୁ ପୂଜା କରାଯାଏ। ଅଞ୍ଚଳର ନାମାନୁସାରେ ଦେବୀଙ୍କ ନାମ 'କୋଣ୍ଡମାଇ' ହୋଇଛି। 'କୋଣ୍ଡମାଇ'ର ଅର୍ଥ ହେଉଛି 'ବିଚ୍ଛାଙ୍କ ଦେବୀ'। ଏଠାରେ ପଥର ନିର୍ମିତ ବିଚ୍ଛାର ମୂର୍ତ୍ତି ମଧ୍ୟ ପୂଜା ପାଉଛି। ଏହି ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ଦେବୀଙ୍କୁ ଦର୍ଶନ କରିବା ପରେ ତାଙ୍କର ପ୍ରତୀକ ଭାବେ ବିଷାକ୍ତ ବିଚ୍ଛାକୁ ନିଜ ଶରୀରର ବିଭିନ୍ନ ଅଙ୍ଗରେ ରଖିଥା'ନ୍ତି। ବିଚ୍ଛା ସମ୍ପୂର୍ଣ୍ଣ ଶରୀର ଉପରେ ବିଚରଣ କରିବା ପରେ ଆପେ ଆପେ ତଳକୁ ଖସି ଆସିଥାଏ। କେତେକ ଭକ୍ତ ବିଚ୍ଛାକୁ ଜିଭରେ ରଖିବାର ଦୃଷ୍ଟାନ୍ତ ମଧ୍ୟ ରହିଛି। ଦେବୀଙ୍କ କରୁଣାରୁ ଏଠାରେ ବିଚ୍ଛା କେବେ ମଧ୍ୟ କାହାକୁ ଦଂଶନ କରେନାହିଁ।

ଆହୁରି ମଧ୍ୟ ବିଶ୍ୱାସ ରହିଛି ଯେ ଦେବୀଙ୍କୁ ସ୍ମରଣ କରି ପାହାଡ଼ରୁ ଯେକୌଣସି ପଥର ଉଠାଇଲେ ତା' ତଳୁ ବିଚ୍ଛା ବାହାରିଥାଏ। ବିଶେଷଭାବେ ଜୁଲାଇ ଓ ଅଗଷ୍ଟ ମାସରେ ଏହି ପାହାଡ଼ ଲାଲ୍ ରଙ୍ଗର ବିଷାକ୍ତ ବିଚ୍ଛା ଦ୍ୱାରା ପରିପୂର୍ଣ୍ଣ ହୋଇଯାଏ। କ୍ୱଚିତ୍ ଯଦି କୌଣସି ଭକ୍ତକୁ ବିଚ୍ଛା ଦଂଶନ କରେ, ମାଆ କୋଣ୍ଡମାଇଙ୍କ ବିଭୂତି ଲେପନ କଲେ ନିମିଷେକ ମଧ୍ୟରେ ବିଷ ପ୍ରକ୍ରିୟା ନଷ୍ଟ ହୋଇ କଷ୍ଟ ଲାଘବ ହୁଏ। ବର୍ଷସାରା ଭକ୍ତମାନଙ୍କର ଆଗମନ ହେଉଥିଲେ ମଧ୍ୟ ନାଗପଞ୍ଚମୀ ଦିନ ଏହି ମନ୍ଦିରରେ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଜନସମାଗମ ଦେଖାଯାଏ। ନାଗପଞ୍ଚମୀରେ 'ଚୋଲିନା ଯାତ୍ରେ' ଭାବେ ଏଠାରେ ଏକ ବିଶେଷପର୍ବ ପାଳନ କରାଯାଏ। ଏହି ଅବସରରେ ଦେବୀଙ୍କ ବିଶେଷ ପୂଜାର୍ଚ୍ଚନା ସହିତ ବଡ଼ ମେଳାର ଆୟୋଜନ ହୁଏ। ଭକ୍ତମାନେ ଏହିଦିନ ନାଗ ସହିତ ବିଚ୍ଛାକୁ ମଧ୍ୟ ପୂଜା କରିଥା'ନ୍ତି। ଏହାପରେ ଦେବୀଙ୍କୁ ଦର୍ଶନ କରି ମନସ୍କାମନା ପୂରଣ ପାଇଁ ଆଶୀର୍ବାଦ ଭିକ୍ଷା କରନ୍ତି। ଅନ୍ୟ ଏକ ବିଶ୍ୱାସ ମଧ୍ୟ ରହିଛି ଯେ, ନାଗପଞ୍ଚମୀ ପରେ ବିଚ୍ଛା ଆଦୌ ଦେଖାଯା'ନ୍ତି ନାହିଁ। ବିଚ୍ଛା ଦେବୀଙ୍କୁ ଭକ୍ତମାନେ କ୍ଷୀର, ସର୍ପ ମୂର୍ତ୍ତି, ଶାଢ଼ି, ନଡ଼ିଆ ଓ ତେଲ ମଧ୍ୟ ଅର୍ପଣ କରିବାର ବିଧି ପ୍ରଚଳିତ।



ଏହାଛଡ଼ା କର୍ଣ୍ଣାଟକର ଐତିହାସିକ ସହର କୋଲାର୍‌ଠାରେ ରହିଛି କୋଲାରାମ୍ମାଙ୍କ ଏକ ହଜାର ବର୍ଷ ପୁରୁଣା ମନ୍ଦିର। ଏହି ମନ୍ଦିରରେ ଦେବୀ ପାର୍ବତୀ 'କୋଲାରାମ୍ମା' ଭାବେ ପୂଜିତା। ଦେବୀ ପାର୍ବତୀଙ୍କୁ ଏଠାରେ ଉଗ୍ରରୂପୀ ଦୁର୍ଗା ଭାବେ ପୂଜା କରାଯାଉଥିବାରୁ ଭକ୍ତମାନେ ଦେବୀଙ୍କୁ ଦର୍ପଣରେ ପ୍ରତିବିମ୍ବରେ ଦର୍ଶନ କରି ପୂଜାର୍ଚ୍ଚନା କରିଥା'ନ୍ତି। ମନ୍ଦିର ପରିସର ଭିତରେ ରହିଛି 'ବିଚ୍ଛାଦେବୀ' ବା 'ଚେଲାମ୍ମା ଦେବୀ'ଙ୍କ ମନ୍ଦିର। ଭକ୍ତମାନଙ୍କର ପ୍ରଗାଢ଼ ବିଶ୍ୱାସ ରହିଛି ଯେ, ବିଷାକ୍ତ ବିଚ୍ଛା ଦଂଶନରୁ ଦେବୀ ଚେଲାମ୍ମା ଲୋକଙ୍କୁ ରକ୍ଷା କରିବା ସହିତ ପ୍ରାଣଦାନ ଦେଇଥା'ନ୍ତି। ଏପରିକି ବିଚ୍ଛା ଦଂଶିତ ବ୍ୟକ୍ତି ଯେଉଁ ସ୍ଥାନରେ ଯେତେ ଦୂରରେ ଥାଉନା କାହିଁକି, ଦେବୀଙ୍କୁ ସ୍ମରଣ କରିବା ମାତ୍ରେ ବିଷର ପ୍ରଭାବ ଦୂର ହୋଇଯାଏ। ଅନ୍ୟଏକ ବିଶ୍ୱାସ ଅନୁସାରେ ସବୁଦିନ ମନ୍ଦିରକୁ ଆସି ଦେବୀଙ୍କ ପୂଜାର୍ଚ୍ଚନା କରୁଥିବା ବ୍ୟକ୍ତିଙ୍କୁ କେବେ ମଧ୍ୟ ବିଚ୍ଛା ଦଂଶନ କରେନାହିଁ। ଗର୍ଭଗୃହରେ ଦେବୀଙ୍କ ବିଗ୍ରହସ୍ଥିତ ଚଟାଣରେ ଗୋଟିଏ ଫାଟ ରହିଛି, ଯେଉଁଠି ବିଚ୍ଛାମାନେ ରହିଛନ୍ତି। ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସମୟରେ ଦେବୀଙ୍କ ବିଗ୍ରହ ଉପରେ ଗୋଟିଏ ବିଚ୍ଛା ରହିଥିବାର ଦେଖିବାକୁ ମିଳେ। ଭକ୍ତମାନେ ମନସ୍କାମନା ପୂରଣ କରିବା ସହିତ ବିଷାକ୍ତ ବିଚ୍ଛା ଦଂଶନରୁ ମୁକ୍ତି ପାଇବା ପାଇଁ ଦେବୀଙ୍କୁ ରୁପାର ବିଚ୍ଛା ଅର୍ପଣ କରିଥା'ନ୍ତି। ଏହି ମନ୍ଦିରର ସୁରକ୍ଷା ବିଚ୍ଛାମାନେ କରନ୍ତି ବୋଲି ଲୋକକଥାରୁ ଶୁଣାଯାଏ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଚନ୍ଦକାରେ ଏସ୍‌ଓଜିର ଆତଙ୍କବାଦ ନିରୋଧୀ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,୨୫।୧୨(ସମିସ): ରାଜଧାନୀ ଉପକଣ୍ଠ ଚନ୍ଦକାଠାରେ ଥିବା ସ୍ପେଶାଲ୍ ଅପରେସନ୍ ଗ୍ରୁପ୍(ଏସ୍‌ଓଜି)ର ଟ୍ରେନିଂ ଏବଂ ବ୍ରିଫିଙ୍ଗ ହଲ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏଥିରେ ଏକ ସମୟରେ ୪୦୦ ଯବାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିହେବ। ଏଥିସହ

**ଚଳିତ ଡିସେମ୍ବରରୁ ଯବାନଙ୍କୁ ମିଳିବ ୨୫ ଟଙ୍କାର ରିସ୍କ ଆଲାଉନ୍ସ: ମୁଖ୍ୟମନ୍ତ୍ରୀ**

ଏକ ଆତଙ୍କବାଦ ନିରୋଧୀ ପ୍ରଶିକ୍ଷଣ କେନ୍ଦ୍ରକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୧୬ଟି ଜିଲ୍ଲାର ୧୬ଟି ଥାନା



ଗୃହ, ୭୦ କ୍ୱାର୍ଟର୍ସ, ଅଫିସ ଗୃହ, ବାରାକ୍, ଅସ୍ତ୍ରାଗାର, ପ୍ରଶାସନିକ ବିଲ୍ଡିଂ ପ୍ରକଳ୍ପ ଉଦ୍‌ଘାଟନ କରି କହିଛନ୍ତି, ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ହିଂସାରେ ଲିପ୍ତ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କୁ ସରକାର ଅତ୍ୟନ୍ତ କଠୋର ଭାବରେ ଦମନ କରିବା ପାଇଁ ବଦ୍ଧପରିକର। ଚଳିତ ଡିସେମ୍ବର ମାସଠାରୁ ନକ୍ସଲ ଦମନ ଅଭିଯାନରେ ପ୍ରତ୍ୟକ୍ଷ ଭାବେ ନିୟୋଜିତ ଏସ୍‌ଓଜି ଅଫିସରମାନେ ମାସିକ ସର୍ବାଧିକ ୨୫,୦୦୦ ଟଙ୍କା ରିସ୍କ ଆଲାଉନ୍ସ ପାଇବେ। ଏସ୍‌ଓଜିର ସୁବେଦାର ଓ ଡେପୁଟି ସୁବେଦାରମାନେ ମାସିକ ୨୪,୦୦୦ ଟଙ୍କା, ହାବିଲଦାରମାନେ ମାସିକ ୨୦ ହଜାର ଟଙ୍କା ଏବଂ କନଷ୍ଟେବଲ ଓ ସିପାହୀମାନେ ମାସକୁ ୧୬ ହଜାର ଟଙ୍କା ଭତ୍ତା ପାଇବେ। ସେହିପରି ଏସ୍‌ଓଜି, ଏଇଟି ଓ ଆର୍‌ସି ଅଧିକାରୀ ଓ କର୍ମଚାରୀମାନେ ପ୍ରତ୍ୟକ୍ଷ ଭାବରେ ଅଭିଯାନରେ ସାମିଲ ହୋଇନଥିଲେ ମଧ୍ୟ ଟ୍ରେନିଂ ଓ ଅନ୍ୟାନ୍ୟ ଡ୍ୟୁଟିରେ ଥିଲେ ମାସିକ ସର୍ବାଧିକ ୧୨,୦୦୦ ଟଙ୍କା ପାଇବେ। ସ୍ପେସାଲ ଇଣ୍ଟେଲିଜେନ୍ସ ୱିଙ୍ଗ୍‌ର କର୍ମଚାରୀମାନେ ମାସିକ ସର୍ବାଧିକ ୨୦,୦୦୦ ଟଙ୍କା ଭତ୍ତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଡିଜିପି ଯୋଗେଶ ବାହାଦୂର ଖୁରାନିଆ, ଏଡିଜିପି(ଏଏନ୍‌ଓ) ସଞ୍ଜୀବ ପଣ୍ଡା, ଆଇଜି ଅପେରସନସ୍, ଡ. ଦୀପକ କୁମାର, ଡିଆଇଜିପି ଏସ୍‌ଆଇଡବ୍ଲ୍ୟୁ ଅଖିଳେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

■ ଓମସା ସହ କଥା ହେଲେ ସ୍ୱାସ୍ଥ୍ୟମନ୍ତ୍ରୀ

# ଆନ୍ଦୋଳନରୁ ନିବୃତ୍ତ ରହିବାକୁ ଅନୁରୋଧ

ଭୁବନେଶ୍ୱର,୨୫।୧୨(ସମିସ): ୧୮ ଦଫା ନେଇ ଆସନ୍ତାକାଲି ଅର୍ଥାତ୍ ୨୬ ତାରିଖଠାରୁ ଏକ ଘଣ୍ଟା ଓପିଡି ଓ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ବର୍ଜନ କରିବାକୁ ଓମସା ଘୋଷଣା କରିଥିଲା। ଏହାପୂର୍ବରୁ ଗୁରବାର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ବୈଠକର ଆଲୋଚନା ସକରାତ୍ମକ ରହିଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟମନ୍ତ୍ରୀ ଆଜି ଓମସା କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସଂଘ ରଖି ଥିବା ଦାବି ଗୁଡିକୁ ସମ୍ମାନ ଜଣାଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏକ କମିଟି ଗଠନ କରାଯାଇ ଦାବି ଗୁଡିକର ଅନୁଧ୍ୟାନ କରାଯାଇ ସକାରାଇକ ପଦକ୍ଷେପ ନିଆଯିବ। ଲୋକଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ସଂଘ ପକ୍ଷରୁ ନିଆଯାଇଥିବା ଆନ୍ଦୋଳନରୁ ନିବୃତ ରହିବାକୁ ସେ ଅନୁରୋଧ କରିଛନ୍ତି। ବୈଠକ ଶେଷରେ ଡାକ୍ତର ସଂଘ ପକ୍ଷରୁ ଜନସ୍ୱାର୍ଥକୁ ଗୁରୁତ୍ୱ ଦେଇ ସରକାର ସହ ଆଲୋଚନା ଜାରି ରଖିବା ଏବଂ ସ୍ୱାସ୍ଥ୍ୟ ସେବା ଅବାଧ ଭାବେ ଜାରୀ ରଖିବା ଦିଗରେ ସକାରାତ୍ମକ ମନୋଭାବ ପ୍ରକାଶ କରାଯାଇଛି। ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱଥି ଏସ, ସ୍ୱତନ୍ତ୍ର ସଚିବ ଡାକ୍ତର ବିଜୟ ମହାପାତ୍ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ବାର୍ଷିକ ପଦୋନ୍ନତି, ଡାକ୍ତରଙ୍କୁ ସରକାରୀ କ୍ୱାର୍ଟର୍ସ, କେନ୍ଦ୍ରୀୟ ବେତନ ହାର, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ୧୮ ଦଫା ଦାବି ନେଇ ଗତ ନଭେମ୍ବର ୨୦ ତାରିଖରୁ ଓମସା କ୍ୟାଡର କଳା ପୋଷାକ ପିନ୍ଧି ପ୍ରତିବାଦ କରି ଆସୁଛନ୍ତି।

# ମହୁମାଛିଙ୍କଠାରୁ ବର୍ତ୍ତିବା ପାଇଁ ପାଣିକୁ ଡେଇଁ ଯୁବକ ମୃତ

କୁଚିଣ୍ଡା, ୨୫ ।୧୨ (ସମିସ): ମହୁମାଛି ଆକ୍ରମଣରୁ ବର୍ତ୍ତିବା ପାଇଁ ପାଣିକୁ ଡେଇଁ ଯୁବକ ମୃତ। ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା କୁସୁମୀ ଫାଣ୍ଡି ଅଧୀନ ବ୍ରାହ୍ମଣୀଦେଇ ଗ୍ରାମରେ ଏପରି ଏକ ଅଘଟଣ ଘଟିଛି। ମୃତକ ହେଲେ, ଲୁଧା ମୁଣ୍ଡାଙ୍କ ପୁଅ ନୀଳାଦ୍ରି ମୁଣ୍ଡା(୨୮)। ଗୁରୁବାର ପୂର୍ବାହ୍ନରେ ନୀଳାଦ୍ରିଙ୍କ ସମେତ କିଛି ଗ୍ରାମବାସୀ ଗାଁ ପୋଖରୀରୁ ମାଛ ଧରୁଥିଲେ। ଏହି ସମୟରେ ହଠାତ୍ ଦଳେ ମହୁମାଛି ସେମାନଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରୁ ବର୍ତ୍ତିବା ପାଇଁ ସମସ୍ତେ ପୋଖରୀ ଭିତରକୁ ଡେଇଁ ପଡ଼ିଥିଲେ। କିଛି ସମୟ ପରେ ସମସ୍ତେ ପାଣି ଭିତରୁ ବାହାରି ଆସିଥିବା ବେଳେ ନୀଳାଦ୍ରି କିନ୍ତୁ ବାହାରିନଥିଲେ। ସନ୍ଦେହ ହେବାରୁ ସମସ୍ତେ ପୋଖରୀରେ ଖୋଜାଖୋଜି କରି ନୀଳାଦ୍ରିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ।ଅବସ୍ଥାରେସୁଧାରନହେବାରୁଅପରାହ୍ଣରେ କୁଚିଣ୍ଡା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ଡାକ୍ତର ସେଠାରେ ନୀଳାଦ୍ରିକୁ ମୃତ ଘୋଷଣା କରିଥିଲେ। ଏନେଇ ଡାକ୍ତରଖାନା ପକ୍ଷରୁ ମହୁଲପାଲି ଥାନା ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ଧନୁଯାତ୍ରା ହେଲା ଶେଷଯାତ୍ରା**

# ବ୍ରିଜ୍‌ରୁ ଖସିପଡ଼ିଲେ ୪ ସାଙ୍ଗ; ୨ ମୃତ

କୋମନା, ୨୫ ।୧୨ (ସମିସ): କିଟିକିଟି ଅନ୍ଧାରରେ ବାଇକ୍ ସହ ବ୍ରିଜ୍‌ରୁ ଖସିପଡ଼ିଲେ ୪ ସାଙ୍ଗ। ପାଣିରେ ବୁଡ଼ି ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍‌ରେ ଏପରି ଏକ ଅଘଟଣ ଘଟିଛି। ମୃତ ଯୁବକଦ୍ୱୟ ହେଲେ, ହାତୀସରା ଗ୍ରାମର ହରିଚନ୍ଦ୍ର ପଟେଲ (୧୯) ଏବଂ ବାବେଘାଟି ଗ୍ରାମର ଶୁଭରାମ ହଂସ (୧୯)। ରଞ୍ଜିତ ହଂସ (୧୯) ଗୁରୁତର ଆହତ ହୋଇଥିବା ବେଳେ ଭାଗବତ ମାଝୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନାନୁଯାୟୀ, ତରବୋଡ଼ରେ ଏବେ ଧନୁଯାତ୍ରା ଚାଲିଛି। ବୁଧବାର ରାତିରେ ୪ସାଙ୍ଗ ହରିଚନ୍ଦ୍ର, ଶୁଭରାମ, ରଞ୍ଜିତ ଓ ଭାଗବତ ଏକ ବାଇକ୍‌ରେ ଯାତ୍ରା ଦେଖିବାକୁ ଯାଇଥିଲେ। ବିଳମ୍ବିତ ରାତିରେ ସେଠାରୁ ଫେରିବା ବେଳେ ଏହି ଅଘଟଣ ଘଟିଥିଲା। ସ୍ଥାନୀୟ ଡଙ୍ଗାଘାଟ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ବ୍ରିଜ୍‌ରୁ ତଳକୁ ଖସି ପଡ଼ିଥିଲା। ଅନ୍ଧାର ରାତି ଓ ପ୍ରବଳ ପାଣି ଯୋଗୁଁ ହରିଚନ୍ଦ୍ର ଓ ଶୁଭରାମ ପାଣିରୁ ବାହାରି ନପାରି ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ। ସ୍ଥାନୀୟ ଲୋକଙ୍କ ରଞ୍ଜିତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଖବର ପାଇ କୋମନା ପୁଲିସ ଘଟଣାସ୍ଥଳରୁ ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଥିଲା। ଏହି ଘଟଣାରେ ପୁଲିସ ଅଧିକ ତଦନ୍ତ ଚଳାଇଛି। ଅପରପକ୍ଷେ, ୧୯ବର୍ଷୀୟ ଦୁଇ ଯୁବକଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

**ସାଂସଦ ଖେଳ ମହୋତ୍ସବକୁ ନେଇ ବିବାଦ**

# ପଡ଼ିଆ ମଝିରେ ଅସନ୍ତୁଷ୍ଟ ଖେଳାଳିଙ୍କ ଧାରଣା

ବ୍ରହ୍ମପୁର, ୨୫।୧୨(ସମିସ): ସାଂସଦ ଖେଳ ମହୋତ୍ସବକୁ ନେଇ ବିବାଦ। ବିଜେତା ଓ ଉପବିଜେତା ଦଳକୁ ଆର୍ଥିକ ପୁରସ୍କାର ବଦଳରେ ଟ୍ରଫି, ମାନପତ୍ର ଧରାଇଦେବାକୁ ନେଇ ଖେଳାଳିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

**ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ମିଳିଲାନି ଆର୍ଥିକ ପୁରସ୍କାର**

ପ୍ରକାଶ ପାଇଛି। ଅନ୍ୟ ଜିଲ୍ଲାଗୁଡ଼ିକରେ ଆର୍ଥିକ ପୁରସ୍କାର ଦିଆଯାଉଥିବା ବେଳେ ଏଠାରେ କାହିଁକି ପାତରଅନ୍ତର କରାଯାଉଛି ବୋଲି ଅଭିଯୋଗ କରି ଖେଳାଳିମାନେ ପଡ଼ିଆରେ ଧାରଣା ଦେଇଛନ୍ତି। ଗୁରୁବାର ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍‌ରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି।

ସୂଚନାନୁଯାୟୀ,ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଗଞ୍ଜାମ ଜିଲ୍ଲାର ୭ଟି ବ୍ଲକ୍ ଚିକିଟି, ପାତ୍ରପୁର, ଦିଗପହଣ୍ଡି, କୁକୁଡାଖଣ୍ଡି, ରଙ୍ଗେଇଲୁଣ୍ଡା, ଛତ୍ରପୁର ଓ ଗଞ୍ଜାମ ସମେତ ବ୍ରହ୍ମପୁର ମହାନଗର ନିଗମ ଭଳି ଅଞ୍ଚଳକୁ ନେଇ ବ୍ରହ୍ମପୁରଠାରେ ବିଭିନ୍ନ ପଡ଼ିଆରେ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୌଡ଼କୁଦ, ବିଭିନ୍ନ ପ୍ରକାରର ଥ୍ରୋ ଓ ଡିଆଁ ସମେତ ବ୍ୟାଡମିଣ୍ଟନ, ଟଗ ଅଫ୍




ୱାର, ହ୍ୟାଣ୍ଡବଲ, ଖୋ ଖୋ, କବାଡି, କ୍ରିକେଟ, ଫୁଟବଲ ଓ ଭଲି ବଲ ଆଦି ଖେଳ ଅନ୍ତର୍ଭୁକ୍ତ ଥିଲା। ଏଥିରେ ବହୁ ଖେଳାଳି ବ୍ୟକ୍ତିଗତ ଓ ଦଳଗତ ଖେଳରେ ଅଂଶଗ୍ରହଣ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଆଜି ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍‌ରେ ଉଦ୍‌ଯାପନୀ ଦିବସ ଆୟୋଜିତ ହୋଇଥିଲା। ଏଠାରେ ଉଭୟ ଚାମ୍ପିଅନ ଓ ରନର୍ସ-ଅପ୍ ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମାତ୍ର ପୁରସ୍କାରସ୍ୱରୂପ କେବଳ ପଦକ ଓ ସାର୍ଟିଫିକେଟ୍ ଦିଆଯିବାରୁ ଖେଳାଳିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପଡ଼ୋଶୀ ଜିଲ୍ଲା କନ୍ଧମାଳରେ ଚାମ୍ପିଅନ୍ ଓ ରନର୍ସ-ଅପ୍ ଦଳର ଖେଳାଳିଙ୍କୁ ଯଥାକ୍ରମେ ୭ହଜାର ଓ ୫ହଜାର ଟଙ୍କାର ଅର୍ଥରାଶି ସହ ପଦକ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଉଥିବା ବେଳେ ଏଠାରେ କାହିଁକି ବ୍ୟତିକ୍ରମ କରାଯାଉଛି ବୋଲି ଖେଳାଳିମାନେ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ସେମାନେ ପଡ଼ିଆରେ ଧାରଣା ଦେଇଥିଲେ। ତେବେ ଖେଳାଳିଙ୍କ ଏହି ଅସନ୍ତୋଷ ବୁଝିବାକୁ କେହି ଆୟୋଜକ ନଥିବା ଦେଖିବାକୁ ମିଳିଥିଲା। ଫଳରେ ନିରାଶ ହୋଇ ଖେଳାଳିମାନେ ପଡ଼ିଆ ଛାଡ଼ିଥିଲେ।

ଅସନ୍ତୁଷ୍ଟ ଖେଳାଳିଙ୍କ କହିବା କଥା, ଖେଳ ମହୋତ୍ସବ ପାଇଁ ସେମାନେ ଦୀର୍ଘ ୧୦ଦିନ ସମୟ ଅତିବାହିତ କରିଛନ୍ତି। ନିଜ ହାତରୁ ଗସ୍ତ ଖର୍ଚ୍ଚ ବହନ କରିଛନ୍ତି। ଜିଲ୍ଲାସ୍ତରୀୟ ଖେଳ ପରେ ରାଜ୍ୟସ୍ତରୀୟ ଖେଳର ବ୍ୟବସ୍ଥା ନଥିବା ବେଳେ ଅନ୍ୟ ରାଜ୍ୟ ଭଳି ସେମାନଙ୍କୁ ଆର୍ଥିକ ପୁରସ୍କାର ବ୍ୟବସ୍ଥା ରହିବା ଉଚିତ। ସେପଟେ, ପୂର୍ବ ସରକାର ଅମଳରେ 'ନବୀନ ଓଡ଼ିଶା ଯୁବ ଓଡ଼ିଶା' କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଭିନ୍ନ ବିଭାଗର କୃତୀ ଖେଳାଳିଙ୍କୁ ୧୦ହଜାରରୁ ୫୦ହଜାର ପର୍ଯ୍ୟନ୍ତ ଆର୍ଥିକ ପୁରସ୍କାରର ବ୍ୟବସ୍ଥା ଥିଲା। ଏଭଳି ଅବ୍ୟବସ୍ଥା ଯୋଗୁଁ ଆଗାମୀ ଦିନରେ ସାଂସଦ ଖେଳ ମହୋତ୍ସବରେ କେହି ସାମିଲ ହେବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ ବୋଲି ସେମାନେ କ୍ଷୋଭର ସହ କହିଛନ୍ତି।

# ସମୁଦ୍ରରେ ଭାସିଆସିଲା ମହାପ୍ରଭୁଙ୍କ ବିଗ୍ରହ

ପୁରୀ,୨୫।୧୨(ସମିସ): ସେ ଭାବର ଠାକୁର। ଭକ୍ତର ଭକ୍ତିରେ ସେ ବନ୍ଧା। ସେ କେତେବେଳେ କେଉଁଠି ପ୍ରକଟିତ ହୁଅନ୍ତି ତାହା ମଣିଷ ଜାଣିବା ଅସମ୍ଭବ। ଏମିତି ବି ବିଶ୍ୱନିୟନ୍ତାଙ୍କୁ ନେଇ ଅନେକ ଚମତ୍କାରିତା ରହିଥିବା ବେଳେ ଗୁରୁବାର ସେହିଭଳି ଏକ ଘଟଣା ଦେଖିବାକୁ ମିଳିଛି। ସମୁଦ୍ରରେ ଦେଖିବାକୁ ମିଳିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ। ତେବେ ସମୁଦ୍ରରେ ଦାରୁବିଗ୍ରହ ଭାସିବାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଅନ୍ୟପକ୍ଷରେ ଏହାକୁ ନେଇ ନାନା ପ୍ରକାର ଚର୍ଚ୍ଚା, ଆଲୋଚନା ହେଉଛି। କେହି ଏହାକୁ କୋଟିକୋଟି ଜଗନ୍ନାଥ ପ୍ରେମୀଙ୍କ ଭାବାବେଗକୁ ଆଘାତ ପହଞ୍ଚାଇବା ନଜରରେ ଦେଖୁଛନ୍ତି ତ ପୁଣି କିଏ ଏହାକୁ ମହାପ୍ରଭୁଙ୍କ ଚମତ୍କାରିତା ବୋଲି କହୁଛନ୍ତି। ତେବେ ଏହା କେଉଁ ସ୍ଥାନର ଘଟଣା ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରି ନ ଥିବା ବେଳେ ଭିଡିଓକୁ ଦେଖିଲେ ଏହା ପୁରୀ ବେଳାଭୂମିର ଦୃଶ୍ୟ ବୋଲି ଅନୁମାନ କରାଯାଉଛି। ତେବେ କିଏ ଓ କାହିଁକି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମୂର୍ତ୍ତି ସମୁଦ୍ରରେ ଭସେଇଛି ସେ ନେଇ କିଛି ସ୍ପଷ୍ଟ ସୂଚନା ନ ଥିବା ବେଳେ ଏ ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରିଛି। ସମୁଦରରେ ମହାପ୍ରଭୁଙ୍କ ମୂର୍ତ୍ତି ଭାସୁଥିବାର ଦେଖି କିଛି ପର୍ଯ୍ୟଟକ ମୂର୍ତ୍ତିକୁ ପାଣି ଭିତରୁ ଆଣୁଥିବା ବେଳେ ଆଉ କିଛି ପର୍ଯ୍ୟଟକମାନେ ସେଲ୍‌ଫି ନେଉଛନ୍ତି। ବେଳାଭୂମିରୁ ମହାପ୍ରଭୁଙ୍କ ମୂର୍ତ୍ତିକୁ ଉଦ୍ଧାର ସମୟରେ ସେଲ୍‌ଫି ନବା ଦୃଶ୍ୟକୁ ସମସ୍ତଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଛି।


**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, vide CF. No. 28, dated 16.12.2025 , **PUSPANJALI SATAPATHY**, W/o Kishor Chandra Satapathy, resident of MIG-291, Kananvihar, Ps.- Infocity, Patia, Bhubaneswar, Dist- Khurda, declare that I have changed any name, from **PUSPANJALI SATAPATHY** to **PUSPANJALI TRIPATHY**. Henceforth I shall be known as **PUSPANJALI TRIPATHY** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Simulia, Balasore, Odisha vide affidavit No. 5866 on dated 19/12/2025 I, Radhakanta Jena, S/o. Dushasan Jena , At. Chandighar, Po. Kanheibinda, Ps. Simulia, Dist. Balasore, Odisha, declare that I have changed my name from Kamalakanta Jena to Radhakanta Jena. Henceforth, I will be known as **Radhakanta Jena** for all purposes.

**AFFIDAVIT**

By virtue of an affidavit no. 3569, dtd.24.12.2025 the Executive Magistrate, Pallahara, Dist.- Angul, I, Kuna Kisan, Vill.- Dimiria, P.O.- Saleikana, P.S.- Telkoi, Dist.- Keonjhar, Odisha -758019 have changed my minor daughter's name from Kajal Kisan to Lucy Kisan. Henceforth she shall be known as **Lucy Kisan** for all purposes.
**Sd/- Kuna Kisan**

**AFFIDAVIT**

By Virtue Of an Affidavit no. 2954 dtd. 12.12.2025 the Executive Magistrate Dasapalla, I Nilabati Malik, W/o- Jugal Mallik, D/O- Rameswar Pradhan At- Minagadu, Po- Nuagaon, Ps - Banigochha, Dist- Nayagarh have changed my name Nila Pradhan to Nilabati Malik. Henceforth I will be known as **Nilabati Malik** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Rayagada, no. 1755, dated. 23.12.2025, I TILAI MINYAKA, W/o - Lala Minyaka, D/o -Lambudhar Mandiga , currently residing at Near HP Gas Godown, Hatipathar Road, Rayagada, Dist - Rayagada, Odisha, Pin - 765001, declare that SANJI MANDIGA, and TILAI MINYAKA is one and same person. Henceforth I shall be known as **TILAI MINYAKA** for all purposes.

**AFFIDAVIT**

By Virtue Of an Affidavit no. 2955 dtd. 12.12.2025 the Executive Magistrate Dasapalla, I Tulasa Jani, W/o- Sukadeba Jani, D/O- Rameswar Pradhan At- Ckakapaju, Po- Nuagaon, Ps - Banigochha, Dist- Nayagarh have changed my name Tulasi Pradhan to Tulasa Jani. Henceforth I will be known as **Tulasa Jani** for all purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାକୁ କମିଲା...

ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନ ଯୋଜନାରେ ପ୍ରାୟ ୧୦୦ କୋଟି ଟଙ୍କା କାଟି ଦିଆଯାଇଛି। ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ ୨୦୨୩-୨୪ରେ ୬୮୫ କୋଟି ଟଙ୍କା ମିଳିଥିବା ବେଳେ ୨୦୨୪-୨୫ରେ ଏଥିରେ ମାତ୍ର ୫୪୯ କୋଟି ଟଙ୍କା ମିଳିଛି। ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା(୨.୦) ଗତ ଆର୍ଥିକ ବର୍ଷରେ ରାଜ୍ୟକୁ ମାତ୍ର ୪୯.୭୩ କୋଟି ଟଙ୍କା ଦେଇଛନ୍ତି କେନ୍ଦ୍ର ସରକାର। ୨୦୨୩-୨୪ରେ ଏହି ଯୋଜନା ବାବଦରେ ଓଡ଼ିଶାକୁ ୧୪୬ କୋଟି ଟଙ୍କା ମିଳିଥିଲା।

ଉପରୋକ୍ତ ୭ ଯୋଜନା ଗ୍ରାମୀଣ ବିକାଶ ଯଥା କର୍ମନିଯୁକ୍ତି ପ୍ରଦାନ, ପକ୍କାଘର ନିର୍ମାଣ, ଗ୍ରାମ୍ୟ ସଡ଼କ ନିର୍ମାଣକୁ ବଳ ଦେଇଥାଏ। ସେହିପରି ଗ୍ରାମାଞ୍ଚଳରେ ଦକ୍ଷତା ବିକାଶ, ଯୁବକ ଯୁବତୀଙ୍କୁ ତାଲିମ, କ୍ଷୁଦ୍ର ଜଳସେଚନରେ ମଧ୍ୟ ଉପରୋକ୍ତ ଯୋଜନାଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ହଠାତ୍ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଏହି ସବୁ ଯୋଜନାରେ ଅର୍ଥ ହ୍ରାସ କରିଦେବା, ଓଡ଼ିଶା ପରି ରାଜ୍ୟପାଇଁ ଆଦୌ ମଙ୍ଗଳ ନୁହେଁ ବୋଲି କୁହାଯାଉଛି। ରାଜ୍ୟରୁ ଗତ ସାଧାରଣ ନିର୍ବାଚନରେ ଓଡ଼ିଶା ୨୦ ଜଣ ସାଂସଦଙ୍କୁ ଲୋକସଭାକୁ ପଠାଇଛି। ରାଜ୍ୟରେ ମଧ୍ୟ ବିଜେପି ପ୍ରଥମଥର ସରକାର ଗଠନ କରିଛି। ଓଡ଼ିଶାକୁ କେନ୍ଦ୍ରୀୟ ସହାୟତା ଅଜାଡ଼ି ହୋଇପଡ଼ିବା ପରିବର୍ତ୍ତେ ଏଥିରେ ହ୍ରାସ ଘଟିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

### ଏନ୍‌କାଉଣ୍ଟର୍‌ରେ ୬...

ଗସମା ଜଙ୍ଗଲରେ କମ୍ବିଂ ଅପରେସନ୍ କରାଯାଇଥିଲା। ପୁଲିସକୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳି ଚଳାଇଥିଲେ। ଜବାବରେ ପୁଲିସ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା। ଏଥିରେ ୪ଜଣ ନକ୍ସଲ ନିହତ ହୋଇଥିଲେ। ସେଥିମଧ୍ୟରେ ଦୁଇଜଣ ପୁରୁଷ ଓ ଦୁଇଜଣ ମହିଳା ମାଓବାଦୀ ଥିବା ସୂଚନା ମିଳିଛି। ସେହିପରି ମୃତକଙ୍କ ମଧ୍ୟରେ ସେଣ୍ଟ୍ରାଲ କମିଟି ମେମ୍ବର ଗଣେଶ ଉଇକେ ରହିଥିବା ଜଣାପଡ଼ିଛି। ଅନ୍ୟମାନଙ୍କ ପରିଚୟ ମିଳିପାରିନାହିଁ। ମୃତ ନକ୍ସଲ କେକେବିଏନ୍ ମାଓ ସଂଗଠନର ବୋଲି ଜଣାପଡ଼ିଛି। ଏହି ଘଟଣା ପରେ ଜଙ୍ଗଲରେ ସର୍ଚ୍ଚ ଅପରେସନ୍‌କୁ ଜୋରଦାର କରାଯାଇଛି। ବହୁ ନକ୍ସଲ ଜଙ୍ଗଲ ମଧ୍ୟରେ ଆତ୍ମଗୋପନ କରିଥିବା ସନ୍ଦେହ କରାଯାଉଛି।

ସେହିପରି, ବେଲଘର ଥାନା ଅଞ୍ଚଳରେ ବି ପୁଲିସ୍-ମାଓବାଦୀ ଗୁଳି ବିନିମୟରେ ଦୁଇ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ବୁଧବାର ବେଲଘର ଥାନା ଗୁମ୍ମା ଜଙ୍ଗଲରେ ପୁଲିସ ପକ୍ଷରୁ କମ୍ବିଂ ଅପରେସନ୍ କରାଯାଇଥିଲା। ମାଓବାଦୀମାନେ ପୁଲିସକୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ। ଜବାବରେ ପୁଲିସ ପକ୍ଷରୁ ପାଲଟା ଗୁଳିଚାଳନା କରାଯାଇଥିଲା। ଏଥିରେ ଛତିଶଗଡ଼ ସୁକମା ଅଞ୍ଚଳର ଦୁଇ ମାଓବାଦୀ ବାରି ଓରଫ୍ ରାକେଶ ଏବଂ ବିଜାପୁର ଅଞ୍ଚଳର ଅମୃତ ନିହତ ହୋଇଥିଲେ। ରାକେଶ ଏରିଆ କମିଟିର ସଦସ୍ୟ ଥିବା ବେଳେ ଅମୃତ ମାଓ ସଂଗଠନର ଜଣେ ସକ୍ରିୟ ସଦସ୍ୟ। ସେମାନଙ୍କ ମୁଣ୍ଡ ଉପରେ ୨୩.୭୫ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା। ପୁଲିସର ପାଲଟା ଆକ୍ରମଣରେ ମାଓବାଦୀମାନେ ଛତ୍ରଭଙ୍ଗ ଦେବା ପରେ ଘଟଣାସ୍ଥଳରୁ ବିପୁଳ ମାଓ ସାମଗ୍ରୀ ଜବତ ହୋଇଥିବା ଜଣାପଡ଼ିଛି। ପୁଲିସର ଏହି ଅପରେସନ୍ ପରେ ମାଓ ଶିବିରରେ ଛନକା ପଶିଛି।

### ଢାବା ଭିତରେ ପଶିଗଲା...

ଘଟଣାସ୍ଥଳରେ ପହଞ୍ଚି ଏକ ଆମ୍ବୁଲାନ୍ସରେ ସମୟଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେହିପରି ଅମର ଓ ସିପୁଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ ମେଡିକାଲକୁ ପଠାଇଛି।

### ଓଡ଼ିଶା ଉପରେ...

କନ୍ଧମାଳ, ଖୋର୍ଦ୍ଧା, ଢେଙ୍କାନାଳ ଓ କୋରାପୁଟରେ ଘନ କୁହୁଡ଼ି ହେବାକୁ ଥିବା ବେଳେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, କଟକ, ଅନୁଗୁଳ, ବୌଦ୍ଧ, କଳାହାଣ୍ଡି, ସୋନପୁର, ସମ୍ବଲପୁର, ବଲାଙ୍ଗିର ଓ ଗଞ୍ଜାମରେ ମଧ୍ୟମଧରଣର କୁହୁଡ଼ି ନେଇ ପାଗ ଅନୁକୂଳ ରହିଛି। ଏହାକୁ ଦୃଷ୍ଟିରେ ରଖି ଗାଡ଼ି ଚାଳକମାନେ କୁହୁଡ଼ି ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି। ସେହିପରି ତାପମାତ୍ରା ହ୍ରାସ ଯୋଗୁଁ ଶୀତର ପ୍ରଭାବ ମଧ୍ୟ ଲାଗି ରହିଛି। ଗତ ୨୪ ଘଣ୍ଟାରେ ସେମିଳିଗୁଡ଼ାରେ ତାପମାତ୍ରା ୬.୧ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ କୋରାପୁଟରେ ୬.୮, ଦାରିଙ୍ଗବାଡ଼ି ୭, ଜି ଉଦୟଗିରି ୮.୪, ରାଉରକେଲା ୮.୫, ଝାରସୁଗୁଡ଼ା ଓ ନବରଙ୍ଗପୁର ୮.୬ ଓ ଭବାନୀପାଟଣାରେ ୯.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

### ବାଂଲାଦେଶରେ ପୁଣି...

କରାଯାଇଛି। ପୁଲିସ ଏସଏସପି କହିଛନ୍ତି ଯେ ସମ୍ରାଟ ବିରୋଧରେ ପାଙ୍ଗସା ଥାନାରେ ୨ଟି ମାମଲା ରହିଥିଲା। ଏଥିରେ ହତ୍ୟା ମାମଲା ସାମିଲ ରହିଛି। ରିପୋର୍ଟ ଅନୁଯାୟୀ, ସମ୍ରାଟ ଏକ ଗ୍ୟାଙ୍ଗ ଚଳାଇ ଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେ ଦୀର୍ଘ ଦିନ ହେଲା ବଟି ଆଦାୟ ଏବଂ ଅନ୍ୟ ଆପରାଧିକ ମାମଲାରେ ସାମିଲ ଥିଲା। ସେ ଦୀର୍ଘ ଦିନ ହେଲା ଭାରତରେ ଲୁଚି ରହିଥିଲା। ନିକଟରେ ଅମୃତ ବାଂଲାଦେଶ ଫେରିଥିଲା। ସେ ବୁଧବାର ରାତିରେ ଗାଁର ସାହିଦୁଲ ଇସଲାମଙ୍କୁ ଟଙ୍କା ମାଗିବାକୁ ନିଜ ଗ୍ୟାଙ୍ଗ ସହ ଯାଇଥିଲେ। ମାତ୍ର ସାହିଦୁଲ ଚିଲାଇ ଚୋର ଚୋର କହିବାରୁ ଗାଁ ଲୋକେ ଧାଇଁ ଆସିଥିଲେ। ସମସ୍ତେ ଇସଲାମଙ୍କ କଥା ଶୁଣି ସମ୍ରାଟକୁ ଧରିଥିଲେ। ପରେ ପିଟି ପିଟି ମାରି ଦେଇଥିଲେ। ସମ୍ରାଟଙ୍କ ଅନ୍ୟ ସହଯୋଗୀ ଫେରାର ହେବାରେ ସଫଳ ହୋଇଥିବାବେଳେ ସଲିମ ଧରା ପଡ଼ିଥିଲା। ଦେଶରେ ହାଦିଙ୍କ ହତ୍ୟାକୁ ନେଇ ଉତ୍ତେଜନା ଜାରି ରହିଥିବାବେଳେ ପୁଣି ଏଭଳି ଏକ ଜଘନ୍ୟ କାଣ୍ଡ ହୋଇଛି।

### ବୁଡ଼ାଜାହାଜରୁ କେ-୪...

ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ଏସଂପର୍କରେ ପ୍ରତିରକ୍ଷା ବିଭାଗ ପକ୍ଷରୁ କିଛି କୁହାଯାଇନଥିଲେ ମଧ୍ୟ ଏହି ଉତ୍‌କ୍ଷେପଣ ଭାରତର ସମୁଦ୍ର ଭିତ୍ତିକ ପରମାଣୁ ପ୍ରତିରୋଧ କ୍ଷମତାକୁ ବୃଦ୍ଧି କରିଥିବା ସ୍ପଷ୍ଟ ହୋଇଛି। ଏହି କ୍ଷେପଣାସ୍ତ୍ର ୨ ଟନ ଓଜନର ପରମାଣୁ ଅସ୍ତ୍ର ବହନ କରିବାକୁ ସକ୍ଷମ ବୋଲି କୁହାଯାଇଛି। ବୁଡା ଜାହାଜରୁ ଏହି କେ-୪ କ୍ଷେପଣାସ୍ତ୍ରକୁ ଦୂରଗାମୀ ଲକ୍ଷ୍ୟସ୍ଥଳକୁ ଆକ୍ରମଣ କରିବା ପାଇଁ ଡିଜାଇନ କରାଯାଇଛି। ଗତବର୍ଷ ଯେଉଁ କ୍ଷେପଣାସ୍ତ୍ର ପରୀକ୍ଷା କରାଯାଇଥିଲା , ତାହାର ଲକ୍ଷ୍ୟଭେଦ ଦୂରତା ଥିଲା ୭୫୦ କିଲୋମିଟର। ପୂର୍ବତନ ରାଷ୍ଟ୍ରପତି ତଥା କ୍ଷେପଣାସ୍ତ୍ର ବୈଜ୍ଞାନିକ ଡାକ୍ତର ଏପିଜେ ଅବଦୁଲ କଲାମଙ୍କ ନାମରେ ଏହି କ୍ଷେପଣାସ୍ତ୍ର ନାମିତ କରାଯାଇଛି। ଭାରତର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମରେ କଲାମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। କେ-୪ ମିସାଇଲ ଭୂମିରୁ ଲଞ୍ଚ୍ ହେଉଥିବା ଅଗ୍ନି- ସିରିଜ ଉପରେ ଆଧାରିତ ଏକ ଉନ୍ନତ ତଥା ଅତ୍ୟାଧୁନିକ କ୍ଷେପଣାସ୍ତ୍ର ପ୍ରଣାଳୀ। ଏହାକୁ ବୁଡା ଜାହାଜରୁ ଲଞ୍ଚ୍ କରିବା ପାଇଁ ତିଆରି କରାଯାଇଛି। ଉତ୍‌କ୍ଷେପଣ ହେବା ପୂର୍ବରୁ ଏହା ପ୍ରଥମେ ସମୁଦ୍ର ପୃଷ୍ଠରୁ ଉଠିଥାଏ। ଏହାପରେ ଲକ୍ଷ୍ୟସ୍ଥଳ ଆଡକୁ ଗତି କରିଥାଏ। ଏହାକୁ ଅରିହନ୍ତ-ଶ୍ରେଣୀ ବୁଡ଼ା ଜାହଜରୁ ନିକ୍ଷେପ କରାଯାଇପାରିବ। କେ-୪କୁ ଭାରତର ପରମାଣୁ ତ୍ରିକୋଣର ଏକ ପ୍ରମୁଖ ସ୍ତମ୍ଭ ଭାବରେ ବିବେଚନା କରାଯାଇଥାଏ। ଏହା ଭାରତର ପ୍ରତିରୋଧ କ୍ଷମତାକୁ ସୁଦୃଢ଼ କରିବ ଓ ଯେକୌଣସି ଆକ୍ରମଣର ପ୍ରତିଶୋଧ ନେଇପାରିବ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି ଡିସେମ୍ବର ୨୩ରେ ଭାରତୀୟ ସେନା ଆକାଶ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀର ଏକ ଉନ୍ନତ ସଂସ୍କରଣ, ଆକାଶ ନେକ୍ସଟ ଜେନେରେସନ ଅର୍ଥାତ ପରବର୍ତ୍ତୀ ପିଢ଼ିର (ଆକାଶ-ଏନ୍‌ଜି)ର ସଫଳ ପରୀକ୍ଷଣ କରିଥିଲା।

### କାର୍ ଉପରେ...

ଡାକ୍ତରଖାନରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା କାରଣରୁ ଚେନ୍ନଇ- ତିରୁଚି ଜାତୀୟ ରାଜପଥରେ ଅନେକ କିମି ଲମ୍ବା ଟ୍ରାଫିକ ଜାମ ହୋଇଥିଲା। ପ୍ରାୟ ଦୁଇଘଣ୍ଟା ପରେ କ୍ରେନ୍ ଦ୍ୱାରା ଗାଡ଼ିକୁ ହଟାଇବାପରେ ଯାତାୟତ ପୁନର୍ବାର ଆରମ୍ଭ ହୋଇଥିଲା। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଏହି ଦୁର୍ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଓ ମୃତକଙ୍କ ପରିବାର ପ୍ରତି ସମ।।ବେଦନା ଜଣାଇଛନ୍ତି। ସେ ମୃତକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି।

### ଜଳିଗଲା ବସ୍...

ଡ୍ରାଇଭର ଓ କ୍ଲିନର ଦୁର୍ଘଟଣା ସମୟରେ ଡେଇଁ ପଡ଼ି ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଛନ୍ତି। କିନ୍ତୁ ଟ୍ରକ୍‌ର ଡ୍ରାଇଭର ଓ କ୍ଲିନର ଦୁର୍ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଆହତ ହୋଇଥିବା ଯାତ୍ରୀଙ୍କୁ ହିରିୟୁର ଓ ଚିତ୍ରଦୁର୍ଗା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୯ ଜଣ ଯାତ୍ରୀ ଅକ୍ଷତ ଅବସ୍ଥାରେ ବଞ୍ଚିଯାଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁର୍ଘଟଣା ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଓ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି। ଟ୍ରକ୍‌ଟି ବସ୍‌ର ଡିଜେଲ ଟାଙ୍କିକୁ ଧକ୍କା ମାରିବା ଫଳରେ ବିସ୍ଫୋରଣ ହୋଇଥିଲା ବୋଲି କୁହାଯାଇଛି।

### ଚାନ୍ଦବାଲି ବନ୍ଦ...

ଦୋକାନ ବଜାର ଓ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଚାନ୍ଦବାଲି ବ୍ଲକ୍ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଚାନ୍ଦବାଲି କୋର୍ଟ, ବ୍ଲକ ନିବନ୍ଧନ କାର୍ଯ୍ୟାଳୟ, ଚାନ୍ଦବାଲି ଲଞ୍ଚ ଘାଟ ଆଦି ମଧ୍ୟ ସ୍ୱତଃସ୍ଫୁର୍ତ୍ତ ଭାବେ ବନ୍ଦ ରହିଥିଲା। ଅପରପକ୍ଷେ, ସିପିଆଇ(ଏମ) ଓ ସିପିଆଇ ପକ୍ଷରୁ ମଧ୍ୟ ୧୨ଘଣ୍ଟିଆ ଚାନ୍ଦବାଲି ବନ୍ଦ କରାଯାଇଥିଲା। ହତ୍ୟାକାଣ୍ଡରେ ଲିପ୍ତ ସମସ୍ତ ଅଭିଯୁକ୍ତ ଓ ଷଡ଼୍‌ଯନ୍ତ୍ରକାରୀଙ୍କୁ ଗିରଫ, ଘଟଣାର ନ୍ୟାୟିକ ତଦନ୍ତ, ପୀଡ଼ିତାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ଥାନା ଓ ଫାଣ୍ଡିରେ ଫାଙ୍କା ପଡ଼ିଥିବା ସମସ୍ତ ପଦ ପୂରଣ ପାଇଁ ଦାବି କରାଯାଇଥିଲା। ସିପିଆଇ(ଏମ) ଓ ସିପିଆଇ କର୍ମୀମାନେ ମିଳିତ ଭାବେ ଚାନ୍ଦବାଲି ମଧୁବାବୁ ଛକଠାରେ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥକୁ ଅବରୋଧ କରିବାରୁ ଶହଶହ ଗାଡ଼ି ରାସ୍ତାର ଦୁଇ ପାର୍ଶ୍ୱରେ ଅଟକି ରହିଥିଲା। ଏହି ବନ୍ଦରେ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଚାନ୍ଦବାଲି ଆଞ୍ଚଳିକ କମିଟି ସଂପାଦକ ଗୌରାଙ୍ଗ ଯେନା, ଆଞ୍ଚଳିକ କମିଟି ସଭ୍ୟ ମଳୟ ଭୋଇ, ସିପିଆଇ(ଏମ) ତିହିଡି ଆଂଚଳିକ କମିଟି ସଂପାଦକ ବିଷ୍ଣୁ ଦାଶ, ବରିଷ୍ଠ କମ୍ୟୁନିଷ୍ଟ ନେତା ଚନ୍ଦ୍ରଶେଖର ନାୟକ, ଚାଷୀ ମୂଳିଆ ନେତା ସୁଶାନ୍ତ ଜେନା, ଓଡ଼ିଶା କୃଷକ ସଭା ଚାନ୍ଦବାଲି ବ୍ଲକ ସଂପାଦକ ଅଶୋକ ବେହେରା, ଓଡ଼ିଶା କ୍ଷେତମଜଦୂର ୟୁନିୟନ ଚାନ୍ଦବାଲି ବ୍ଲକ ସଭାପତି ଘନଶ୍ୟାମ ଦାସ, ସିପିଆଇ ର ବରିଷ୍ଠ ନେତା ଅନନ୍ତ ମହାନ୍ତି, ଯୁବନେତା ଗୌରହରି ମିଶ୍ର, ଜୋନ୍ ସଂପାଦକ ଭାଗିରଥି ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ।

ପ୍ରକାଶଥାଉକି, ଉକ୍ତ ଅଞ୍ଚଳର ଜଣେ ନାବାଳିକା ଦିବ୍ୟାଙ୍ଗ ଛାତ୍ରୀଙ୍କୁ ଅଭିଯୁକ୍ତ ବବୁଲୁ ଦାସ କୋଳି ଦେବାର ପ୍ରଲୋଭନ ଦେଖାଇ ଦୁଷ୍କର୍ମ ପରେ ହତ୍ୟା କରିଥିଲା। ଗତ ମଙ୍ଗଳବାର ରାତିରେ ଅଭିଯୁକ୍ତ ବବୁଲୁଙ୍କୁ ପୁଲିସ ତା' ଜଗତସିଂହପୁର ଶ୍ୱଶୁରଘରୁ ଗିରଫ କରିଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ଚାନ୍ଦବାଲି ବଜାରରେ ୧୦ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି। ପୂର୍ବାଂଚଳ ଡିଆଇଜି ପିନାକ ମିଶ୍ର ଓ ଏସ୍‌ପି ମନୋଜ କୁମାର ରାଉତ ସ୍ଥିତି ଉପରେ ନଜର ରଖିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି।

# ମଠତେନ୍ତୁଳିଆରେ ଗୁରୁପୂଜନ ଉତ୍ସବ



ଗଁଦିଆ,୨୫ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ମଠତେନ୍ତୁଳିଆ ମଧ୍ୟ ଇଂରାଜୀ ବିଦ୍ୟାଳୟର ୧୯୮୪-୮୬ ବ୍ୟାଚ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ କାର୍ଯ୍ୟକ୍ରମ ପଟିଆ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଛି । ଅଶାନ୍ତି ସାହୁ, ଅର୍ଜୁନ ସାହୁ, ବିଭୁପ୍ରସାଦ ନାଥ, ସସ୍ମିତା ନାଥ, ନନ୍ଦିନୀ ନାଥ, ଗୀତା ସେଠୀ, ଗୀତା ନାଥ, କୃପାସିନ୍ଧୁ ଦେହୁରୀ, ଲକ୍ଷ୍ମଣ ପାଣିଗ୍ରାହୀ, ରଞ୍ଜିତା ପ୍ରଧାନ, ରେଣୁବାଳା ବେହେରା, ଶରତ ସାମଲ, ଲକ୍ଷ୍ମୀଧର ବେହେରା, ଶରତ ସାମଲ, ଅଶୋକ ଦାସଙ୍କ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ମଠତେନ୍ତୁଳିଆ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରତିଷ୍ଠାତା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରକୃତିବନ୍ଧୁ ହରିହର ସାହୁ ଓ ତାଙ୍କ ସହଧର୍ମିଣୀ ଜ୍ୟୋତ୍ସ୍ନାରାଣୀ ସାହୁଙ୍କୁ ପୁଷ୍ପ, ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

କାମାକ୍ଷାନଗର,୨୫ ।୧୨(ସମିସ)



କାମାକ୍ଷାନଗର ଏନଏସି ନୂଆ ରେକୁଲାସ୍ଥିତ ମା' ମଙ୍ଗଳାଙ୍କ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ସହ ହୁଣ୍ଡିରେ ଥିବା ୨୦ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ପ୍ରାୟ ୬ରୁ ୭ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ଲୁଟ୍ ହୋଇଥିବା ଅନୁମାନ କରାଯାଉଛି । ବୁଧବାର ବିଳମ୍ବିତ ରାତିରେ ୨ ଦୁର୍ବୃତ୍ତ ମୁହଁରେ କପଡ଼ା ଘୋଡ଼ାଇ ମନ୍ଦିର ଭିତରକୁ ପ୍ରବେଶ କରି ଅଳଙ୍କାର ଲୁଟ କରିନେଇଛନ୍ତି । ଗୁରୁବାର ସକାଳେ ପୂଜକ ମନ୍ଦିରକୁ ଆସିବା ପରେ ଘଟଣା ଜଣାପଡ଼ିଥିଲା । ଦୁର୍ବୃତ୍ତମାନେ ମା'ଙ୍କ ସୁନା କାନଫୁଲ, ମଙ୍ଗଳସୂତ୍ର, ନାକଚଣା, ହାର, ଆଖି ପତା, ଚିତା, ଆଖିର ଭୂଲତା, ରୁପାର ୪ଟି ମୁକୁଟ, ଅଣ୍ଟା ସୂତା, କାନଫୁଲ, ହାର ଆଦି ଲୁଟି ନେଇଛନ୍ତି । ଏ ନେଇ ଗ୍ରାମବାସୀ କାମାକ୍ଷାନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସପ୍ତାହ ମଧ୍ୟରେ କାମାକ୍ଷାନଗରରେ ଏହା ତୃତୀୟ ମନ୍ଦିର ଚୋରି । ପୂର୍ବରୁ ମାଳପୁରା ରାମ ମନ୍ଦିର ଓ ଅନନ୍ତପୁର ରାଧାକୃଷ୍ଣ ମନ୍ଦିରରୁ ମଧ୍ୟ ସମାନ ଢଙ୍ଗରେ ଲୁଟ୍ ହୋଇଥିଲା । ବାରମ୍ବାର ମନ୍ଦିର ଚୋରି ହେଉଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ସହରରେ ପୁଲିସ ପାଟ୍ରୋଲିଂ ହେଉ ନ ଥିବାରୁ ଦୁର୍ବୃତ୍ତମାନେ ନିର୍ଭୟରେ ଲୁଟ୍ କରୁଥିବା ଅଭିଯୋଗ ହେଉଛି ।

# ବାରହା ଆକ୍ରମଣରେ ୫ ଗୁରୁତର

କାମାକ୍ଷନଗର,୨୫ ।୧୨(ସମିସ): ଜିରାଳ ଫରେଷ୍ଟ ସେକ୍ସନ ବୋଲୁଅ ଓ ରଗଡ଼ିପଡ଼ା ଗାଁରେ ବାରହା ଆକ୍ରମଣରେ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ବୋଲୁଅ ଓ ରଗଡ଼ିପଡ଼ା ଗାଁ ନିକଟରେ ଥିବା ଆଖୁକିଆରୀରେ ଏକ ବାରହା କିଛିଦିନ ଧରି ରହି ଆସୁଥିଲା । ବୁଧବାର ଦ୍ୱିପ୍ରହର ସମୟରେ ବାରହାଟି ହଠାତ ଗାଁ ଭିତରକୁ ପଶି ଆସିଥିଲା । ପିଣ୍ଡାରେ ବସିଥିବା କିଛି ଲୋକଙ୍କୁ ଆକ୍ରମଣ କରିଥିଲା । ବାରହା ଆକ୍ରମଣରେ ବୋଲୁଅ ଗାଁର ପ୍ରଶାନ୍ତ ନାୟକ, ଗଣେଶ୍ୱର ମହାନ୍ତି, ଦାଶରଥି ପୃଷ୍ଟି, ସୂର୍ଯ୍ୟକାନ୍ତ ନାୟକ ଓ ରଗଡିପଡ଼ାର ହୃଦାନନ୍ଦ ପରିଡ଼ା ଗୁରୁତର ହୋଇଛନ୍ତି । ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି । ଖବର ପାଇ ଜିରାଳ ଫରେଷ୍ଟର ଓ ବନବିଭାଗ କର୍ମଚାରୀ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି ।

# ଖଳାରେ ନିଆଁ ଲାଗି ଜଳିଗଲା ଧାନଗଦା



ଭୁବନ,୨୫ ।୧୨(ସମିସ): ଭୁବନ ବ୍ଲକ ମାର୍ଥାପୁର ପଞ୍ଚାୟତ ଜିନେଇଲୋ ଗ୍ରାମର ଚାଷୀ ସରୋଜ ପାତ୍ରଙ୍କ ଖଳାରେ ଗୁରୁବାର ଭୋର୍ ପ୍ରାୟ ୪ଟାରେ ନିଆଁଲାଗି ଧାନଗଦା ପୋଡ଼ି ନଷ୍ଟ ହୋଇଯାଇଛି । ଏହି ଅଗ୍ନିକାଣ୍ଡରେ ସରୋଜଙ୍କ ୬୦୦ ବିଡ଼ା ଧାନ ଜଳି ପାଉଁଶ ହୋଇଛି । ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ । ପୋଡ଼ିଯାଇଥିବା ଧାନର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ସରୋଜ କହିଛନ୍ତି । ମୁଣ୍ଡଝାଳ ତୁଣ୍ଡରେ ମାରି ଫଳାଇଥିବା ବର୍ଷକର ଧାନ ହରାଇ ସରୋଜ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ସୁଭଦ୍ରା ପାତ୍ରଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି ।

# ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



ଢେଙ୍କାନାଳ,୨୫ ।୧୨(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୯ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ସଭାପତି ବାବୁଚାନ୍ଦ ମାହାଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରଦୀପର ପୂର୍ବତନ ସମ୍ପାଦକ ଜଗବନ୍ଧୁ ମିଶ୍ର ଯୋଗଦେଇଥିଲେ । ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗର ସମ୍ପାଦକ ସନ୍ତୋଷ କୁମାର ପୃଷ୍ଟି ଉପସ୍ଥିତ ଥିଲେ । ମୁଖ୍ୟଅତିଥି ବିଦ୍ୟାଳୟର କୃତୀ ଛାତ୍ରୀ ଅଶ୍ଳେଷା ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟମାନଙ୍କୁ ପୁରସ୍କୃତ କରିଥିଲେ । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦ୍ୟାଳୟ ସମ୍ପାଦକ ଗଗନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ନଗେନ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ସହ ପ୍ରଧାନ ଆଚାର୍ଯ୍ୟା ଅରୁନ୍ଧତୀ ମହାପାତ୍ର ଓ ବିଦ୍ୟାଳୟର ସାଂସ୍କୃତିକ ପ୍ରମୁଖ ପ୍ରଦୀପ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ବିଦ୍ୟାଳୟର ବାର୍ଷିକ ପତ୍ରିକା 'ଅଭିପ୍ସା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

# ବାଜପେୟୀଙ୍କ ଜୟନ୍ତୀରେ ଅଟଳ ସ୍ମୃତି ସମ୍ମିଳନୀ



ଢେଙ୍କାନାଳ,୨୫ ।୧୨(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳନ ଅବସରରେ ଗୁରୁବାର ଢେଙ୍କାନାଳ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଅଟଳ ସ୍ମୃତି ସମ୍ମିଳନୀ ଆୟୋଜିତ ହୋଇଛି । ଜିଲ୍ଲା ସଭାପତି ରାସବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲ୍ଲା ପ୍ରଭାରୀ ସ୍ମୃତି ପଟ୍ଟନାୟକ ମୁଖ୍ୟଅତିଥି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପ୍ରେମାନନ୍ଦ ଜେନା, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଜିଲ୍ଲା ମିଡିଆ ସେଲ ପ୍ରଭାରୀ ନବକିଶୋର ଗୁରୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ବାଜପେୟୀଙ୍କ ଫଟୋଚିତ୍ରରେ ଧୂପ, ଦୀପ ଓ ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଜିଲ୍ଲା ସଂଯୋଜକ ବିଷ୍ଣୁପ୍ରସାଦ ଲେଙ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଜିଲ୍ଲା ଉପସଭାପତି ଧ୍ରୁବଚରଣ ସ୍ୱାଇଁ, ନିରୋଦ କୁମାର ସାହୁ, ବରୁଣ କୁମାର ସର, ସହଦେବ ପୃଷ୍ଟି, ସଞ୍ଜୟ କୁମାର ରାଉତ, ସଞ୍ଜୟ କୁମାର ଦାସ, ଇତିଶ୍ରୀ ସାହୁ, ମିନକେତନ ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ମାତୃପ୍ରସାଦ ନନ୍ଦ, ଜିଲ୍ଲା ସମ୍ପାଦକ ପ୍ରଣତି ସାହୁ, ରୁନୁବାଳା ରାଉତ, ସଞ୍ଜୁକ୍ତା ହୋତା, ଜୟନ୍ତୀ ଦାସ, ଜିଲ୍ଲା କୋଷାଧ୍ୟକ୍ଷ ଆନନ୍ଦ ପ୍ରଧାନ, ପୂର୍ବତନ ସାଧାରଣ ସମ୍ପାଦକ ସୁନୀଲ ଶର୍ମା, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଜିଲ୍ଲା ସହ ସଂଯୋଜିକା ଯଶସ୍ୱିନୀ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ ।

# ‘ଶୃଙ୍ଖଳା ଓ ପରିଶ୍ରମ ଉତ୍ତମ ମଣିଷ ଗଠନ କରେ’

ଢେଙ୍କାନାଳ,୨୫ ।୧୨(ସମିସ): ସଦର ବ୍ଲକ୍ ପିଏମଶ୍ରୀ ବଣସିଂହ ସରକାରୀ ଉଚ୍ଚ ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ୧୯୯୨ ବ୍ୟାଚ ଛାତ୍ରଛାତ୍ରୀ ପରିବାର ସହ ଏକାଠି ହୋଇ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଆଶୀର୍ବାଦ ଲାଭ କରିଥିଲେ । ମୁଖ୍ୟଅତିଥି ଭାବେ ଶିକ୍ଷକ ଶଙ୍କର୍ଷଣ ଶତପଥୀ ଯୋଗଦେଇ ଶୃଙ୍ଖଳା, ପରିଶ୍ରମ ଓ ଆଶୀର୍ବାଦ ଉତ୍ତମ ମଣିଷ ଗଠନ ପାଇଁ ଅପରିହାର୍ଯ୍ୟ ବୋଲି କହିଥିଲେ । ଅନ୍ୟତମ ଶିକ୍ଷକ ମୁରଲୀଧର ପଣ୍ଡା, ରବିନାରାୟଣ ପଣ୍ଡା ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲେଖା ରାଉତ ଓ ଜାମିନୀ ହୋତା ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଦିବଂଗତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପୁରାତନ ଛାତ୍ର ଡା. ଶାନ୍ତିଭୂଷଣ ପଣ୍ଡା, ବିମଳ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଜିଲ୍ଲା କାର୍ଯ୍ୟାଳୟରେ ସୁଶାସନ ଦିବସ ପାଳିତ



ଢେଙ୍କାନାଳ,୨୫ ।୧୨(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ସୁଶାସନ ଦିବସ ପାଳିତ ହୋଇଛି । ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଆଶିଷ ରଞ୍ଜନ ସାହୁ ବାଜପେୟୀଙ୍କ ଉତ୍ସର୍ଗୀକୃତ ଜୀବନ ଏବଂ ଅବଦାନ ଉପରେ ଆଲୋକପାତ କରିଥିଲେ । ବାଜପେୟୀଙ୍କ ନିର୍ଣ୍ଣାୟକ ନେତୃତ୍ୱ, ଉତ୍ତମ ଶାସନ ପ୍ରତି ପ୍ରତିବଦ୍ଧତା, ଗରିବଙ୍କ କଲ୍ୟାଣ, ମହିଳା ସଶକ୍ତୀକରଣ କ୍ଷେତ୍ରରେ ପ୍ରୋତ୍ସାହନ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରତି ଗୁରୁତ୍ୱ ଆଧୁନିକ ଭାରତ ଗଠନରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଛି ବୋଲି ସେ ପ୍ରକାଶ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଭିଷେକ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରି ସୁଶାସନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

# ବାଇକ ଶିଖିବା ବେଳେ ଦୁର୍ଘଟଣା; ମହିଳା ମୃତ

କାମାକ୍ଷାନଗର,୨୫ ।୧୨(ସମିସ): ବାଇକ ଶିଖିବା ବେଳେ ଗଛରେ ଧକ୍କା ହେବାର ଶିଖୁଥିବା ମହିଳାଙ୍କ ମୃତ୍ୟୁ ହୋଇଛି । ବାଇକ ପଛରେ ବସିଥିବା ଯୁବକ ଗୁରୁତର ହୋଇଛନ୍ତି । କଙ୍କଡାହାଡ଼ ଥାନା ମରୁଆବିଲି ପଞ୍ଚାୟତ କେନ୍ଦୁପଡ଼ା ଗାଁରେ ଏହି ଅଘଟଣ ଘଟିଛି । ମୃତ ମହିଳା ହେଲେ ଗାଁର ରାଧିକା ଗାଗରାଇ । ରାଧିକା ବାଇକ ଚଳାଇବା ଶିଖୁଥିବା ବେଳେ ଅସାବଧାନତଃ ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ହୋଇଥିଲେ । ଫଳରେ ସେ ଛିଟିକି ପଡ଼ିବାରୁ ନିକଟରେ ଥିବା ଏକ ପଥରରେ ତାଙ୍କ ମୁଣ୍ଡ ମାଡ଼ ହେଇଥିଲା । ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି । ବାଇକ ପଛରେ ବସିଥିବା ରାମ ଦାସ ନାମକ ଯୁବକଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଛନ୍ତି । ପୁଲିସ ରାଧିକାଙ୍କ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ।

# ଭୁବନ ଠିକାଦାର ସଂଘର ବୈଠକ




ଭୁବନ,୨୫ ।୧୨(ସମିସ): ଭୁବନ ଠିକାଦାର ସଂଘର ମିଳିତ ବୈଠକ ଗୁରୁବାର ସ୍ଥାନୀୟ ବାଜିରାଉତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି । ବୈଠକରେ ପ୍ରାୟ ୫୦ ଜଣ ଠିକାଦାର ଯୋଗଦେଇଥିଲେ । ଆଗାମୀ ଦିନରେ ଏକଜୁଟ ହେବା ସହ ଭୁବନରେ କିପରି ଉନ୍ନତମାନର କାମ ହେବ ତଥା ସରକାରଙ୍କ ସମସ୍ତ ସର୍ତ୍ତାବଳୀ ଅନୁଯାୟୀ କାମ କରାଯିବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା । ସରକାରଙ୍କ ତରଫରୁ ଧାର୍ଯ୍ୟ ୧୪.୯୯ ପ୍ରତିଶତ ଲେସରେ ଟେଣ୍ଡର କାମ ବଦଳରେ ସିଡ୍ୟୁଲ୍ଡ ରେଟ ୦.୦୦ରେ କାମ କରିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ ହୋଇଛି । ଭୁବନ ଠିକାଦାର ସଂଘ ସଂଗଠିତ ହୋଇ ଆଗାମୀ ଦିନରେ ସମସ୍ତ ବାହ୍ୟଶକ୍ତି ବିରୋଧରେ କାମ କରିବା ପାଇଁ ବାବା ବୁଦ୍ଧେଶ୍ୱରଙ୍କ ନିକଟରେ ଶପଥପାଠ କରାଯାଇଛି । ଭୁବନରେ ଉନ୍ନତମାନର କାମ ସହିତ ସଠିକ ସମୟରେ କାମ ସାରିବାକୁ ନିଷ୍ପତ୍ତି ହୋଇଛି ।

# ବାପୁଜୀ କ୍ଲବ୍ ଆନୁକୂଲ୍ୟରେ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ଢେଙ୍କାନାଳ,୨୫ ।୧୨(ସମିସ): ସଦର ବ୍ଲକ୍ ସିଆରିଆ ଗ୍ରାମର ବାପୁଜୀ କ୍ଲବ୍ ଆନୁକୂଲ୍ୟରେ ୧୬ତମ ମା' ଆଦିଶକ୍ତି ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି । ଉଦଘାଟନୀ ମ୍ୟାଚ ଗୁଣ୍ଡିଚାପଡ଼ା ଓ ଚିରୁଳେଇ ମଧ୍ୟରେ ଖେଳାଯାଇଥିଲା । ଗୁଣ୍ଡିଚାପଡ଼ା ଦଳ ୨-୦ ଗୋଲ୍‌ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ବୋନ୍‌ସନ୍ ବରାଳ, ମନୋଜ ସେଠୀ ଓ ଅମୂଲ୍ୟ ସାମଲ ମ୍ୟାଚ୍ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ ଶ୍ରୀ ଶ୍ରୀ ସଦାନନ୍ଦ ମହାରାଜ, ସମ୍ମାନିତ ଅତିଥି ଭାବେ ଗୋବିନ୍ଦପୁର ସରପଞ୍ଚ ଅରୁଣ ପରିଡ଼ା, ମାୟାଧାର ସାହୁ, ମାୟାଧର ଖଟୁଆ ଏବଂ ବସନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । ଦ୍ୱିତୀୟ ଦିବସରେ ବନମାଳୀପ୍ରସାଦ ଓ କପୁରିସିଂ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ବନମାଳୀପ୍ରସାଦ ୧-୦ ଗୋଲ୍‌ରେ ବିଜୟୀ ହୋଇ ଦ୍ୱିତୀୟ ଟିମ୍ ଭାବେ ସେମିଫାଇନାଲ୍‌କୁ ଉତ୍ତୀର୍ଣ୍ଣ ହୋଇଛି । ବାପୁଜୀ କ୍ଲବ ସମ୍ପାଦକ ପବିତ୍ର ମୁଦୁଲି, ଉପଦେଷ୍ଟା ଶ୍ରୀନିବାସ ଦେହୁରୀ ସହଯୋଗ କରିଥିଲେ ।

# ଶିବିରରେ ୬୦ ୟୁନିଟ୍ ରକ୍ତ ସଂଗ୍ରହ



ପରଜଙ୍ଗ,୨୫ ।୧୨(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମତିଥି ଅବସରରେ ପରଜଙ୍ଗ ବ୍ଲକ ସରାଙ୍ଗ ଗ୍ରାମ ସୁବର୍ଣ୍ଣପୁର ପାଟଣା ସାହି ଚନ୍ଦ୍ରଚୂଡ଼ ଶିବ ମନ୍ଦିର ପ୍ରାଙ୍ଗଣରେ ବାଜି ରାଉତ ୟୁଥ କ୍ଲବ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ୬୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ବିଜି ରାଉତ ୟୁଥ୍ କ୍ଲବ ସଭାପତି ବିକାଶ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ବିଜେପି ନେତ୍ରୀ ବନଲତା ମହାନ୍ତି, ସମ୍ମାନିତ ଅତିଥି ଭାବେ ତାଳଚେରର ସମାଜସେବୀ ବିଭୂତି ସାହୁ, ପର୍ଶୁରାମ ବାରିକ, ସରାଙ୍ଗ ସମିତି ସଭ୍ୟ ବାସୁଦେବ ଦାସ, ଆରଏସଏସ ସଦସ୍ୟ ପ୍ରଦୀପ ବରାଳ ଯୋଗଦେଇଥିଲେ । ତାଳଚେର ରକ୍ତଭଣ୍ଡାରର ଡାକ୍ତର ବିନୟ କୁମାର ପାଢ଼ୀ, ଟେକ୍ନିସିଆନ ଗୋପାଳ ସାହୁ, ସହକର୍ମୀ ତ୍ରିନାଥ ହୋତା, ଚନ୍ଦ୍ରମଣି ନାଏକ, ରାଜକିଶୋର ପ୍ରଧାନ, ସଂଯୋଜକ ବଳରାମ ପତି, ସଭ୍ୟ ରଣଜିତ ମହାପାତ୍ର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।

# ମଣ୍ଟୁ ମେମୋରିଆଲ କପ୍ କ୍ରିକେଟ୍ ଉଦ୍‌ଘାଟିତ




କିଶୋରନଗର,୨୫ ।୧୨ (ସମିସ): ସ୍ଥାନୀୟ ବରପଡ଼ିଆରେ ଗୁରୁବାର ମଣ୍ଟୁ ମେମୋରିଆଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ଏସ୍‌ଡିପିଓ ସୁଶାନ୍ତ କୁମାର ତାଉଡିଆ, ସମ୍ମାନିତ ଅତିଥି ଭାବେ ଥାନା ଆଇଆଇସି ବିଭୂତି ପ୍ରଧାନ, ବାମୁର ବନାଞ୍ଚଳ ଅଧିକାରୀ ସାବାଧିନ ସାମଲ, ପୂର୍ବତନ ଖେଳାଳି ସୁଶାନ୍ତ ପ୍ରଧାନ, ବିଜନ ତ୍ରିପାଠୀ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଉଦଘାଟନୀ ମ୍ୟାଚରେ ରାଉରକେଲା ଆରୱାଇସିସିକୁ ସମ୍ବଲପୁର ଆରସିଏ ୮ ୱିକେଟରେ ହରାଇଛି । ସମ୍ବଲପୁରର ଅମନ ବେହେରା ୨୮ ବଲରେ ୮୨ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ସେହିପରି ୨ୟ ମ୍ୟାଚରେ କଟକ ବିଶ୍ୱଭାରତୀ ଦଳ ଝାରସୁଗୁଡ଼ା ପ୍ରୋଗ୍ରେସିଭ୍‌କୁ ୫ ୱିକେଟରେ ହରାଇଛି । ଅମ୍ପାୟର ଭାବେ ଟୁକୁ ବାହାଦୁର, ଅମରେଶ ପ୍ରଧାନ, ଅକ୍ଷୟ ରାଉତ ଖେଳ ପରିଚାଳନା କରିଥିଲେ । ସରୋଜ ସେନାପତି ଧାରାବିବରଣୀ ପ୍ରଦାନ କରିଥିବା ବେଳେ ମିଳନ ବିଶ୍ୱାଳ ସ୍କୋରର ଦାଇତ୍ୱ ତୁଲାଇଥିଲେ ।

# ୩୦ରେ ଭିନ୍ନକ୍ଷମ ଚିହ୍ନଟ ଶିବିର

ଖଜୁରିଆକଟା,୨୫ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟରେ ଆସନ୍ତା ୩୦ ତାରିଖ ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଭିନ୍ନକ୍ଷମଙ୍କ ଚିହ୍ନଟ ଶିବିର ଅନୁଷ୍ଠିତ ହେବ । ଏ ନେଇ ଓଡ଼ାପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଅଞ୍ଚଳର ଭିନ୍ନକ୍ଷମମାନେ ନିଜ ପ୍ରମାଣପତ୍ର ସହ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ ଅନୁରୋଧ କରିଛନ୍ତି ।

# ଖଙ୍କିରା ଗ୍ରାମରେ ବୁଲୁଛି ଦନ୍ତା



ଗଁଦିଆ,୨୫ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଖଙ୍କିରା ଗ୍ରାମରେ ଏକ ଦନ୍ତା ହାତୀ ବୁଲାବୁଲି କରୁଛି । ହାତୀ ଲୋକଙ୍କ ଘରେ ପଶି ଧାନ ଚାଉଳ ଓ କଦଳୀ ଗଛ ତଥା ବାଡ଼ି ବଗିଚାରେ ହୋଇଥିବା ଫସଲ ଖାଇ ନଷ୍ଟ କରୁଛି । ହାତୀ ବୁଲୁଥିବାରୁ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଏ ଦିଗରେ ବନବିଭାଗ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ବାଜପେୟୀଙ୍କ ଜୟନ୍ତୀ ପାଳିତ



ଢେଙ୍କାନାଳ,୨୫ ।୧୨(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ଅବସରରେ ଜିଲ୍ଲା ବିଜେପି ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲା ସଭାପତି ରାସବିହାରୀ ବେହେରା, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ ଲେଙ୍କା, ପୂର୍ବତନ ରାଜ୍ୟ କୃଷକମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ପୂର୍ବତନ ଜିଲ୍ଲା ସଭାପତି ନରେଶ ମହାପାତ୍ର, ପୂର୍ବତନ ପୌରାଧ୍ୟକ୍ଷ ସୁନୀଲ ଶର୍ମା, ପରଜଙ୍ଗ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ରାଜ୍ୟପରିଷଦ ସଦସ୍ୟା ଭାରତୀ ସ୍ୱାଇଁ, ମାନସ ହୋତା, ଜିଲ୍ଲା ମିଡିଆ ସେଲ ପ୍ରଭାରୀ ନବକିଶୋର ଗୁରୁ, ଜିଲ୍ଲା ଉପସଭାପତି ଧ୍ରୁବଚରଣ ସ୍ୱାଇଁ, ନିରୋଦ ସାହୁ, ଜିଲ୍ଲା ସମ୍ପାଦିକା ପ୍ରଣତି ସାହୁ, ଢେଙ୍କାନାଳ ନଗର ମଣ୍ଡଳ ସଭାପତି ବିକାଶ ସାହୁ, ସାଧାରଣ ସମ୍ପାଦକ ଅଭିଷେକ ବେହେରା, ବରିଷ୍ଠ ନେତା ସତ୍ୟବାନ ପାତ୍ର, ଯୁବମୋର୍ଚ୍ଚା ନଗର ସଭାପତି କନିଷ୍କ ସାମଲ, ସାଂସଦଙ୍କ ପୌର ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ, ମନ୍ତ୍ରୀଙ୍କ ପୌର ପ୍ରତିନିଧି ସନ୍ତୋଷ ରାଉତ, କାଉନସିଲର ସୂର୍ଯ୍ୟପ୍ରତାପ ରାଉତ, ବଳରାମ ସେଠୀ, ଜିଲ୍ଲା ଜନଜାତି ମୋର୍ଚ୍ଚା ସଭାପତି ଲକ୍ଷ୍ମୀଧର ଦଳେ, ଗୋବିନ୍ଦପୁର ମଣ୍ଡଳ ସଭାପତି ରଞ୍ଜିତ ଭିଶାଳ ପ୍ରମୁଖଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇଥିଲେ ।

# ସର୍ଦ୍ଦାର ପଟେଲ ହାଇସ୍କୁଲର ହୀରକ ଜୟନ୍ତୀ ଉତ୍ସବ




ଢେଙ୍କାନାଳ,୨୫ ।୧୨(ସମିସ): ସଦାଶିବପୁର ଗ୍ରାମସ୍ଥିତ ସର୍ଦ୍ଦାର ପଟେଲ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ଦୁଇଦିନ ଧରି ପାଳିତ ହୋଇଛି । ବିଦ୍ୟାଳୟର ପୁରାତନ ଛାତ୍ରସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବକୁ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ପ୍ରଫେସର ଡ. ବିନାୟକ ରଥ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ ଡ. ଲକ୍ଷ୍ମଣ କୁମାର ସାହୁ, ତାମିଲନାଡୁ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ଡ. ଆଦିତ୍ୟ ପ୍ରସାଦ ଦାସ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ହରିଶଙ୍କର ମିଶ୍ର, ଭାଷାବିଜ୍ଞାନୀ ପଦ୍ମଶ୍ରୀ ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର, ସାହିତ୍ୟିକ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଭବାନୀ ଶଙ୍କର ମିଶ୍ର ଏବଂ ସୁନାମଧନ୍ୟ ବକ୍ତା ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସାନ୍ତନୁ କୁମାର ସର ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ ଦାମୋଦର କର, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଗତା ଯଶୋବନ୍ତୀ ଦେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପୁଅ ସୁମନ୍ତ କୁମାର କର ଦୁଇଟି ରନିଂ ଟ୍ରଫି ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀ ଏବଂ ପରିଷ୍କାର ପରିଚ୍ଛନ୍ନ ଥିବା ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥିଲେ । ଏହାସହ ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ଆର୍ତ୍ତବନ୍ଧୁ କରଙ୍କ ସ୍ମୃତି ଉଦ୍ଦେଶ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରିବା ପାଇଁ ଏକ ରନିଂ ସିଲ୍‌ଡ ଏବଂ ସଂସ୍କୃତରେ ସର୍ବାଧିକ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କ ପାଇଁ ଆର୍ଥିକ ପୁରସ୍କାର ତାଙ୍କ ବଡ଼ପୁଅ ବିଶ୍ୱନାଥ କର ପ୍ରଦାନ କରିଛନ୍ତି । ହୀରକ ଜୟନ୍ତୀ ପାଳନ ସମିତି ସଭାପତି ଅବସରପ୍ରାପ୍ତ ଶିକ୍ଷକ ଶିବପ୍ରସାଦ ଶତପଥୀ, ଉପସଭାପତି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ତ୍ରିପାଠୀ ଏବଂ ସଂଗଠନ ସମ୍ପାଦକ ଅବସରପ୍ରାପ୍ତ ଆସୋସିଏଟ ପ୍ରଫେସର ଅଟଳ ବିହାରୀ ଦାଶ ଉପସ୍ଥିତ ଥିଲେ । ପୁରାତନ ଛାତ୍ର ଡ. ଦେବେନ୍ଦ୍ର ପ୍ରସାଦ କର ମଞ୍ଚ ପରିଚାଳନା କରିଥିଲେ ।

## ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ

# ‘ଅଟଳଜୀ ଜଣେ ଯୁଗନାୟକ ଭାବେ ଚିରସ୍ମରଣୀୟ ହୋଇରହିବେ’

ଜଗତସିଂହପୁର,୨୫ା୧୨(ସମିସ):

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା, ପୌର ପରିଷଦ ନିର୍ବାହୀ ଅଧିକାରୀ ସୀମା ଜେନା ଓ କବୟିତ୍ରୀ ମହାସ୍ମିତା ଓଝା ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶ୍ରୀ ରାୟ କହିଥିଲେ, ଭାରତୀୟ ଇତିହାସରେ ସୁଶାସନର ଜଣେ ପ୍ରବୀଣ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ ଅଟଳ ବିହାରୀ ବାଜପେୟୀ। କେବଳ ଜଣେ ଉଦାରବାଦୀ ରାଜନୀତିଜ୍ଞ ନୁହେଁ ଜଣେ କବି, ସମାଜସେବୀ ଓ ରାଷ୍ଟ୍ରନୀତିଜ୍ଞ ଭାବେ ସମସ୍ତେ ତାଙ୍କୁ ଜାଣନ୍ତି। ତାଙ୍କ ଜୟନ୍ତୀରେ ସୁଶାସନ ଦିବସ ପାଳନର ଉଦ୍ଦେଶ୍ୟ ହେଉଛି ସମାଜର ଶେଷ ଭାଗର ଲୋକଙ୍କ ପାଖେ ସୁବିଧା ପହଞ୍ଚାଇବା। ପ୍ରଶାସନିକ ଅଧିକାରୀ ଲୋକଙ୍କୁ ସେବା ଯୋଗାଇଦେବା ଦିଗରେ ସର୍ବଦା ସଚେତନ ରହିବା ଆବଶ୍ୟକ ବୋଲି କହିଥିଲେ।



ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା ସୁଶାସନ ଦିବସର ମହତ୍ତ୍ୱ ପ୍ରତିପାଦିତ କରି କହିଥିଲେ, ଶାସନ ବ୍ୟବସ୍ଥା ସଠିକ୍ ରହିଲେ ସମସ୍ତ ନାଗରିକ ମଧ୍ୟ ସଚେତନ ରହିବେ। କୃତୀ ପ୍ରତିଯୋଗୀ ଆଦ୍ୟାଶା ସ୍ୱାଇଁ ଓ ଆଶୁତୋଷ ପରିଡ଼ା ଅଟଳଜୀଙ୍କ ଜୀବନୀ ଓ ଆଦର୍ଶ ବିଷୟରେ ବକ୍ତବ୍ୟ ରଖିଥିଲେ। ପରେ ହାଇସ୍କୁଲ ଓ କଲେଜ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ନିର୍ବାହୀ ଅଧିକାରୀ ସୀମା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାବିତ୍ ଶ୍ରୀଯୁକ୍ତ ସୁଭାଷ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅନୁଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜଗତସିଂହପୁର ସାହିତ୍ୟ ପରିଷଦର ସାହିତ୍ୟପ୍ରେମୀ କବି ଡ ସୁରେନ୍ଦ୍ର ତ୍ରିପାଠୀ, ଶରତ ମହାପାତ୍ର, ବଂଶୀଧର ବେହେରା, ମହାସ୍ମିତା ଓଝା, ମନୋରମା ଦାସ, ଶେଷଦେବ ଛୋଟରାୟ, ଗଣେଶ ମହାନ୍ତି, ପଞ୍ଚାନନ ପଲାଇ, ନୀଳକଣ୍ଠ ମିଶ୍ର, ସୁଭାଷ ରାଉତ, ରବୀନ୍ଦ୍ର ମଲ୍ଲିକ, ରମେଶ ବହିରା, ମମତା ଦାସ ଓ ପୂର୍ଣ୍ଣ ମିଶ୍ର ବାଜପେୟୀଙ୍କ ସ୍ମୃତିରେ ସ୍ୱରଚିତ କବିତା ପାଠ କରିଥିଲେ। ତହସିଲଦାର ଓ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମକର୍ତ୍ତା, ସହରର ବୁଦ୍ଧିଜୀବୀ, ଆଇନଜୀବୀ, ମହିମା କଲେଜ୍ ଅଫ୍ ନର୍ସିଂର ଛାତ୍ରୀ, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା, ପୌର ପରିଷଦ କର୍ମକର୍ତ୍ତା ଓ ସ୍ୱଚ୍ଛ ସାଥୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବାର୍ଷିକ କ୍ରୀଡ଼ା



ଏରସମା,୨୫ା୧୨(ସମିସ): ଏରସମା ବ୍ଲକ୍ ଅଧୀନ ପଦ୍ମପୁର (କିଆମୁଣ୍ଡି)ସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷକ ନିରୋଜ କୁମାର ସାମନ୍ତରାୟ ଓ ପଦ୍ମପୁର ସମିତିସଭ୍ୟ ନାରାୟଣ ସେଠୀ ଉଦ୍‌ଘାଟନ କରିଥିଲେ। ଉକ୍ତ ଦିନିଦିନିଆ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଓଲରା ସିଆରସିସି ଲକ୍ଷ୍ମୀଲତା ବେହେରା, ଗାରିଆ ସିଆରସିସି ନିତ୍ୟଲାଲ ଜେନା, ପ୍ରଧାନଶିକ୍ଷକ ଆଲୋକ ବେହେରା, ଶଙ୍କର ବିଜୁଳି ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବୃନ୍ଦାବନ ମଣ୍ଡଳ, ଅନୁକୁଳ ସାମନ୍ତ, ବାବାଜୀ ମାଇତି ପରିଚାଳନା କରିଥିଲେ। ସୁବାସ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୁଶାନ୍ତ ଗୁଡ଼ିଆ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ସୁବାସ ସେଠୀ ଧନ୍ୟବାଦ ଦେଇଥିଲେ।

## ଟାଟା ପାୱାର ବିରୁଦ୍ଧରେ ନାଉଗାଁରେ ବିକ୍ଷୋଭ



ନାଉଗାଁ,୨୫ା୧୨(ସମିସ): ଆଜି ନାଉଗାଁ ବଜାର ନିକଟରେ ଆଡଭୋକେଟ ତଥା ସଂଗ୍ରାମୀ ବାସୁଦେବ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀ ପ୍ରସାଦ ମହାରଣା, ରାଜ୍ୟ ସହସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ଓ ଜିଲ୍ଲା ସଂଯୋଜକ ଅଶୋକ ସ୍ୱାଇଁଙ୍କ ସହଯୋଗରେ ଟାଟା ପାୱାରର ଶୋଷଣ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଟାଟା ପାୱାରର ନୂଆ ଆଇନ ଅନୁଯାୟୀ ଜାନୁଆରୀ ୬ ତାରିଖ ମଧ୍ୟରେ ଯଦି ବିଦ୍ୟୁତ୍ ଉପଭୋକ୍ତା ଅତିରିକ୍ତ ସିକ୍ୟୁରିଟି ମନି ଡିପୋଜିଟ ନ କରନ୍ତି, ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବାକୁ ନିର୍ଦ୍ଦେଶ ଜାରି ହୋଇଥିବାବେଳେ ଏହାକୁ ବିରୋଧ କରାଯିବା ସହ ଏହି ସ୍ମାର୍ଟ ମିଟର ଲାଗିବା ଫଳରେ ଅତ୍ୟଧିକ ବିଦ୍ୟୁତ ଶୁଳ୍କ ବଢ଼ୁଛି। ଏହାକୁ ବିରୋଧ କରାଯିବା ବୋଲି କହିଛନ୍ତି ସଂଗ୍ରାମୀ ବାସୁଦେବ ଷଡ଼ଙ୍ଗୀ। ଅନ୍ୟପକ୍ଷରେ ବର୍ତ୍ତମାନର ବିଜେପି ସରକାର ବିରୋଧ ଦଳରେ ଥିବା ସମୟରେ ଟାଟା ପାୱାରକୁ ସ୍ୱତନ୍ତ୍ରର ଭାବେ ବିରୋଧ କରୁଥିଲା, ଏବେ କିପରି ଟାଟା ପାୱାରର ଏହି ମନମାନୀ ଓ ଶୋଷଣକୁ ସମର୍ଥନ ଜଣାଉଛି। ଏ ନେଇ ବିକ୍ଷୋଭକାରୀ କଡ଼ା ସମାଲୋଚନା କରିଛନ୍ତି। ଆଗାମୀ ଦିନରେ ଟାଟା ପାୱାରର ଶୋଷଣ ବିରୁଦ୍ଧରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି।

## ବାଜପେୟୀଙ୍କ ଜୟନ୍ତୀ ପାଳିତ

ପାରାଦୀପ,୨୫ା୧୨(ସମିସ): ପାରାଦୀପରେ ଦୁଇ ପୃଥକ ସ୍ଥାନରେ ସମାନ୍ତରାଳ ଭାବେ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳନ କରାଯାଇଛି। ଗୋଟିଏରେ ପାରାଦୀପ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ବାଜପେୟୀଙ୍କ ଜୟନ୍ତି ସହ ୭ ଦିନ ବ୍ୟାପି ପାରାଦୀପ ମହୋତ୍ସବ ଆୟୋଜିତ ହୋଇଥିବାବେଳେ ଅନ୍ୟଟି ପାରାଦୀପର ଜଣେ ପୁରୁଖା ତଥା ଜଣାଶୁଣା ବରିଷ୍ଠ ବିଜେପି ନେତା ଅଜିତ ଦାସଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ତେବେ ଦୁଇ ବିଜେପି ନେତାଙ୍କ ମଧ୍ୟରେ ରାଜନୈତିକ ଆକ୍ରୋଶ ଯୋଗୁଁ ଏଭଳି ଭାବେ ଦୁଇ ସମାନ୍ତରାଳ ସ୍ଥାନରେ ବଜପେୟୀଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ବରିଷ୍ଠ ବିଜେପି ନେତା ଶ୍ରୀ ଦାସ ଅଧ୍ୟକ୍ଷ ଥିବା ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ମହାସାମରୋହରେ ପାଳିତ ହୋଇଥିଲା। ଏ ଅବସରରେ ସକାଳେ ବାଜପେୟୀ ପାର୍କରେ ଥିବା ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସନ୍ଧ୍ୟାରେ ଟ୍ରଷ୍ଟଠାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାର ପୂର୍ବରୁ ପାରାଦୀପର ବରିଷ୍ଠ କବି ଓ କବୟିତ୍ରୀଙ୍କୁ ନେଇ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା। କବୟିତ୍ରୀ ତୁଳସୀ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ଅଜିତ ଦାସଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଶ୍ରମିକ ନେତା ଅନନ୍ତ ଦାସ, ସାମ୍ବାଦିକ ରାମଚନ୍ଦ୍ର ସ୍ୱାଇଁ, ଶରତ ରାଉତ, ବରିଷ୍ଠ ଆଇନଜୀବୀ ଗୋରାଚାନ୍ଦ ସିଂ, ପାରିଷଦ ବନୀତା ରାଉତ ଯୋଗ ଦେଇଥିଲେ। ସେହିପରି ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ନେତୃତ୍ୱାଧୀନ ଅଟଳ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଜୟଦେବ ସଦନରେ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳିତ ହେବା ସହ ପାରାଦୀପ ମହୋତ୍ସବ ଉଦଘାଟିତ ହୋଇଥିଲା। ମନ୍ତ୍ରୀ ଶ୍ରୀ ସ୍ୱାଇଁ ବାଜପେୟୀ ପାର୍କରେ ଥିବା ବାଜପେୟୀଙ୍କ ପୂର୍ଣ୍ଣ ଅବୟବରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ସନ୍ଧ୍ୟାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ପାରାଦୀପ ମହୋତ୍ସବର ଉଦଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବିଜେପି ବରିଷ୍ଠ ନେତା ସତ୍ୟବ୍ରତ ମହାପାତ୍ର, ବିଧାୟକଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ତପନ ତ୍ରିପାଠୀ, ଭବେନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇଥିଲେ।

## କଳିଙ୍ଗ କଚେରା ମହାସଂଘ ସମାବେଶ

କୁଜଙ୍ଗ,୨୫ା୧୨(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମାରେ କଳିଙ୍ଗ କଚେରା ମହାସଂଘର ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାହାମାସ୍ଥ ମହାଲକ୍ଷ୍ମୀ ମଣ୍ଡପରେ ଅନୁଷ୍ଠିତ ଏହି ସମାବେଶରେ ପୁରାତନ କମିଟିକୁ ଭଙ୍ଗା ଯାଇ ନୂତନ କମିଟି ଗଠନ କରାଯାଇଛି। ନୂତନ କମିଟି ସଭାପତି ବଂଶୀଧର କୁଣ୍ଡୁ, ଉପସଭାପତି ବିକ୍ରମ ନନ୍ଦୀ, ସମ୍ପାଦକ ରାଜକିଶୋର ନନ୍ଦୀ, ସହସମ୍ପାଦକ ଲୋକନାଥ ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ଦିଲ୍ଲୀପ ମଣ୍ଡଳ ମନୋନୀତ ହୋଇଥିବାବେଳେ ଉପଦେଷ୍ଟା ରୂପେ ନୃସିଂହ ମଣ୍ଡଳ, ବୀରବର ରଣା, ଦେବେନ୍ଦ୍ର ସାହୁ, ବାବାଜୀ ମଣ୍ଡଳ, ନୃସିଂହ ରଣା, ସୁନାକର ପ୍ରଧାନ ପ୍ରମୁଖ ମନୋନୀତ ହୋଇଥିଲେ।

■ ବନ୍ଧା ସାରିଥିଲା ଟେଣ୍ଟ, ବଣ୍ଟା ସରିଥିଲା କାର୍ଡ

## ନାଉଗାଁ ଥାନା ନୂତନ ଗୃହ ଉଦ୍‌ଘାଟନ ଉତ୍ସବ ହଠାତ୍ ବାତିଲ

ନାଉଗାଁ,୨୫ା୧୨(ସମିସ): ନାଉଗାଁ ଥାନାର ନୂତନ ଗୃହ ଉଦ୍‌ଘାଟନ ଉତ୍ସବକୁ ନେଇ ସମସ୍ତ ପ୍ରସ୍ତୁତି ସମାପ୍ତ ହୋଇଥିବାବେଳେ ହଠାତ ଏହି କାର୍ଯ୍ୟକ୍ରମ ବାତିଲ ହୋଇଯାଇଛି। ଆଜି ସକାଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ ମାଧ୍ୟମରେ ନୂତନ ଥାନା ଗୃହର ଉଦ୍‌ଘାଟନ କରିବାକୁ ଥିବା ପ୍ରୋଗ୍ରାମ ନିର୍ଦ୍ଧାରିତ ଥିଲା। ଉତ୍ସବ ପାଇଁ ଟେଣ୍ଟ ବନ୍ଧା ସାରିଥିଲା ଓ ନିମନ୍ତ୍ରଣ କାର୍ଡ ମଧ୍ୟ ବଣ୍ଟା ସରିଥିଲା। ଉଦ୍‌ଘାଟନୀ ଉତ୍ସବକୁ ନେଇ ଥାନା ପରିସରରେ ଷ୍ଟେଜ, ଆଲୋକସଜ୍ଜା, ମାଇକ ଓ ଅନ୍ୟାନ୍ୟ ପ୍ରସ୍ତୁତି କାର୍ଯ୍ୟକ୍ରମ ହୋଇଥିବାରୁ ପୁଲିସ କାର୍ଯ୍ୟାଳୟରେ ବହୁ ଅସୁବିଧା ସୃଷ୍ଟି ହୋଇଥିଲା। ଏହାର ପ୍ରଭାବରେ ସାଧାରଣ ପୁଲିସ ସେବା ପ୍ରଦାନରେ ମଧ୍ୟ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା। କିନ୍ତୁ ଗତ ରାତି ପ୍ରାୟ ୧୨ଟା ସମୟରେ ହଠାତ ଏହି କାର୍ଯ୍ୟକ୍ରମ ବାତିଲ ହେବା ସମ୍ବନ୍ଧୀୟ ସୂଚନା ଆସିଥିଲା। ପରେ ସମସ୍ତ ପ୍ରସ୍ତୁତି ଅକାରଣ ହୋଇଯାଇଥିଲା। ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଅଭିମନ୍ୟୁ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବାଲିକୁଦା,୨୫ା୧୨(ସମିସ): ନହରଣା ପଞ୍ଚାୟତର ଗଣ୍ଡକୂଳ ଖଣ୍ଡଗିରି ଗାଦିବ୍ରହ୍ମ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଅଭିମନ୍ୟୁ ସ୍ମାରକୀ ପଞ୍ଚମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଗ୍ରାମର ମୁରବୀ ଜଟାଧାରୀ ଜେନା, ସମ୍ମାନିତ ଅତିଥି ଭାବେ ପ୍ରଭାକର ପ୍ରଧାନ, କ୍ଷେତ୍ରବାସୀ ସ୍ୱାଇଁ, ଶୁକଦେବ ସାହୁ, ବାବାଜୀ ସ୍ୱାଇଁ, ଦିଲ୍ଲୀପ ପଡ଼ିଆରୀ, ବାବୁଲି ଶୁକ୍ଳା, ତପନ ସ୍ୱାଇଁ, କ୍ଷେତ୍ରମୋହନ ମୁଦୁଲି, ପଞ୍ଚାନନ ସ୍ୱାଇଁ, ଅକ୍ଷୟ ଜେନା, ରାକେଶ ନାୟକ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଛନ୍ତି। ମାତୃଶକ୍ତି କ୍ରିକେଟ୍ କ୍ଲବ ଦଶବାଟିଆ ଓ ମାଛଗାଁ କ୍ରିକେଟ ଟିମ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଆମନ୍ତ୍ରଣ ପାଇ ଦଶବାଟିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୩ ରନ କରିଥିଲା। ଜବାବରେ ମାଛଗାଁ କ୍ରିକେଟ ଟିମ ୧୫ ଓଭରରେ ସମସ୍ତ ୱିକେଟ୍ ହରାଇ ପରାଜୟବରଣ କରିଥିଲା। ସରୋଜ ସ୍ୱାଇଁ ୪ ୱିକେଟ୍ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ନିହାର ବିଶ୍ୱାଳ ଓ ସୋମନାଥ ପଡ଼ିଆରୀ ଖେଳ ପରିଚାଳନା କରିଥିବାବେଳେ ଅନିତ୍ୟ ଜେନା, ସମ୍ପଦ ସ୍ୱାଇଁ, ରୁଦ୍ରନାରାୟଣ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ରାହୁଲ ସେଠ ଓ ଶୁଭକାନ୍ତ ସେଠ ସ୍କୋରର ଥିଲେ। ରାମଚନ୍ଦ୍ର ଜେନା, ଅଭିଜିତ ବିଶ୍ୱାଳ, ବାଦଲ ସ୍ୱାଇଁ, ସୁବ୍ରତ ନାୟକ, ଦିନେଶ ସ୍ୱାଇଁ, ମହେଶ ମଲ୍ଲିକ, ସବ୍ୟସାଚୀ ଜେନା, ଶିବୁଲ ଦାସ, ସଂଗ୍ରାମ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ମସ୍‌ଜିଦ କଡ଼ରେ ହିନ୍ଦୁସେନା ପତାକା ଲଗାଇବାକୁ ନେଇ ଉତ୍ତେଜନା

ବାଲିକୁଦା,୨୫ା୧୨(ସମିସ): ଆଜି ହିନ୍ଦୁସେନା ପକ୍ଷରୁ ଗୋ-ସେବା ଦିବସ ପାଳନ ପାଇଁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ହିନ୍ଦୁସେନାର କିଛି ସଦସ୍ୟ ହିନ୍ଦୁସେନା ପତାକା ମସଜିଦ କ୍ୟାମ୍ପସ କଡରେ ଲଗାଇଥିଲେ। ଯାହାକୁ ନେଇ ମୁସ୍‌ଲିମ ସଂଗଠନ ପକ୍ଷରୁ ଭାଇଚାରା ନଷ୍ଟ ହେଉଥିବା ଅଭିଯୋଗ କରି ସେମାନଙ୍କୁ ଗିରଫ କରିବା ଦାବିରେ ବାଲିକୁଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବାଲିକୁଦା ପୁଲିସ ପକ୍ଷରୁ ମସଜିଦ ନିକଟରେ ମୁତୟନ କରାଯିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଏସଡିପିଓ ଆଜିଙ୍କ୍ୟା ବାବୁରାଓ ମାଣେ ଘଟଣାସ୍ଥଳକୁ ଆସି ମୁସଲିମ ସଂଗଠନ ସହ ଆଲୋଚନା ଜାରି ରଖିଛନ୍ତି। କିନ୍ତୁ ପତାକା ଲଗାଇଥିବା ବ୍ୟକ୍ତିଙ୍କୁ ଗିରଫ କରିବା ଦାବିରେ ଅଡ଼ି ବସିଛି ସଂଗଠନ। ଆଲୋଚନା ଜରିଆରେ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ହେଉଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

## ଅଭୟଚାନ୍ଦପୁର ପୁଲିସକୁ ହରାଇଲା ଢିଙ୍କିଆ ପଞ୍ଚାୟତ ଦଳ

ପାରାଦୀପ, ୨୫ା୧୨(ସମିସ): ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ଦୂରତା କମାଇବା ପାଇଁ ଅଭୟଚାନ୍ଦପୁର ପୁଲିସ ପକ୍ଷରୁ ପ୍ରୟାସ କରାଯାଇଛି। ଆଜି ବଡ଼ଦିନ ଅବସରରେ ଢିଙ୍କିଆ ଗ୍ରାମର ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ମିନି ଷ୍ଟାଡିୟମରେ ଭାଇଚାରାର ବାର୍ତ୍ତା ନେଇ ପୁଲିସ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ ନିମନ୍ତେ ଏକ କ୍ରିକେଟ ମ୍ୟାଚ୍‌ର ଆୟୋଜନ କରିଥିଲା। ଆମନ୍ତ୍ରଣ ପାଇ ଅଭୟଚାନ୍ଦପୁର ପୁଲିସ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୩ ୱିକେଟ୍ ହରାଇ ନିକୁଞ୍ଜ ବିହାରୀ ଦାସଙ୍କ ଦମଦାର ଶତକ ବଳରେ ୧୬୫ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଢିକିଆ ପଞ୍ଚାୟତ ଏକାଦଶ



୧୪.୩ ଓଭରରେ ଦୀପକ ନାୟକଙ୍କ ଦମଦାର ଅର୍ଦ୍ଧଶତକ ବଳରେ ୬ ୱିକେଟ ବାକିଥାଇ ୧୬୯ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ହେମନ୍ତ ସ୍ୱାଇଁ ଓ ଟୁକୁନା ଲେଙ୍କା ଖେଳ ପରିଚାଳନା କରିଥିଲେ। ଅଭୟଚାନ୍ଦପୁର ପୁଲିସ ଏକାଦଶଳ ଦଳରେ ଥାନା ଅଧିକାରୀ ସମୀର ରଞ୍ଜନ ରାଉତ ଅଧିନାୟକ ଓ ମାନସିଂ ହେମ୍ବ୍ରମ କୋଚ୍, ନିରୋଦ କାନୁନଗୋ ମ୍ୟାନେଜର ଥିବାବେଳେ ଢିଙ୍କିଆ ପଞ୍ଚାୟତ ଏକାଦଶରେ ପ୍ରଶାନ୍ତ ଲେଙ୍କା ଅଧିନାୟକ ଥିଲେ। ଢିଙ୍କିଆ ଗ୍ରାମର ସୁଶୀଲ ସ୍ୱାଇଁ, ସୁଶାନ୍ତ ରାଉତ, ଲିପୁ ସାହୁ, କାହ୍ନୁ ଦାସ, ସୁନଜ ରାଉତ, ମନୋରଞ୍ଜନ ସ୍ୱାଇଁ, ସନ୍ତୋଷ ଦଳେଇ, ସଞ୍ଜୟ ମହାନ୍ତି, ସୁଜନ ମହାପାତ୍ର ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶିଶିର ସେଠୀ ଓ ପ୍ରଦୀପ ସ୍ୱାଇଁ ଧାରା ବିବରଣୀ ପ୍ରଦାନ କରିଥିଲେ।

## ବାବା ଆଖଣ୍ଡଳମଣି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ତିର୍ତ୍ତୋଲ, ୨୫ା୧୨(ସମିସ): ତିର୍ତ୍ତୋଲ ବ୍ଲକ୍ ଅର୍ନ୍ତଗତ ନାଉଶିରା ଗ୍ରାମ ପଡ଼ିଆରେ ବାବା ଆଖଣ୍ଡଳମଣି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଅତିଥି ଭାବେ ଆଖଣ୍ଡଳମଣି ମନ୍ଦିର କମିଟି ସଭାପତି ଅଧ୍ୟାପକ ଅଜିତ ସ୍ୱାଇଁ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ହଦଳିଆର ଇଣ୍ଟରନେଟ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୬ ୱିକେଟ ହରାଇ ୨୩ ରନ ସଂଗ୍ରହ କରିଥିଲା। ଜବାବରେ ସାରଳାରୋଡ୍ ମା ଶାରଳା କ୍ରିକେଟ ଟିମ୍ ୫ ୱିକେଟରେ ୨୦ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ବ୍ରୋ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୭ ୱିକେଟ ହରାଇ ୪୯ ରନ ସଂଗ୍ରହ କରିଥିଲା।



ଜବାବରେ ଅର୍ଜୁନ ୱାରିୟର୍ସ ଆବଶ୍ୟକ ରନ ସଂଗହ କରି ବିଜୟୀ ହୋଇଥିଲା। ଉଭୟ ଇଣ୍ଟରନେଟ ଏକାଦଶ ଓ ଅର୍ଜୁନ ୱାରିୟର୍ସ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ବାବା ଆଖଣ୍ଡଳମଣି କ୍ରିକେଟ କ୍ଲବର ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ପୁସ୍ତକ ମେଳା ପାଇଁ ଭୂମିପୂଜା

ଜଗତସିଂହପୁର,୨୫ା୧୨(ସମିସ): ଜଗତସିଂହପୁର ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ହେବାକୁ ଥିବା ୨୭ତମ ପୁସ୍ତକ ମେଳା ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ଆଜି ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଦାସ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଉପାଧ୍ୟକ୍ଷ ବିଜୟ ରାଉତ, ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ, କୋଷାଧ୍ୟକ୍ଷ ପ୍ରଶାନ୍ତ ମହାପାତ୍ର, ଯୁଗ୍ମସମ୍ପାଦକ ସୁଧୀର ମହାନ୍ତି, ଯୁଗ୍ମସମ୍ପାଦକ ନରେଶ ଦାସ, ପୂର୍ବତନ ସାଧାରଣ ସମ୍ପାଦକ ଗୋପାଳକୃଷ୍ଣ ମିଶ୍ର, ପୂର୍ବତନ ଉପାଧ୍ୟକ୍ଷ ପ୍ରଦୀପ୍ତ କିଶୋର ଚୌଧୁରୀ, ପୂର୍ବତନ ଉପାଧ୍ୟକ୍ଷ ମାନସ ରଥ, ସଦସ୍ୟ ନଟବର ବାରିକ, ମଧୁସୂଦନ ସାହୁ, ଲୋକନାଥ ଦାସ, ସୁଦର୍ଶନ ବେହେରା, ଡ କୈଳାସ ମଲ୍ଲିକ, ମନୋଜ ଦାଶ, ବିବୁଧ ମହାନ୍ତି, ଦେବୀ ପ୍ରସାଦ ଚୌଧୁରୀ, ପ୍ରଭାତ ଦାଶ, ରମାକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପୁସ୍ତକ ମେଳା ଜାନୁଆରୀ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଛି।

## ମଦ ଜବତ, ଜଣେ ଗିରଫ

ପାରାଦୀପ, ୨୫ା୧୨(ସମିସ): ପାରାଦୀପ ଲକଥାନା ଅଧୀନ କାର୍ବନ ଛକ ନିକଟରେ ଗତକାଲି ରାତିରେ ଏଏସଆଇ ସଞ୍ଜୟ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ ଚଢ଼ଉ କରି ଜଣେ ମଦ ବେପାରୀକୁ ଗିରଫ କରିଥିଲା। ଗିରଫ ବ୍ୟକ୍ତି ପାରାଦୀପଗଡର ସୁବାସ ସ୍ୱାଇଁଙ୍କ ପୁଅ ଗୋପାଳ ସ୍ୱାଇଁ। ତା’ ନିକଟରୁ ୫.୧୬୦ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିଛି ପୁଲିସ। ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି।

## ଆରଏସଏସର ତୁଳସୀ ପୂଜନ ଦିବସ

ତିର୍ତ୍ତୋଲ, ୨୫ା୧୨(ସମିସ): ତିର୍ତ୍ତୋଲସ୍ଥ ବେଲମଣ ମହାପୁରୁଷଙ୍କ ପୀଠରେ ଗୁରୁବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ ତିର୍ତ୍ତୋଲ ଆନୁକୂଲ୍ୟରେ ତୁଳସୀ ପୂଜନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ବିଶ୍ୱହିନ୍ଦୁ ପରିଷଦର ପୂର୍ବତନ ଜିଲ୍ଲା ସଭାପତି ଆଇନଜୀବୀ ଆହ୍ଲାଦ ପରିଜା, ମୁଖ୍ୟବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର ବିଭାଗ କୁଟୁମ୍ବ ପ୍ରବୋଧନ ପ୍ରମୁଖ ରବିନାରାୟଣ ମିଶ୍ର, ସମ୍ମାନିତ ଅତିଥି ପୂର୍ବତନ ପ୍ରଚାରକ ସ୍ମୃତିରଞ୍ଜନ ଦାସ ଯୋଗଦେଇ ତୁଳସୀ ପୂଜନର ମହତ୍ତ୍ୱ ଓ ସାଂପ୍ରତିକ ସମାଜରେ ମାତୃ ଶକ୍ତିର ଭୂମିକା ସଂପର୍କରେ ଆଲୋଚନା କରିଥିଲେ। ସଞ୍ଜୟ ମହାପାତ୍ର, ଅଶୋକ ଦାଶ, ବିରେନ୍ଦ୍ର ସ୍ୱାଇଁ, ଯଦୁମଣି ସାହୁ, ତିରୁପତି ଆଚାର୍ଯ୍ୟ, ପ୍ରଦୀପ ନାୟକ, ଅର୍ଦ୍ଧେନ୍ଦୁ ବିଶ୍ୱାଳ, ଦିବ୍ୟଜ୍ୟୋତି କରଶର୍ମା, ବିବି ବୈଜୟନ୍ତ, ଶକ୍ତିପ୍ରସାଦ ଲେଙ୍କା, ଯୋଗେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଖଣ୍ଡ କାର୍ଯ୍ୟବାହ ଯୋଗ ଗୁରୁ ଡ ସ୍ମୃତିରଞ୍ଜନ ରାୟ ଧନ୍ୟବାଦ ଦେଇଥିଲେ।

● ୩୫ତମ ରାଜ୍ୟସ୍ତରୀୟ ଯୁଗଜ୍ୟୋତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ମୁକ୍ତେଶ୍ୱରକୁ ହରାଇ ହିନ୍ଦୁସ୍ଥାନ ସ୍ପୋର୍ଟିଂ ଫାଇନାଲକୁ ଉନ୍ନୀତ

ଜଗତସିଂହପୁର,୨୫ା୧୨(ସମିସ): ନବାପାଟଣାଠାରେ ଚାଲିଥିବା ୩୫ତମ ରାଜ୍ୟସ୍ତରୀୟ ଯୁଗଜ୍ୟୋତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ୍‌କୁ ପରାସ୍ତ କରି ଜଗତସିଂହପୁରର ହିନ୍ଦୁସ୍ଥାନ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରି ହିନ୍ଦୁସ୍ଥାନ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭରରେ ୯ ୱିକେଟ୍ ହରାଇ ୧୯୫ ରନ ସଂଗ୍ରହ କରିଥିଲା। ଜବାବରେ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ୍ ୭ ୱିକେଟ ହରାଇ ୧୮୮ ରନ କରିବାକୁ ସମର୍ଥ ହୋଇଥିଲା। ଖେଳକୁ ମନୋଜ ବେହେରା ଓ ସୁମନ୍ତ୍ର ପାତ୍ର ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ସନ୍ ହସ୍ପିଟାଲ ଓ ସନ କ୍ଲିନିକ୍‌ର ମାନେଜିଂ ଡାଇରେକ୍ଟର ଚିତ୍ତରଞ୍ଜନ ରଥ ଯୋଗଦେଇ ଟୁଲାନନ୍ଦ ସାହୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫି ପୁରସ୍କାରରାଶି ପ୍ରଦାନ କରିଥିଲେ। କରନ ଖାନ୍ ଧାରା ବିବରଣୀ ପ୍ରଦାନ କରିଥିଲେ। ଆଶୁତୋଷ ବେହେରା ଓ ପ୍ରେମ ପ୍ରିୟଦର୍ଶନ ସାହୁ ସ୍କୋରର ଥିଲେ। ସନ୍ତୋଷ ବାରିକଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳିତ ହୋଇଥିଲା।




## ବାଲିକୁଦା ଶିଶୁମନ୍ଦିରର ବାର୍ଷିକ ଉତ୍ସବ



ବାଲିକୁଦା,୨୫ା୧୨(ସମିସ): ବାଲିକୁଦା ଶିଶୁମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଂସଦ ବିଭୂପ୍ରସାଦ ତରାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ବାଲିକୁଦା ସଙ୍ଘର ପ୍ରମୁଖ ଶିଶିର କାନୁନଗୋ, ମୁଖ୍ୟବକ୍ତା ଭାବେ ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ଯୋଗ ଦେଇଥିଲେ। ବିଦ୍ୟାଳୟର ସଭାପତି ରମେଶ ଚନ୍ଦ୍ର ପୃଷ୍ଟି ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସମ୍ପାଦକ ନିକୁଞ୍ଜ କିଶୋର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଆଚାର୍ଯ୍ୟ ସସ୍ମିତ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ଏ ଅବସରରେ ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ଦୁଇ ପୂର୍ବତନ ଛାତ୍ର ସତ୍ୟସ୍ୱରୂପ ପଣ୍ଡା ଓ ସ୍ମୃତିରଞ୍ଜନ ଦାସ, ଗତ ମାଟ୍ରିକ ପରୀକ୍ଷାରେ ବାଲିକୁଦା ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପୁଣ୍ୟ ପ୍ରିୟିତା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଧାୟକ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ସହସମ୍ପାଦକ ଶରତ ଲେଙ୍କା ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ଶାରୀରିକ ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନବମ ଓ ଦଶମ ଛାତ୍ରଛାତ୍ରୀ ନାଟକ ରଙ୍ଗ ଅଭିନୟ ମଞ୍ଚସ୍ଥ କରାଯାଇଥିଲା। ଗୁରୁଜୀ ସ୍ୱପନ ପରିଡ଼ା, ବିଜୟ ବେହେରା, ପ୍ରଦୀପ୍ତ ସ୍ୱାଇଁ, ନିତ୍ୟାନନ୍ଦ ଭାରତୀ, ଅର୍ଜୁନ ସାହୁ, ବିଜୟ ମୁଦୁଲି, ସୁବ୍ରତ ବିଶ୍ୱାଳ, ନିରଞ୍ଜନ ମହାନ୍ତି, ସୁଧୀର ସ୍ୱାଇଁ, ଗୁରୁମା ମମତାରାଣୀ ପରିଡ଼ା, ନିଳାମ୍ବ ପଣ୍ଡା, ସୁଖଦାରାଣୀ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

# ‘ଆମ ବେଳାଭୂମି ପାଇଁ କିଛି ସମୟ’ ଅଭିଯାନରେ ଯୋଡ଼ି ହେଉଛନ୍ତି ଯୁବକ

ପାରାଦୀପ,୨୫ା୧୨ (ସମିସ):

ମଣିଷର ଦୈନନ୍ଦିନ ଜୀବନକୁ ସହଜ, ସୁବିଧା ଓ ଶସ୍ତା ପାଇଁ ଯେଉଁ ପ୍ଲାଷ୍ଟିକ୍ ଦିନେ ଆଶୀର୍ବାଦ ଭାବେ ଦେଖାଦେଇଥିଲା, ଆଜି ତାହା ସମଗ୍ର ଜୀବଜଗତ ପାଇଁ ଅଭିଶାପ ପାଲଟିଛି। କୁଢ଼କୁଢ଼ ପ୍ଲାଷ୍ଟିକ୍ ଆବର୍ଜନା ନଦୀନାଳ, ରାସ୍ତାଘାଟ, ସମୁଦ୍ର ପର୍ଯ୍ୟନ୍ତ ସବୁଠି ଦୃଶ୍ୟମାନ। ଏହାର ଅବକ୍ଷୟକ୍ଷମତା ନ ଥିବାରୁ ଏହା ବର୍ଷବର୍ଷ ଧରି ବିଘଟିତ ହୋଇ ନ ପାରି ମାଟି, ପାଣି, ପବନକୁ ପ୍ରଦୂଷିତ କରୁଛି। ଗୃହପାଳିତ ପଶୁ, ସାମୁଦ୍ରିକ ଜୀବ ଓ ସାମୁଦ୍ରିକ ପକ୍ଷୀ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଥା’ନ୍ତି। ବର୍ଷକୁ ପ୍ରାୟ ୮ରୁ ୧୨ ମିଲିୟନ୍ ଟନ୍‌ର ପ୍ଲାଷ୍ଟିକ୍ ଅଳିଆ ସମୁଦ୍ର ତଟ ଓ ବନ୍ୟାଜଳ ଦେଇ ସିଧା ଯାଇ ମହାସାଗରରେ ମିଶିଥାଏ। ଯଦ୍ୱାରା ପ୍ରଶାନ୍ତ ମହାସାଗର ବର୍ତ୍ତମାନ ୧.୬ ମିଲିୟନ ବର୍ଗ କିଲୋମିଟର ପ୍ଲାଷ୍ଟିକ୍ ଅଳିଆରେ ପରିବ୍ୟାପ୍ତ ହେଲାଣି। ସାମୁଦ୍ରିକ ଆବର୍ଜନା ଭିତରୁ ପ୍ରାୟ ୮୦ ପ୍ରତିଶତ



ଆବର୍ଜନା ଭୂପୃଷ୍ଠରୁ ଜଳଭାଗକୁ ଯାଇଥାଏ। ବର୍ଷକୁ ୧ ଲକ୍ଷ ସାମୁଦ୍ରିକ ଜୀବ ଓ ୧୦ ଲକ୍ଷ ସାମୁଦ୍ରିକ ପକ୍ଷୀ ପ୍ଲାଷ୍ଟିକ କବଳରେ କବଳିତ ହୋଇ ମୃତ୍ୟୁବରଣ କରିଥା’ନ୍ତି। ଏ ପରିପ୍ରେକ୍ଷୀରେ ପାରାଦୀପର ପରିବେଶ କର୍ମୀ ବାପି ଗୋଛାୟତ ଆଜିକୁ ୫ ବର୍ଷ ହେବ ପାରାଦୀପ ବେଳାଭୂମି ଓ ଆଖପାଖ ଅଞ୍ଚଳକୁ ପ୍ରତିଦିନ ସଫେଇ କରି ପାଖାପାଖି ୬ ଟନ୍‌ର ପ୍ଲାଷ୍ଟିକ୍ ଅଳିଆ ପାରାଦୀପ ପୌରପରିଷଦକୁ ହସ୍ତାନ୍ତର କରିସାରିଛନ୍ତି। ବିଭିନ୍ନ ପୂଜାପର୍ବ ଓ ସ୍କୁଲରେ ପ୍ଲାଷ୍ଟିକର ଭୟାବହ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ଓ ପ୍ଲାଷ୍ଟିକର ଦାୟିତ୍ୱସମ୍ପନ୍ନ ବ୍ୟବହାର କରି ପରିବେଶକୁ ସ୍ୱଚ୍ଛ ଓ ପ୍ଲାଷ୍ଟିକମୁକ୍ତ ରଖିବାକୁ ପ୍ରୟାସ କରିଆସୁଛନ୍ତି।

ଏହାରି ଭିତରେ ପାରାଦୀପର ସ୍ଥାନୀୟ ଲୋକେ ତଥା ସ୍କୁଲ୍ ଓ କଲେଜ୍ ଯୁବକଯୁବତୀ କେମିତି ପରିବେଶ ସୁରକ୍ଷା ପ୍ରତି ପାଦ ଆଗକୁ ବଢ଼ାଇବେ ଓ ସମସ୍ତଙ୍କ ଭିତରେ ଅଧିକରୁ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ “ଆମ ବେଳାଭୂମି ପାଇଁ କିଛି ସମୟ’ ଅଭିଯାନରେ ମାସକୁ ଅନ୍ତତଃପକ୍ଷେ ଗୋଟିଏ ଘଣ୍ଟା ସମୟ ଦେଇ ଆମ ବେଳାଭୂମିକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଅଭିଯାନ ଚଳାଇଆସୁଛନ୍ତି ବାପି। ବର୍ତ୍ତମାନ ସୁଦ୍ଧା ଏହି ଅଭିଯାନରେ ୬୦ରୁ ଅଧିକ ସ୍କୁଲ୍ ଓ କଲେଜ୍ ଯୁବକ, ସ୍ଥାନୀୟ ଲୋକ ଯୋଡ଼ି ହୋଇ ପରିବେଶକୁ ସୁରକ୍ଷା ଦେବା ସହିତ ପାରାଦୀପକୁ ସ୍ୱଚ୍ଛତା କ୍ଷେତ୍ରରେ ଆଗକୁ ନେବାକୁ ସଙ୍କଳ୍ପ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଶ୍ୱଜିତ୍ ସ୍ୱାଇଁ, ସତ୍ୟଜିତ ସାହୁ, ଓମ୍ ପ୍ରକାଶ ପ୍ରଧାନ, ପ୍ରତୀକ ମଲ୍ଲ, ଲୋକନାଥ ଦାସ ଓ ଅନ୍ୟ ଯୁବକ ଉପସ୍ଥିତ ଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୨୫ ● ପାଉଣ୍ଡ ୧୨୧.୩୨
- ୟୁରୋ ୧୦୫.୧୭ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୭,୬୫୦ (ନୂଆଦିଲ୍ଲୀ)
- ରୁପା : ୨,୪୦,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୪୦୮.୦୦
- ନିଫ୍ଟି ୨୬,୧୩୯.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

## ବାଣିଜ୍ୟ ଆଲୋଚନାରେ ଆମେରିକାକୁ ଭାରତର ଶେଷ ପ୍ରସ୍ତାବ

# ଟାରିଫ୍ ୫୦%ରୁ ୧୫%କୁ ହ୍ରାସ କର



### ରୁଷୀୟ ତୈଳ ଉପରେ ଜରିମାନା ବାବଦ ଶୁଳ୍କ ହଟୁ

ନୂଆଦିଲ୍ଲୀ,୨୫ା୧୨(ଏଜେନ୍ସି): ବାଣିଜ୍ୟ ଚୁକ୍ତିକୁ ନେଇ ଭାରତ-ଆମେରିକା ବାଣିଜ୍ୟ ଆଲୋଚନା ବର୍ତ୍ତମାନ ଶେଷ ପର୍ଯ୍ୟାୟରେ। ଏହି ଆଲୋଚନା ସମୟରେ ଭାରତ ଆମେରିକାକୁ ତା'ର ଶେଷ ପ୍ରସ୍ତାବ ଦେଇଛି। ଭାରତ ଚାହୁଁଛି ଯେ ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ ଭାରତ ଉପରେ ଲାଗୁ କରାଯାଇଥିବା ମୋଟ ୫୦% ଶୁଳ୍କକୁ ୧୫% କୁ ହ୍ରାସ କରାଯାଉ। ଏହାଛଡା ରୁଷୀୟ ଅଶୋଧିତ ତୈଳ କ୍ରୟ ଉପରେ ଭାରତ ଉପରେ ଲାଗୁ ହୋଇଥିବା ଅତିରିକ୍ତ ୨୫% ଜରିମାନା ବାବଦ ଶୁଳ୍କକୁ ମଧ୍ୟ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଉ। ଦୁଇ ଦେଶ ମଧ୍ୟରେ ଚାଲିଥିବା ଏହି ଆଲୋଚନା ନୂତନ ବର୍ଷରେ ଏକ ଚୂଡାନ୍ତ ନିଷ୍ପତ୍ତି ନେବ ବୋଲି ଆଶା କରାଯାଉଛି।

ବର୍ତ୍ତମାନ ଭାରତ- ଆମେରିକା ଏକ ବ୍ୟାପକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ବିଟିଏ) ଉପରେ ଆଲୋଚନା ଜାରି ରଖିଛନ୍ତି। କେନ୍ଦ୍ର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି ଯେ ଖୁବ୍ ଶୀଘ୍ର ଏକ ଚୁକ୍ତି ହୋଇପାରେ। ଯଦିଓ ଏହାକୁ ନେଇ ସେ ଏକ ନିର୍ଦ୍ଦିଷ୍ଟ ସମୟସୀମା ଦେଇନାହାଁନ୍ତି, ତଥାପି ଚଳିତ ସପ୍ତାହରେ ଭାରତ ଏବଂ ଆମେରିକା ବାଣିଜ୍ୟ ଦଳ ଦିଲ୍ଲୀରେ ବୈଠକ କରିଥିଲେ। ଆଲୋଚନାରେ ଦୁଇଟି ପ୍ରସଙ୍ଗ ଉପରେ କେନ୍ଦ୍ରିତ ଥିଲା। ଏକ ବ୍ୟାପକ ଏବଂ ସ୍ଥାୟୀ ବାଣିଜ୍ୟ ଚୁକ୍ତି ଏବଂ ଭାରତ ଉପରେ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ୫୦% ଶୁଳ୍କକୁ ହଟାଇବା କିମ୍ବା ହ୍ରାସ କରିବା ପାଇଁ ଏକ ଢାଞ୍ଚା ଚୁକ୍ତି। ଆମେରିକା ଭାରତ ଉପରେ ମୋଟ ୫୦% ଶୁଳ୍କ ଲାଗୁ କରିଛି। ଏଥିମଧ୍ୟରୁ ୨୫% ହେଉଛି 'ପାରସ୍ପରିକ ଶୁଳ୍କ', ବାକି ୨୫% ହେଉଛି ରୁଷୀୟ ତୈଳ କ୍ରୟ ଯୋଗୁଁ। ଆମେରିକା ଦାବି କରୁଛି ଯେ ଏହା ରୁଷକୁ ୟୁକ୍ରେନ ଯୁଦ୍ଧ ଜାରି ରଖିବାରେ ସାହାଯ୍ୟ କରୁଛି। ଭାରତ କହିଛି ଯେ ଏହି ଦଣ୍ଡ ବାବଦ ଟାରିଫ୍ ଅନ୍ୟାୟ ଏବଂ ଏହାକୁ ତୁରନ୍ତ ପ୍ରତ୍ୟାହାର କରାଯିବା ଉଚିତ।

ଏ ନେଇ ଭାରତ ଆଶାବାଦୀ ହେବାର ଏକ କାରଣ ହେଉଛି, ଜାନୁଆରୀ ମାସରେ ଆସିବାକୁ ଥିବା ତଥ୍ୟ ଅନୁଯାୟୀ, ଭାରତର ରୁଷୀୟ ତୈଳ ଆମଦାନୀରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଦେଖାଇପାରେ। ନଭେମ୍ବର ୨୧ରୁ ଦୁଇ ପ୍ରମୁଖ ରୁଷୀୟ ତୈଳ କମ୍ପାନୀ ରୋସନେଫ୍ଟ ଏବଂ ଲୁକ୍ଅଏଲ୍ ଉପରେ ଆମେରିକାର କଟକଣା ଲାଗୁ କରିଛି। ଏହା ପରେ ରୁଷିଆରୁ ଭାରତର ତୈଳ ଆମଦାନୀ ହ୍ରାସ ପାଇବା ଆରମ୍ଭ ହୋଇଛି। ଏକ ରିପୋର୍ଟ ଅନୁଯାୟୀ, ଭାରତର ରୁଷୀୟ ତୈଳ ଆମଦାନୀ, ଯାହା ନଭେମ୍ବରରେ ପ୍ରତିଦିନ ପ୍ରାୟ ୧.୭୭ ନିୟୁତ ବ୍ୟାରେଲ ଥିଲା, ଡିସେମ୍ବରରେ ପ୍ରାୟ ୧.୨ ନିୟୁତ ବ୍ୟାରେଲକୁ ହ୍ରାସ ପାଇଛି। ଭବିଷ୍ୟତରେ, ଏହି ପରିମାଣ ଦୈନିକ ୧ ନିୟୁତ ବ୍ୟାରେଲ ତଳକୁ ଖସିଆସିପାରେ। ୟୁକ୍ରେନ ଯୁଦ୍ଧ ପରେ, ଭାରତ ରୁଷର ସବୁଠାରୁ ବଡ଼ ତୈଳ କ୍ରେତା ହୋଇଯାଇଥିଲା। ଆମେରିକୀୟ ଅଧିକାରୀମାନେ ଅଭିଯୋଗ କରିଛନ୍ତି ଯେ, ଭାରତ ରୁଷିଆରୁ ତେଲ କିଣି ୟୁକ୍ରେନ ଉପରେ ଆକ୍ରମଣକୁ ପରୋକ୍ଷ ଭାବରେ ପାଣ୍ଠି ଯୋଗାଣ କରୁଛି।

ଭାରତ ଏବେ ଟ୍ରମ୍ପ୍ ପ୍ରଶାସନ ଦ୍ୱାରା ଲାଗୁ କରାଯାଇଥିବା ବାକି ୨୫% ଶୁଳ୍କକୁ ୧୫% କୁ ହ୍ରାସ କରିବାକୁ ଚାହୁଁଛି, ଯାହା ଭାରତକୁ ୟୁରୋପୀୟ ସଂଘ (ଇୟୁ) ପରି ସମାନ ଆଶ୍ୱସ୍ତି ପ୍ରଦାନ କରିବ। ଯଦି ଶୁଳ୍କ ଅଧିକ ରୁହେ, ତେବେ ଭାରତୀୟ ରପ୍ତାନିକାରୀମାନେ ଅନ୍ୟ ଦେଶ ତୁଳନାରେ କ୍ଷତିଗ୍ରସ୍ତ ହେବେ। ଉଦାହରଣ ସ୍ୱରୂପ, ଇଣ୍ଡୋନେସିଆ ଉପରେ ଆମେରିକାର ଶୁଳ୍କ, ଯାହା ପୂର୍ବରୁ ୩୨% ଥିଲା, ତାହାକୁ ୧୯% କୁ ହ୍ରାସ କରାଯାଇଛି। ଭାରତ ସ୍ପଷ୍ଟ ଭାବରେ କହିଛି ଯେ, ଏହାକୁ ଅନ୍ୟ ଦେଶ ଭଳି ସମାନ ଆଶ୍ୱସ୍ତି ମିଳିବା ଉଚିତ। ରୁଷୀୟ ତୈଳ ଉପରେ ଜୋରିମାନା ବାବଦ ଶୁଳ୍କ ହଟାଇ ସାମଗ୍ରିକ ଶୁଳ୍କ ୧୫% କୁ ହ୍ରାସ କରାଯିବା ଉଚିତ। ଏ କ୍ଷେତ୍ରରେ ବର୍ତ୍ତମାନ ବଲ୍ ଆମେରିକା କୋର୍ଟରେ ଅଛି, ଏବଂ ସମସ୍ତଙ୍କ ନଜର ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ନିଷ୍ପତ୍ତି ଉପରେ।

# ପୁଣି ରୁଷରୁ ତେଲ କିଣିବ ରିଲାଏନ୍ସ

### ମାସକ ପାଇଁ ନିୟମ କୋହଳ କଲା ଆମେରିକା

ନୂଆଦିଲ୍ଲୀ,୨୫ା୧୨(ଏଜେନ୍ସି): ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍ଆଇଏଲ୍) ପୁଣି ଥରେ ରୁଷରୁ ଅଶୋଧିତ ତେଲ ଆମଦାନି ଆରମ୍ଭ କରିଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, କମ୍ପାନୀ ଗୁଜରାଟର ଜାମନଗରରେ ଥିବା ବିଶ୍ୱର ସର୍ବବୃହତ ରିଫାଇନାରୀ ପାଇଁ ରୁଷ ତୈଳ କ୍ରୟ ପୁଣି ଆରମ୍ଭ କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରିଲାଏନ୍ସକୁ ଏହି ଉଦ୍ଦେଶ୍ୟରେ ଆମେରିକାରୁ ଏକ ମାସର ଏକ ସ୍ୱତନ୍ତ୍ର ଛାଡ ମିଳିଛି। ଏହି ଖବର ଏପରି ସମୟରେ ଆସିଛି, ଯେତେବେଳେ ପାଶ୍ଚାତ୍ୟ ପ୍ରତିବନ୍ଧକର ଭୟରେ ରିଲାଏନ୍ସ ସମ୍ପ୍ରତି ରୁଷ ତୈଳ ଆମଦାନି ସୀମିତ କରିଥିଲା।

ସୂତ୍ର ଅନୁଯାୟୀ, ଟ୍ରମ୍ପ୍ ପ୍ରଶାସନ ରୁଷର ସରକାରୀ କମ୍ପାନୀ ରୋସନେଫ୍ଟରୁ ତେଲ କ୍ରୟ କରିବା ପାଇଁ ରିଲାଏନ୍ସ ପାଇଁ ଗୋଟିଏ ମାସ ଲାଗି ନିୟମ କୋହଳ କରିଛନ୍ତି। ପୂର୍ବରୁ, ଆମେରିକା ଅକ୍ଟୋବରରେ ରୋସନେଫ୍ଟ ଏବଂ ଲୁକ୍ ଅଏଲ ଭଳି ରୁଷ କମ୍ପାନୀଗୁଡ଼ିକ ଉପରେ କଠୋର କଟକଣା ଜାରି କରିଥିଲା, ଯାହା ବିଦେଶୀ କମ୍ପାନୀଗୁଡ଼ିକୁ ସେମାନଙ୍କର ପୂର୍ବ ଚୁକ୍ତିନାମା ସମାଧାନ କରିବାକୁ ନଭେମ୍ବର ୨୧ ପର୍ଯ୍ୟନ୍ତ ସମୟ ଦେଇଥିଲା। ବର୍ତ୍ତମାନ, ରିଲାଏନ୍ସକୁ ଦିଆଯାଇଥିବା ଏହି ଅତିରିକ୍ତ ରିଆତି ସହିତ, ନଭେମ୍ବର ଶେଷ ସପ୍ତାହରୁ ପ୍ରାୟ ୧୫ ରୁଷୀୟ ଜାହାଜ ଜାମନଗରକୁ ଅଶୋଧିତ ତେଲ ପହଞ୍ଚାଇଛି। ଜାମନଗର କମ୍ପ୍ଲେକ୍ସରେ କମ୍ପାନୀର ଦୁଇଟି ରିଫାଇନାରୀ ଅଛି। ଗୋଟିଏ




ହେଉଛି ଏସ୍ଇଜେଡ୍ ରିଫାଇନାରୀ, ଯେଉଁଠାରୁ ୟୁରୋପ ଏବଂ ଆମେରିକାକୁ ତେଲ ରପ୍ତାନି କରାଯାଏ, ଏବଂ ଅନ୍ୟଟି ହେଉଛି ଘରୋଇ ରିଫାଇନାରୀ, ଯାହା ଭାରତୀୟ ବଜାର ପାଇଁ ତେଲ ଉତ୍ପାଦନ କରେ। କମ୍ପାନୀ ସ୍ପଷ୍ଟ କରିଛି ଯେ ବର୍ତ୍ତମାନ ଆସୁଥିବା ରୁଷୀୟ ତେଲ କେବଳ ଘରୋଇ ୟୁନିଟ୍ରେ ପ୍ରକ୍ରିୟାକରଣ କରାଯିବ। ଏହା କମ୍ପାନୀକୁ ୟୁରୋପୀୟ ନିୟମାବଳୀକୁ ଏଡ଼ାଇ ଯିବାକୁ ଅନୁମତି ଦେବ ଯାହା ରୁଷୀୟ ତେଲରୁ ପ୍ରସ୍ତୁତ ପେଟ୍ରୋଲ ଏବଂ ଡିଜେଲ ଆମଦାନୀକୁ ନିଷିଦ୍ଧ କରିଥାଏ।

# 'ସଞ୍ଜୀବ ହିରୋ'ରେ ଲକି ଡ୍ର'

### ଗ୍ରାହକ ଜିତିଲେ ଆକର୍ଷଣୀୟ ପୁରସ୍କାର




ପୁରୀ,୨୫ା୧୨(ସମିସ): ବାଇକ୍ ଏବଂ ସ୍କୁଟର କ୍ଷେତ୍ରରେ ପୁରୀର ଭରସାଯୋଗ୍ୟ ଶୋ' ରୁମ୍ 'ସଞ୍ଜୀବ ହିରୋ' ପ୍ରତିଟି କ୍ଷେତ୍ରରେ ଗ୍ରାହକଙ୍କ ବିଶ୍ୱାସ ଜିତିପାରିଛି। ସବୁ ବର୍ଗଙ୍କ ପାଇଁ ଆକର୍ଷଣୀୟ ଦୁଇଚକିଆ ଗାଡ଼ି ଉପଲବ୍ଧ କରାଇ ପୁରୀ ବଜାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ସଞ୍ଜୀବ ହିରୋ। ବିଭିନ୍ନ ପର୍ବପର୍ବାଣିରେ ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ଏବଂ ଲକି ଡ୍ର' ମାଧ୍ୟମରେ ପୁରସ୍କୃତ ମଧ୍ୟ କରୁଛି। ବଡ଼ଦିନ ଅବସରରେ ଟାଉନ ହଲ୍ ଛକସ୍ଥିତ ଶୋ'ରୁମ୍‌ରେ ସଙ୍ଗୀତ ସନ୍ଧ୍ୟାର ଆସର ସାଙ୍ଗକୁ ଚଳିତବର୍ଷ ଦଶହରାରେ ଗାଡି କିଣିଥିବା ଗ୍ରାହକଙ୍କୁ ଲକି ଡ୍ର' ମାଧ୍ୟମରେ ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ମାହାରୀ ନୃତ୍ୟ ଗୁରୁ ରୂପଶ୍ରୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାହକଙ୍କ ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସଞ୍ଜୀବ ହିରୋର ଏମ୍‌ଡି ଅମିତ୍ ମଲ୍ଲିକଙ୍କୁ ପ୍ରଶଂସା କରିଥିଲେ। ଏଥିସହ କୁପନ ଉଠାଇ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବିଜେତା ହୋଇଥିବା ଗ୍ରାହକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଚନ୍ଦନପୁରର କବିତା ନାୟକ ପ୍ରଥମ, ସାକ୍ଷୀଗୋପାଳର ହେମନ୍ତ କୁମାର ବାରିକ ଦ୍ୱିତୀୟ ଏବଂ ଛଇତନାର ବୈକୁଣ୍ଠ ଭୂୟାଁ ତୃତୀୟ ଲକି ବିଜେତା ହୋଇଥିଲେ। ଏଥିରେ ଦଶହରାରେ ସଞ୍ଜୀବ ଶୋ'ରୁମ୍‌ରୁ ଗାଡ଼ି କିଣିଥିବା ସମସ୍ତ ଗ୍ରାହକଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇଥିଲା।

ଏହି ଅବସରରେ ଶୋ'ରୁମ୍‌ର ଏମ୍‌ଡି ଅମିତ୍ ମଲ୍ଲିକ କହିଥିଲେ, ପୁରୀରେ ୭ ବର୍ଷ ହେବ ଗ୍ରାହକ ଆମ ଉପରେ ଯେଉଁ ଭରସା, ବିଶ୍ୱାସ ରଖିଛନ୍ତି ତାହାକୁ ବଜାୟ ରଖିବା ପାଇଁ ସର୍ବଦା ଚେଷ୍ଟା ଜାରି ରଖିଛୁ। ତେଣୁ ଗ୍ରାହକଙ୍କ ସୁବିଧା ପାଇଁ ଅଠରନଳାଠାରେ ଚଳିତବର୍ଷ ନୂଆ ଡିଲର ଏକ୍ସଟେନ୍‌ସନ କାଉଣ୍ଟର ଖୋଲାଯାଇଛି। ଆମେ ସର୍ବଦା ଗ୍ରାହକଙ୍କ ସୁବିଧାକୁ ପ୍ରାଥମିକତା ଦେଇଆସିଛୁ। କାର୍ଯ୍ୟକ୍ରମରେ ଶୋ'ରୁମ୍ ମ୍ୟାନେଜର ଅମ୍ବିକା ପ୍ରସାଦ ମିଶ୍ର, ସର୍ଭିସ ସୁପରଭାଇଜର ପ୍ରଦୀପ ବେହେରା, ଆକାଉଣ୍ଟାଣ୍ଟ ସନ୍ତୋଷ ଭଟ୍ଟାଚାର୍ଯ୍ୟ, ସନ୍ତୋଷ କୁମାର ଦାଶଙ୍କ ସମେତ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜିଏସ୍‌ଟି ଉପରେ ପୂର୍ବତନ ସିଇଏଙ୍କ ଆଶ୍ଚର୍ଯ୍ୟଜନକ ବୟାନ

# ଜିଏସ୍‌ଟିର ରୂପରେଖ ବେଶ୍ ଜଟିଳ



- ୩ ସ୍ଲାବ୍ ସୁପାରିସ କରିଥିଲି, ୨୮% ସ୍ଲାବ୍ ବିରୋଧରେ ଥିଲା
- ସରକାରଙ୍କ ସହ ମତଭେଦକୁ ସ୍ୱୀକାର
- 'ଜେଟ୍‌ଲୀଙ୍କୁ ଦୈନିକ ୧୦ଟି ମେସେଜ୍ ପଠାଉଥିଲି'
- ଅର୍ଥମନ୍ତ୍ରୀଙ୍କ ସମର୍ଥନ ନ ଥିଲେ ପ୍ରଭାବ ହ୍ରାସ ପାଇଥା'ନ୍ତା

ନୂଆଦିଲ୍ଲୀ,୨୫ା୧୨(ଏଜେନ୍ସି): ଦେଶରେ ଦ୍ରବ୍ୟ ଏବଂ ସେବା ଟିକସ(ଜିଏସ୍‌ଟି) ବ୍ୟବସ୍ଥା ଆରମ୍ଭ ସମୟରେ ୩ଟି ସ୍ଲାବ୍ ରଖିବାକୁ ସୁପାରସ କରାଯାଇଥିଲା। ଏଥିରେ ୬-୮% ର ଏକ ଛୋଟ ସ୍ଲାବ୍, ୧୫-୧୬%ର ଅନ୍ୟ ଏକ ସ୍ଲାବ୍ ଏବଂ ସିଗାରେଟ୍ ଏବଂ ତମାଖୁ ଉତ୍ପାଦ ପରି 'ସିନ୍ ଉତ୍ପାଦଗୁଡ଼ିକ ପାଇଁ ୪୦%ର ଗୋଟିଏ ସ୍ଲାବ୍ ରଖିବାକୁ ସୁପାରିସ କରାଯାଇଥିଲା। କିନ୍ତୁ ଏଥିରେ ୨୮% ସ୍ଲାବ୍ ଯୋଡାଯାଇଥିଲା, ଯାହାକୁ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟମ୍ ବିରୋଧ କରୁଥିଲେ। ଶ୍ରୀ ସୁବ୍ରମଣ୍ୟମ୍‌ଙ୍କ କହିବାନୁଯାୟୀ, ଜିଏସ୍‌ଟିର ରୂପରେଖ ବେଶ ଜଟିଳ। ସେତେବେଳେ, ଜିଏସ୍‌ଟି ଗଠନକୁ ନେଇ ସେ ବହୁତ ନିରାଶ ଥିଲେ। କାରଣ ଜିଏସ୍‌ଟି ଗଠନ ସରଳ ନ ଥିଲା। ତେବେ ଏହା ଉପରେ ତାଙ୍କର କୌଣସି ନିୟନ୍ତ୍ରଣ ନ ଥିଲା ବୋଲି ସେ କହିଛନ୍ତି। ସେ ସମୟରେ ସରକାରଙ୍କ ସହ ତାଙ୍କର ମତଭେଦକୁ ସ୍ୱୀକାର କରିଛନ୍ତି ଏହି ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା।

ଜିଏସ୍‌ଟି ଉପରେ ଏପରି ଆଶ୍ଚର୍ଯ୍ୟଜନକ ଖୁଲାସା କରି ଶ୍ରୀ ସୁବ୍ରମଣ୍ୟମ୍ କହିଛନ୍ତି ଯେ, ଜିଏସ୍‌ଟି ବିଷୟରେ କହିବାକୁ ଗଲେ ସେ ପ୍ରଥମେ ୩ଟି ସ୍ଲାବ୍ ସୁପାରିଶ କରିଥିଲେ, କିନ୍ତୁ ପରେ ଏହା ୧୦-୧୨% ହୋଇଗଲା। ସେ କହିଥିଲେ ଯେ ଏହି ଜଟିଳତା ଯୋଗୁଁ ସେ ହତାଶ ହୋଇଥିଲେ। ତଥାପି, ସେ ସ୍ୱୀକାର କଲେ ଯେ ଏହା ଜଣେ ପରାମର୍ଶଦାତାଙ୍କ ଭୂମିକାର ଏକ ଅଂଶ। ସେ ଏହା ମଧ୍ୟ କହିଲେ ଯେ ଜଣେ ପରାମର୍ଶଦାତାଙ୍କ କାମ ହେଉଛି ଲୋକଙ୍କୁ ପରାମର୍ଶ ଦେବା ଏବଂ ପ୍ରେରଣା ଦେବା, କିନ୍ତୁ ସବୁବେଳେ ଜିତିବା ସମ୍ଭବ ନୁହେଁ। ନିଜର ପୁସ୍ତକ 'ଏ ସିକ୍ସଥ୍ ଅଫ୍ ହ୍ୟୁମାନିଟି' ଉପରେ ଆଲୋଚନା ସମୟରେ ସେ କହିଛନ୍ତି ଯେ, ସେତେବେଳର ଅର୍ଥମନ୍ତ୍ରୀ ଅରୁଣ ଜେଟଲିଙ୍କ କାର୍ଯ୍ୟକାଳରେ ୨୦୧୪ ଅକ୍ଟୋବରରୁ ୨୦୧୮ ଜୁନ୍ ପର୍ଯ୍ୟନ୍ତ ସେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଥିଲେ। ସେ କହିଥିଲେ ଯେ ପରାମର୍ଶଦାତାମାନେ କେବଳ ତାଙ୍କ ପରାମର୍ଶ ପାଳନ ନ ହେବା ଯୋଗୁଁ ପଦ ଛାଡିବା ଉଚିତ୍ ନୁହେଁ। ଓଃ, ମୋର ପରାମର୍ଶ କାର୍ଯ୍ୟକାରୀ ହୋଇ ନ ଥିଲା, ତେଣୁ ମୁଁ ପଦ ଛାଡୁଛି, ତାହା ହେବା ଉଚିତ୍ ନୁହେଁ। ସେହି ଅଭିଜ୍ଞତାରୁ ମୁଁ ଏହା ମଧ୍ୟ ଶିଖିଛି।

ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟମ୍ ସ୍ପଷ୍ଟ କରିଛନ୍ତି ଯେ ତାଙ୍କ ଇସ୍ତଫା ସରକାରଙ୍କ ସହିତ କୌଣସି ମତଭେଦ ଯୋଗୁଁ ନୁହେଁ। ତଥାପି, ତାଙ୍କର ୪ ବର୍ଷର କାର୍ଯ୍ୟକାଳରେ କିଛି ପ୍ରସଙ୍ଗରେ ସରକାରଙ୍କ ସହିତ ବୈଚାରିକ ମତଭେଦ ଥିଲା। ତଥାପି, ସେ ଜୋର ଦେଇ କହିଛନ୍ତି ଯେ ଏହି ମତଭେଦ ତାଙ୍କ ଇସ୍ତଫାର କାରଣ ନୁହେଁ। ସେ ଅନୁଭବ କରିଥିଲେ ଯେ ୪ ବର୍ଷରୁ ଅଧିକ ସମୟ ପାଇଁ ରହିବା ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭାବରେ ତାଙ୍କର ପ୍ରଭାବକୁ ହ୍ରାସ କରିବ। ସେ ଅନୁଭବ କରିଥିଲେ ଯେ, ୪ ବର୍ଷ ପରେ ସେହି ପଦରେ ରହିଲେ ତାଙ୍କର ପ୍ରଭାବଶାଳୀତା ପୂର୍ବ ୪ ବର୍ଷ ପରି ଏତେ ଉପରେ ରହି ନ ଥାନ୍ତା। ଏହାର ଅନେକ କାରଣ ଥିଲା। ଏଥିରେ ସରକାରଙ୍କ ସହିତ କିଛି ମତଭେଦ ମଧ୍ୟ ଅନ୍ତର୍ଭୁକ୍ତ। କିନ୍ତୁ ଏହା ମଧ୍ୟ କାରଣ ଯଦି ଅରୁଣ ଜେଟଲୀ ଜୀଙ୍କ ସମର୍ଥନ ସମାନ ପରିମାଣରେ ନ ଥାନ୍ତା, ତେବେ ପ୍ରଭାବଶାଳୀତା ହ୍ରାସ ପାଇଥାନ୍ତା। ଜିଏସ୍‌ଟି କାର୍ଯ୍ୟାନ୍ୱୟନ ସମୟରେ ତାଙ୍କର ଆଲୋଚନାକୁ ମନେ ପକାଇ ସୁବ୍ରମଣ୍ୟମ୍ କହିଛନ୍ତି ଯେ, ସେ ପ୍ରତିଦିନ ଅରୁଣ ଜେଟଲୀଙ୍କ ସହ କଥା ହେଉଥିଲେ। ସେ ଅର୍ଥମନ୍ତ୍ରୀଙ୍କୁ ଦିନକୁ ୧୦ ଥର ମେସେଜ କରି କରୁଥିଲେ।

# ଏନଏସଇରେ ତାଲିକାଭୁକ୍ତ କମ୍ପାନୀର ବଜାର ମୂଲ୍ୟ ୪୬୯ ଲକ୍ଷ କୋଟି

ମୁମ୍ବଇ,୨୫ା୧୨ : ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ଅଫ ଇଣ୍ଡିଆ (ଏଏସଇ) ଉତ୍ସାହର ସହ ବର୍ଷ ୨୦୨୫ ଶେଷ କରିବାକୁ ଯାଉଛି। ଏହା ସ୍ଥିର ବଜାର ଅଭିବୃଦ୍ଧି, ବଜାରରେ ଅଧିକ ନିବେଶକଙ୍କ ଯୋଗଦାନ ଏବଂ ନୂତନ ଉତ୍ପାଦ ପ୍ରଚଳନ ଦ୍ୱାରା ସମ୍ଭବ ହୋଇଛି। ଚଳିତବର୍ଷ ଭାରତରେ ଷ୍ଟକ୍ ବଜାର ସ୍ଥିର ରହିଥିବାବେଳେ, ନିଫ୍ଟି ୫୦ ସୂଚକାଙ୍କ ପ୍ରାୟ ୧୦% ବୃଦ୍ଧି ପାଇଛି। ଏନଏସଇରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ମୂଲ୍ୟ ପ୍ରାୟ ୪୬୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହା ନିବେଶକଙ୍କ ମଧ୍ୟରେ ନିରନ୍ତର ବିଶ୍ୱାସ ଏବଂ ସ୍ଥିର ସମ୍ପତି ସୃଷ୍ଟିକୁ ଦର୍ଶାଉଛି। ୨୦୨୫ରେ କମ୍ପାନୀଗୁଡ଼ିକ ବଜାର ମାଧ୍ୟମରେ ଟଙ୍କା ସଂଗ୍ରହ କରିବା ଜାରି ରଖିଥିଲେ। ଏନଏସଇ ମାଧ୍ୟମରେ ସଂଗୃହୀତ ମୋଟ ପାଣ୍ଠି ପ୍ରାୟ ୭% ବୃଦ୍ଧି ପାଇ ୧୯ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି। କମ୍ପାନୀଗୁଡ଼ିକ ସେମାନଙ୍କର ଅଭିବୃଦ୍ଧି ଏବଂ ବ୍ୟବସାୟିକ ଆବଶ୍ୟକତାକୁ ପାଣ୍ଠି ଯୋଗାଇବା ପାଇଁ ସେୟାର ଏବଂ ବଣ୍ଡ ଉଭୟକୁ ସକ୍ରିୟ ଭାବରେ ବ୍ୟବହାର କରିଛନ୍ତି। ଆଇପିଓ ବଜାର ମଧ୍ୟ ସକ୍ରିୟ ରହିଥିଲା। ଏନଏସଇର ମେନବୋର୍ଡ ଏବଂ ଏସଏମଇ ପ୍ଲାଟଫର୍ମରେ ଆଇପିଓଗୁଡ଼ିକ ମାଧ୍ୟମରେ ୨୦୦ ରୁ ଅଧିକ କମ୍ପାନୀ ପାଣ୍ଠି ସଂଗ୍ରହ କରିଛନ୍ତି, ଯାହା ମିଳିତ ଭାବରେ ପ୍ରାୟ ୧.୭୭ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଥିଲା। ଏହା ନୂତନ ଏବଂ ବୃଦ୍ଧି ପାଉଥିବା କମ୍ପାନୀଗୁଡ଼ିକ ପ୍ରତି ନିବେଶକଙ୍କ ଆଗ୍ରହକୁ ଉଲ୍ଲେଖ କରୁଛି।

# ଜିନ୍ଦଲ ଷ୍ଟେନ୍‌ଲେସ୍ ଯାଜପୁର ୟୁନିଟ୍ ପୁରସ୍କୃତ




ଭୁବନେଶ୍ୱର, ୨୫ା୧୨ (ସମିସ): ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ ଓଡ଼ିଶା ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର ୨୦୨୫ରେ ସମ୍ମାନିତ କରାଯାଇଛି। 'ଲୌହ ଓ ଷ୍ଟିଲ୍' ବର୍ଗରେ 'ଶ୍ରେଷ୍ଠ ପ୍ରଦର୍ଶନକାରୀ' ଭାବେ ଏହି ସମ୍ମାନ ହାସଲ କରିଛି କମ୍ପାନୀ। ଏହି ପୁରସ୍କାର କମ୍ପାନିର ଶକ୍ତି ସଂରକ୍ଷଣ ଏବଂ ଦକ୍ଷତା କ୍ଷେତ୍ରରେ ଥିବା ଦୃଢ଼ ନେତୃତ୍ୱକୁ ଆହୁରି ଶକ୍ତି ଯୋଗାଇଛି। ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ୍ ପ୍ରଥମଥର ଏହି ସମ୍ମାନରେ ସମ୍ମାନିତ ହୋଇଛି। ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଯାଜପୁର ଟିମ୍‌କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ବିଶାଳ କୁମାର ଦେ, ପ୍ରମୁଖ ଶାସନ ସଚିବ ଏବଂ ମନୋଜ କୁମାର ତ୍ରିପାଠୀ ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ ଶକ୍ତି ବିଭାଗ ଓ ଅନ୍ୟ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ। ଏହି ସଫଳତା ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସ୍‌ରର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି ଏକ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ କେବଳ ଏକ ବିକଳ୍ପ ହୋଇ ରହି ନାହିଁ। ଆଜିର ସମୟରେ ତଥା ପରିବେଶ ପାଇଁ ଏହା ଅପରିହାର୍ଯ୍ୟ। ଏହି ସଫଳତା ଆମର ସବୁଜ ପରିବେଶ ଗଠନ ଦିଗରେ ଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି।

# ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୧୫ ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୫ା୧୨ (ସମିସ): ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏହାର ୧୧୫ତମ ପ୍ରତିଷ୍ଠା ଦିବସ ବିଭିନ୍ନ ସ୍ମୃତିମୂଳକ କାର୍ଯ୍ୟକ୍ରମ ସହ ପାଳନ କରିଛି। ଏହି ଅବସରରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧିନ ଆର୍ଥିକ ସେବା ବିଭାଗ (ଡିଏଫ୍ଏସ୍) ର ସଚିବ ଆଇଏଏସ୍ ଏମ୍ ନାଗରାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଏମ୍ ନାଗରାଜୁ କହିଥିଲେ ଯେ, ଭାରତର ପ୍ରଥମ ସ୍ୱଦେଶୀ ବ୍ୟାଙ୍କ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଦିବସରେ ଅଂଶଗ୍ରହଣ କରିବା ତାଙ୍କ ପାଇଁ ଗର୍ବର ବିଷୟ। ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କଲ୍ୟାଣ କୁମାର ଡିଏଫ୍ଏସ୍ ସଚିବ ଭାବରେ ଏମ୍ ନାଗରାଜୁ ଭାରତର ବ୍ୟାଙ୍କିଙ୍ଗ୍, ବୀମା ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା କହିଛନ୍ତି। ପ୍ରତିଷ୍ଠା ଦିବସରେ ବିଭିନ୍ନ




କାର୍ଯ୍ୟକ୍ରମ ଯଥା 'ଫିଟ୍ ରୁହନ୍ତୁ-ସୁସ୍ଥ ରୁହନ୍ତୁ, ଗଛ ଲଗାନ୍ତୁ-ପୃଥିବୀକୁ ବଞ୍ଚାନ୍ତୁ', ସ୍ୱଚ୍ଛ ଭାରତ, ସେବା ହିଁ ସଂକଳ୍ପ ଏବଂ ସେଣ୍ଟ ଇଣ୍ଟେଲିକା ଆଦି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। ଏହି ପଦକ୍ଷେପ ଅନ୍ତର୍ଗତ ସାରା ଦେଶରେ ୨୫,୦୦୦ରୁ ଅଧିକ ଚାରାରୋପଣ କରାଯାଇଛି। ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏମ୍ ଭି ମୂରଲୀ କ୍ରୀଷ୍ଣା ଧନ୍ୟବାଦଦେଇଥିଲେ।

# ଓଲା-ଓବେରରେ ଫିମେଲ ଡ୍ରାଇଭର ଚୟନ କରିପାରିବେ ମହିଳା

ନୂଆଦିଲ୍ଲୀ,୨୫ ା୧୨(ଏଜେନ୍ସି): ଖୁବଶୀଘ୍ର କ୍ୟାବ୍‌ରୁ ରାଇଡ୍ ବୁକ୍ କରିବା ପାଇଁ ଓଲା, ଓବେର ଓ ରାପିଡୋ ଭଳି ଆପ୍‌ରେ ସେମ୍ ଜେଣ୍ଡର ଅର୍ଥାତ୍ ସମାନ ଲିଙ୍ଗର ଡ୍ରାଇଭର ଚୟନ କରିବାର ସୁଯୋଗ ମିଳିବ। ଏଥିସହ ଯାତ୍ରା ଶେଷ ହେବା ପରେ ଡ୍ରାଇଭରଙ୍କୁ ଟିପ୍ ବା ବକ୍ସିସ ଦେଇପାରିବେ। ଏହି ବକ୍ସିସର ପୂରା ରାଶି ଡ୍ରାଇଭରଙ୍କୁ ହିଁ ମିଳିବ। ଆପ୍‌ରେ ଜେଣ୍ଡର ଚଏସ୍ ନେଇ ନୂଆ ନିୟମ ଜାରି କରାଯାଇଛି। ଯାତ୍ରୀଙ୍କ ସୁରକ୍ଷା ପାଇଁ ଏହି ନୂଆ ନିୟମ ଅଣାଯାଇଥିବା କୁହାଯାଇଛି। ଖାସ୍ କରି ମହିଳା ଯାତ୍ରୀଙ୍କ ପାଇଁ ଫିମେଲ ଡ୍ରାଇଭର ଚୟନ କରିବାର ବିକଳ୍ପ ରହିଛି। ସରକାର

### ଆପରେ ରହିବ ଜେଣ୍ଡର ଚଏସ ଅପସନ୍

ଏ ସଂକ୍ରାନ୍ତରେ ମୋଟର ଭେଇକଲ ଏଗ୍ରିଗେଟର୍ସ ଗାଇଡଲାଇନ୍- ୨୦୨୫ରେ ପରିବର୍ତ୍ତନ ଆଣିଛନ୍ତି। ଏହାକୁ ସବୁ ରାଜ୍ୟ ଲାଗୁ କରିବା ପାଇଁ କୁହାଯାଇଛି। ତେବେ ଏହି ନୂଆ ନିୟମ କେବେ ଜାରି ହେବ ସେ ନେଇ ଏ ପର୍ଯ୍ୟନ୍ତ କୌଣସି ତାରିଖ ଧାର୍ଯ୍ୟ କରାଯାଇନାହିଁ। ଏହି ନିୟମ କେନ୍ଦ୍ର ସରକାର ଜାରି କରିଛନ୍ତି। ରାଜ୍ୟ ସରକାରଗୁଡିକ ଏହି ସଂଶୋଧନକୁ ନିଜର ଲାଇସେନ୍ସିଂ ପ୍ରକ୍ରିୟାରେ ସାମିଲ କରିପାରିବେ। ବ୍ୟବହାରିକ ଦୃଷ୍ଟିରୁ ଦେଖିବାକୁ ଗଲେ କମ୍ପାନୀଗୁଡିକୁ ନିଜର ଆପ୍‌ରେ ପରିବର୍ତ୍ତନ କରିବାକୁ କିଛି ସମୟ ଲାଗିପାରେ। କିନ୍ତୁ ଏହାକୁ ଲାଗୁ କରିବା ବାଧ୍ୟତାମୂଳକ ବୋଲି କୁହାଯାଇଛି।

# ୩ ଘଣ୍ଟାରେ ଚେକ୍ କ୍ଲିଅରାନ୍ସ ନିୟମ ଟାଳିଲା ଆର୍‌ବିଆଇ

- ସକାଳ ୯ ରୁ ସନ୍ଧ୍ୟା ୭ ମଧ୍ୟରେ ହେବ ପ୍ରୋସେସିଂ
- ଜାନୁଆରୀ ୩ରୁ ଲାଗୁ ହେବାର ଥିଲା

ନୂଆଦିଲ୍ଲୀ,୨୫ା୧୨(ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହାର ଚେକ୍ କ୍ଲିୟରାନ୍ସ ଯୋଜନାର ପର୍ଯ୍ୟାୟ-୨ କୁ ସ୍ଥଗିତ ରଖିଛି। ଏହି ଯୋଜନା ୨୦୨୬ ଜାନୁଆରୀ ୩ ରେ ଆରମ୍ଭ ହେବାର ଥିଲା। ଏହି ପର୍ଯ୍ୟାୟରେ, ବ୍ୟାଙ୍କଗୁଡ଼ିକୁ ଚେକ୍ ଇମେଜଗୁଡ଼ିକୁ ଗ୍ରହଣ କରିବାର ତିନି ଘଣ୍ଟା ମଧ୍ୟରେ ଅନୁମୋଦନ କିମ୍ବା ପ୍ରତ୍ୟାଖ୍ୟାନ କରିବାକୁ ବାଧ୍ୟ କରାଯାଇଥିଲା। ଏହାକୁ ବର୍ତ୍ତମାନ ପରବର୍ତ୍ତୀ ତାରିଖକୁ ସ୍ଥଗିତ ରଖାଯାଇଛି। ଆର୍‌ବିଆଇ ଡିସେମ୍ବର ୨୪ରେ ଏକ ସର୍କୁଲାର ଜାରି କରି କହିଛି ଯେ ପର୍ଯ୍ୟାୟ -୨କୁ ସ୍ଥଗିତ ରଖାଯାଇଛି। ପର୍ଯ୍ୟାୟ ୧ ଜାରି ରହିବ। ଚେକ୍ ଉପସ୍ଥାପନା ୱିଣ୍ଡୋ ସକାଳ ୯ ଟାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଖୋଲା ରହିବ। ବ୍ୟାଙ୍କଗୁଡ଼ିକ ସକାଳ ୯ ଟାରୁ ସନ୍ଧ୍ୟା ୭ଟା ମଧ୍ୟରେ ଚେକ୍ ନିଶ୍ଚିତ କିମ୍ବା ପ୍ରତ୍ୟାଖ୍ୟାନ କରିପାରିବେ।

ପ୍ରଥମ ପର୍ଯ୍ୟାୟରେ କରାଯାଇଥିବା ପରିବର୍ତ୍ତନ ମଧ୍ୟରେ, ଆର୍‌ବିଆଇ ଚେକ୍ ଟ୍ରଙ୍କେସନ୍ ସିଷ୍ଟମ୍ ଅଧୀନରେ 'ନିରନ୍ତର କ୍ଲିୟରାନ୍ସ ଏବଂ ସେଟେଲମେଣ୍ଟ' ପ୍ରଚଳନ କରିଥିଲା। ଏହାର ଉଦ୍ଦେଶ୍ୟ ପୁରୁଣା ବ୍ୟାଚ୍ ସିଷ୍ଟମ୍ କୁ ଦୂର କରି ଚେକ୍ କ୍ଲିୟରାନ୍ସକୁ ତ୍ୱରାନ୍ୱିତ କରିବା ଥିଲା। ୨୦୨୫ ଅକ୍ଟୋବର ୪ରେ ପର୍ଯ୍ୟାୟ-୧ ଆରମ୍ଭ ହୋଇଥିଲା। ପୂର୍ବରୁ, ଚେକ୍ କ୍ଲିୟରିଂ ବ୍ୟାଚ୍ ସ୍ଥିର ସମୟରେ ସୃଷ୍ଟି କରାଯାଉଥିଲା। ଚେକ୍ ଜାରି କରୁଥିବା ବ୍ୟାଙ୍କକୁ ଇମେଜ୍‌ଗୁଡ଼ିକ ଗ୍ରହଣ କରିବା ମାତ୍ରେ ସମୀକ୍ଷା କରିବାକୁ ପଡିବ। ଯଦି ବ୍ୟାଙ୍କ ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ନ ଦିଏ, ତେବେ ଚେକ୍ ଅନୁମୋଦିତ ବୋଲି ବିବେଚନା କରାଯାଏ। ପର୍ଯ୍ୟାୟ -୨, ଯାହା ୨୦୨୬ ଜାନୁଆରୀ ୩ରୁ କାର୍ଯ୍ୟକାରୀ ହେବ, ଚେକ୍ କ୍ଲିୟରନ୍ସକୁ ପ୍ରକୃତ ସମୟର ନିକଟତର କରିବା ପାଇଁ ଉଦ୍ଦିଷ୍ଟ ଥିଲା।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ । ଶୁଭ ଖବର ପ୍ରାପ୍ତ ହେବ । ନୂଆ ଯାନ କିଣିବା ଯୋଗ ଅଛି । ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ । ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ । ନାଚ, ଗୀତରେ ପ୍ରଶଂସା ମିଳିବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ । ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ । ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ । ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ ।

**କନ୍ୟା:** ବ୍ୟବସାୟରେ ଲାଭ ହେବ । ଆୟଠୁ ଅଧିକ ବ୍ୟୟ କରିବେ । ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ । ନୂଆ କାମ ଆରମ୍ଭ କରିବେ । ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ । ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ । ପାରିବାରିକ ସମସ୍ୟା ସମାଧାନ ହେବ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଭାଇଭଉଣୀଙ୍କଠାରୁ ଉପହାର ପାଇବେ । ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ । ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ । ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ । ଆଇନଜୀବୀଙ୍କୁ ସଫଳତା ମିଳିବ ।


**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ । ସନ୍ତାନ ସୁଖ ପ୍ରାପ୍ତ ହେବ । ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ । ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ । ବିରୋଧୀଙ୍କୁ ସାମ୍ନା କରିବେ । ଚିନ୍ତାଗ୍ରସ୍ତ ରହିବେ । ଜୀବନସାଥୀଙ୍କୁ ମନ କଥା କହିବେ ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । କଳା କ୍ଷେତ୍ରରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ ।

## ଆଜିର ଇତିହାସ

- ୧୯୦୪- ଦିଲ୍ଲୀ-ମୁମ୍ବାଇ ମଧ୍ୟରେ ପ୍ରଥମ କ୍ରସ୍ କଣ୍ଟ୍ରି ମୋଟରକାର୍ ର୍ୟାଲିର ଉଦ୍‌ଘାଟନ ।
- ୧୯୨୫- ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସ୍ଥାପନା ।
- ୧୯୭୮ - ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜେଲ୍‌ରୁ ମୁକ୍ତ ହେଲେ ।
- ୨୦୦୪- ଭାରତ ମହାସାଗରରେ ସୁନାମି ଆସିବା ଯୋଗୁଁ ଶ୍ରୀଲଙ୍କା, ଭାରତ, ଇଣ୍ଡୋନେସିଆ ଏବଂ ଥାଇଲାଣ୍ଡର ପାଖାପାଖି ୨,୩୦,୦୦୦ ଲୋକଙ୍କ ପ୍ରାଣହାନି ।



# ଲିଭର୍ ପାଇଁ କ୍ଷତିକାରକ ସୁଗାର ଫ୍ରି!

ଆଜିକାଲି ଓଜନ ବୃଦ୍ଧି, ମଧୁମେହ ଏବଂ ସ୍ୱାସ୍ଥ୍ୟକୁ ନିୟନ୍ତ୍ରଣରେ ରଖିବା ପାଇଁ ଅଧିକାଂଶ ଲୋକ ସୁଗାର ଫ୍ରି ଏବଂ କମ୍ କ୍ୟାଲୋରି ଯୁକ୍ତ ଖାଦ୍ୟ ଖାଉଛନ୍ତି । ସେହିପରି ଚା' ଏବଂ କଫିରେ ବି ଲୋକେ ଚିନି ବଦଳରେ ସୁଗାର ଫ୍ରି ବ୍ୟବହାର କରୁଛନ୍ତି । କେବଳ ସେତିକି ନୁହେଁ, ସୁଗାର ଫ୍ରି ଚକ୍‌ଲେଟ୍, ମିଠାକୁ ସ୍ୱାସ୍ଥ୍ୟକର ଭାବି ଲୋକେ ଖାଉଛନ୍ତି । ଏଥିରେ ବ୍ୟବହାର ହେଉଥିବା ସର୍ବିଟୋଲ, ସୁକ୍ରାଲୋଜ, ଆସ୍ପଟେମ୍ ସାଧାରଣତଃ ଚିନିଠାରୁ ଉତ୍ତମ ବିକଳ୍ପ ବୋଲି କୁହାଯାଏ । ଏବେ ଏକ ନୂତନ ଗବେଷଣା ଅନୁସାରେ, ସର୍ବିଟୋଲ, ଯାହାକୁ ସ୍ୱାସ୍ଥ୍ୟକର ଭାବି ଲୋକେ ବ୍ୟବହାର କରୁଛନ୍ତି, ଏହା ଶରୀର ମଧ୍ୟକୁ ଯାଇ ଫ୍ରୁକଟୋଜ ଭଳି କାମ କରିଥାଏ । ଫ୍ରୁକଟୋଜ ଲିଭର୍‌କୁ କ୍ଷତି ପହଞ୍ଚାଇବା, ଫ୍ୟାଟି ଲିଭର, ପେଟ ଚର୍ବି ବୃଦ୍ଧି ଭଳି ସମସ୍ୟା ସହିତ ଜଡ଼ିତ । କେବଳ ସେତିକି ନୁହେଁ, ଏହା ଶରୀର ଭିତରକୁ ଯାଇ ହାଇ-ସୁଗାର ଡାଏଟ୍ ଭଳି କ୍ଷତି କରିଥାଏ । ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଗ୍ୟାରି ପ୍ୟାଟିଙ୍କ ସାଇନ୍ସ ସିଗ୍‌ନାଲରେ ପ୍ରକାଶିତ ଏକ ଅଧ୍ୟୟନରୁ ପ୍ରକାଶ ପାଇଛି ଯେ, ସର୍ବିଟୋଲ ଶରୀର ଭିତରେ ପ୍ରାୟ ଫ୍ରୁକଟୋଜ ଭଳି ପ୍ରଭାବ ପକାଏ । ଯେତେବେଳେ ଲିଭର୍‌ରେ ଅଧିକ ପରିମାଣରେ ଫ୍ରୁକଟୋଜ ତିଆରି ହୁଏ, ତାହା କର୍କଟ କୋଷ ତିଆରି କରିବାରେ ସାହାଯ୍ୟ କରେ । ତା'ସହ ଫ୍ରୁକଟୋଜକୁ ଫ୍ୟାଟି ଲିଭର ରୋଗର ମୁଖ୍ୟ କାରଣ ବୋଲି କୁହାଯାଏ । ଏହା ସାରା ବିଶ୍ୱର ୩୦ ପ୍ରତିଶତ ପ୍ରାପ୍ତ ବୟସ୍କଙ୍କୁ ପ୍ରଭାବିତ କରିପାରେ । ସର୍ବିଟୋଲ ମଧ୍ୟ ଲିଭର୍‌ରେ ପହଞ୍ଚି ଫ୍ରୁକଟୋଜ ଭଳି ସମସ୍ୟା ସୃଷ୍ଟି କରିଥାଏ ବୋଲି ଏହି ଅଧ୍ୟୟନ ଚେତାଇ ଦେଇଛି । ସର୍ବିଟୋଲ ଫ୍ରୁକଟୋଜରେ ପରିବର୍ତ୍ତନ ହେଲେ ଏହା ସିଧା ଲିଭର୍‌ରେ ପହଞ୍ଚି ନକରାତ୍ମକ ପ୍ରଭାବ ପକାଇଥାଏ । ଏହା ଚର୍ବି ଜମା ହେବା, ମେଟାବଲିଜିମ୍ ଉପରେ ପ୍ରଭାବ ପକାଇବା ଏବଂ ରକ୍ତ ଶର୍କରାକୁ ନିୟନ୍ତ୍ରଣ ନ କରିବା ଭଳି ସମସ୍ୟା ସୃଷ୍ଟି କରିଥାଏ । ଅନେକ ଭାବନ୍ତି, ସର୍ବିଟୋଲ ଚିନିର ଏକ ସୁରକ୍ଷିତ ବିକଳ୍ପ । ପ୍ରକୃତ କଥା ହେଲା ଏହାକୁ ଅଧିକମାତ୍ରାରେ ସେବନ କରିବା ଦ୍ୱାରା ଦ୍ୱାରା ଫ୍ରୁକଟୋଜ ଭଳି ଶରୀରର କ୍ଷତି କରିପାରେ । ଏଣୁ ଏହାକୁ କିଛି ନିର୍ଦ୍ଦିଷ୍ଟ ମାତ୍ରାରେ ବ୍ୟବହାର କରିବା ଉଚିତ । ଅନ୍ୟପଟେ ସୁଗାର ଫ୍ରି ଚୁଇଙ୍ଗମ, କ୍ୟାଣ୍ଡି, ପ୍ରୋଟିନ ବାର୍ ଭଳି ବହୁତ ଅଧିକ ସୁଗାର ଫ୍ରି ଖାଦ୍ୟ ଖାଇବା ଭଲ ନୁହେଁ । କାରଣ ଏଥିରେ ସର୍ବିଟୋଲ ଅଧିକ ଥାଏ । ଏହାକୁ ଅଧିକ ଖାଇଲେ ଅନ୍ତଃନଳୀ ମଧ୍ୟ ପ୍ରଭାବିତ ହୁଏ । ସେହିପରି ଅଧିକ କାର୍ବୋହାଇଡ୍ରେଟ୍ ଜିନିଷ ଖାଇଲେ ଗ୍ଲୁକୋଜ ଅନ୍ତଃନଳୀରେ ସର୍ବିଟୋଲରେ ପରିଣତ ହୋଇଥାଏ । ଏହାଦ୍ୱାରା ଶରୀରରେ ସର୍ବିଟୋଲ ପରିମାଣ ବଢ଼େ । ଏହା ଶରୀର ଲାଗି କ୍ଷତିକାରକ ହୋଇଥାଏ ।

# କିଆରାଙ୍କ 'ଟକ୍ସିକ୍' ଲୁକ୍



ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଯଶ୍‌ଙ୍କ ଫିଲ୍ମ 'ଟକ୍ସିକ୍: ଏକ ଫ୍ୟାରିଟେଲ୍ ଫର୍ ଗ୍ରୋନ୍‌ଅପ୍ସ'କୁ ନେଇ ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି । ସାମାଜିକ ଗଣମାଧ୍ୟମରେ ଏହି ଫିଲ୍ମକୁ ନେଇ ମଧ୍ୟ ବେଶ୍ କ୍ରେଜ୍ ରହିଛି । କିଛି ଦିନ ପୂର୍ବରୁ ଏଥିରେ ଯଶ୍‌ଙ୍କ ଲୁକ୍ ସାମ୍ନାକୁ ଆସିଥିଲା । ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । ଇତିମଧ୍ୟରେ ଏଥିରୁ କିଆରାଙ୍କ ଲୁକ୍ ସାମ୍ନାକୁ ଆସିଛି । ମା' ହେବା ପରେ କିଆରା 'ଟକ୍ସିକ୍' ଫିଲ୍ମ ମାଧ୍ୟମରେ ପରଦାକୁ ଫେରିବେ । ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଜାରି କରାଯାଇଥିବା ଭିଡିଓରେ କିଆରା ଦମ୍‌ଦାର ଅବତାରରେ ନଜର ଆସିଛନ୍ତି । ଏଥିରେ କିଆରା କଳା ରଙ୍ଗର ଏକ ଅଫ୍-ସୋଲଡର୍ ଗାଉନ୍ ପିନ୍ଧି ଡ୍ୟାନ୍ସଫ୍ଲୋର୍‌ର ସ୍ପଟ୍‌ଲାଇଟ୍ ସମ୍ମୁଖରେ ଠିଆ ହୋଇଥିବାର ଦେଖାଯାଇଛନ୍ତି । ତାଙ୍କ ଆଖିରୁ ଲୁହ ବହୁଥିବାର ଦେଖାଯାଉଛି । ସେ କିଛି ଭାବନାରେ ବୁଡ଼ି ରହିଥିବାର ନଜର ଆସିଛନ୍ତି । ଗୀତୁ ମୋହନଦାସ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ଯଶ୍ ଓ କିଆରାଙ୍କ ବ୍ୟତୀତ ଏଥିରେ ତାରା ସୁତାରିୟା, ହୁମା କ୍ୟୁରୋସି, ରୁକ୍ମଣୀ ବସନ୍ତ, ଅକ୍ଷୟ ଓବରୟ ପ୍ରମୁଖ ନଜର ଆସିବେ । ଏହାକୁ ଏକସଙ୍ଗେ କନ୍ନଡ଼ ଓ ଇଂରାଜୀ ଭାଷାରେ ସୁଟ୍ କରାଯାଇଛି । ଏହା ଇଦ୍ ଅବସରରେ ଆସନ୍ତା ମାର୍ଚ୍ଚ ୧୯ ରେ ଆସିବ । ଛଅଟି ଭାଷାରେ ଏହା ରିଲିଜ୍ ହେବ । ତେବେ ରଣବୀର ସିଂହଙ୍କ 'ଧୁରନ୍ଧର ୨' ଏହି ଦିନ ରିଲିଜ୍ ହେଉଥିବାରୁ ଏହି ଦୁଇଟି ଫିଲ୍ମ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଆଶା କରାଯାଉଛି ।

# ପର୍ବତାରୋହୀଙ୍କ ଦର୍ପରେ ଆବର୍ଜନାମୟ ଏଭରେଷ୍ଟ




ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ ଏଭରେଷ୍ଟରେ ଏବେ କୁଢ଼ କୁଢ଼ ଅଳିଆ ଆବର୍ଜନା ଦେଖାଯାଉଛି । ପ୍ରତ୍ୟେକ ପର୍ବତାରୋହୀ ଜୀବନରେ ଅନ୍ତତଃ ଥରେ ମାଉଣ୍ଟ ଏଭରେଷ୍ଟ ଆରୋହଣ ପାଇଁ ସ୍ୱପ୍ନ ଦେଖିଥାନ୍ତି । ହେଲେ ପର୍ବତାରୋହୀମାନେ ଏଠାରେ ପହଞ୍ଚିବା ପରେ ଛାଡ଼ି ଆସୁଛନ୍ତି କୁଢ଼ କୁଢ଼ ଅଳିଆ । ଯାହାକୁ ନେଇ ଏବେ ଚିନ୍ତାରେ ପଡିଛନ୍ତି ପରିବେଶବିତ୍ । ପର୍ବତାରୋହଣବେଳେ ବ୍ୟବହାର ହେଉଥିବା ସାମଗ୍ରୀ, ଖାଲି ଅକ୍ସିଜେନ୍ ସିଲିଣ୍ଡର ଏବଂ ମାନବିକ ଆବର୍ଜନା ଏଭରେଷ୍ଟ ରାସ୍ତାରେ ପ୍ରଚୁର ମାତ୍ରାରେ ପଡ଼ିରହିଛି । ଏଭରେଷ୍ଟ ଟୁଡେ ନାମକ ପ୍ଲାଟଫର୍ମ ଦ୍ୱାରା ସେୟାର୍ କରାଯାଇଥିବା ଏସମ୍ପର୍କିତ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ତା'ସହ ଏହି ଭିଡିଓକୁ ଦେଖି ସମସ୍ତେ କ୍ଷୋଭ ପ୍ରକାଶ କରିଛନ୍ତି । ଉକ୍ତ ଭିଡିଓରେ ଏଭରେଷ୍ଟର ଧଳା ବରଫ ଆସ୍ତରଣ ମଧ୍ୟରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଗଦା ହୋଇଥିବାର ଦେଖାଯାଇଛି । ପଲିଥିନ୍, ପୁରୁଣା କପଡ଼ା, ଖାଦ୍ୟ ପ୍ୟାକେଟ୍, ଖାଲି ଅକ୍ସିଜେନ୍ ସିଲିଣ୍ଡର ଏବଂ ଫଟା ତମ୍ବୁ ବରଫ ଉପରେ ପଡ଼ିଥିବାର ଭିଡିଓରେ ଦେଖାଯାଇଛି । କୁହାଯାଉଛି ଏହି ଭିଡିଓଟି ୨୦୨୪ ମସିହାର । ହେଲେ ଏବେବି ଏହାର ସ୍ଥିତି ସେମିତି ରହିଛି ବୋଲି ଭିଡିଓରେ କୁହାଯାଇଛି । ଏହାର ଶିଖରରେ ତିଆରି ହୋଇଥିବା କ୍ୟାମ୍ପଗୁଡ଼ିକରେ ଅଧିକ ମାତ୍ରାରେ ଅଳିଆ ଆବର୍ଜନା ଜମା ହୋଇଛି । ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି, ପ୍ରକୃତି ପ୍ରତି ଅବହେଳା ଏବେ ବିଶ୍ୱର ସର୍ବୋଚ୍ଚ ଶିଖରକୁ ମଧ୍ୟ ଛାଡ଼ିନାହିଁ । ଏହି ଭିଡିଓରେ କୁହାଯାଇଛି, ଏହାକୁ ସଫାସୁତୁରା ରଖିବା ଏକ ବିକଳ୍ପ ନୁହେଁ, ବରଂ ଲୋକଙ୍କର ଦାୟିତ୍ୱ । ଏହା ପ୍ରକୃତି ଏବଂ ଭବିଷ୍ୟତ ପିଢ଼ି ପାଇଁ ଜରୁରି । ଏହାସହ ଏନେଇ କଡ଼ା ନିୟମ, ସ୍ୱଚ୍ଛତାର ସହ ପର୍ବତାରୋହଣ ଏବଂ ଅଳିଆ ନିୟନ୍ତ୍ରଣ ପାଇଁ ଭିଡିଓରେ ଦାବି କରାଯାଇଛି । ଅନ୍ୟପଟେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି ।

## ସଞ୍ଜୀବନୀ

# ମଧୁମେହ ରୋଗୀଙ୍କ ପାଇଁ ଚାଲିବା ଭଲ

**ଜୀବନଶୈଳୀରେ ପରିବର୍ତ୍ତନ ଓ ଖରାପ ଖାଦ୍ୟାଭ୍ୟାସ କାରଣରୁ ସମ୍ପ୍ରତି ଘରେ ଘରେ ମଧୁମେହ ରୋଗୀ । ଶରୀରର ରକ୍ତ ଶର୍କରା ବୃଦ୍ଧି ଯୋଗୁଁ ବାରମ୍ବାର ପରିସ୍ରା ଲାଗିବା, ଶୋଷ ଲାଗିବା ଆଦି ଲକ୍ଷଣ ଦେଖାଯାଏ । ମଧୁମେହ ପୀଡ଼ିତ ରକ୍ତ ଶର୍କରା ନିୟନ୍ତ୍ରଣ ରଖିବାକୁ ଖାଦ୍ୟପେୟରେ ସତର୍କତା ଅବଲମ୍ବନ କରନ୍ତି । ଖୁସିର ବିଷୟ, ଚାଲିବା ଦ୍ୱାରା ରକ୍ତରେ ଶର୍କରା ନିୟନ୍ତ୍ରିତ ରହି ପାରିବ । ତେଣୁ ମଧୁମେହ ପୀଡ଼ିତ ନିଜ ସ୍ୱାସ୍ଥ୍ୟସ୍ଥିତି ଆଧାରରେ ଚାଲିବା ଜରୁରି ।**




ମଧୁମେହ ପୀଡ଼ିତ ଔଷଧ ସେବନ ଓ ଡାଏଟକୁ ଅନୁକରଣ କରିବା ସହ ଶାରୀରିକ ଭାବେ ସକ୍ରିୟ ରହିବା ଆବଶ୍ୟକ । ଏହାଦ୍ୱାରା ରକ୍ତ ଶର୍କରା, ରକ୍ତଚାପ, ଏବଂ ହୃଦ୍‌ରୋଗ ଆଶଙ୍କା କମ୍ ହୁଏ । ରକ୍ତ ଶର୍କରା ନିୟନ୍ତ୍ରଣ ପାଇଁ ପ୍ରତିଦିନ ୧୦ହଜାର ପାଦ ଚାଲିପାରିବେ । ଯଦି ସେତିକି ବାଟ ଚାଲିବା ଦ୍ୱାରା ଥକ୍କାପଣ ବା ଦୁର୍ବଳ ଅନୁଭବ କରୁଥାନ୍ତି ତେବେ ଯୋଗ ଓ ବ୍ୟାୟାମ କରିପାରିବେ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଦିନକୁ ଅତିକମରେ ୩୦ ମିନିଟ୍ ହିସାବରେ ସପ୍ତାହରେ ପାଞ୍ଚ ଦିନ ଚାଲିବେ । ୩ରୁ ୪ କିମି ଚାଲିବା ବି ସ୍ୱାସ୍ଥ୍ୟ ପକ୍ଷେ ହିତକର । ଖାଦ୍ୟ ଗ୍ରହଣ ପରେ ଚାଲିବା ଜରୁରି ।

ରାତ୍ରିଭୋଜନ ପରେ ୧୫ରୁ ୩୦ ମିନିଟ୍ ଚାଲିଲେ ରକ୍ତ ଶର୍କରା ହ୍ରାସ ପାଏ । ଯଦି ଇନ୍‌ସୁଲିନ୍ ନେଉଥାନ୍ତି କିମ୍ବା ପୂର୍ବାପେକ୍ଷା ରକ୍ତ ଶର୍କରା କମ୍ ଥିଲେ ସକାଳୁ ଚାଲିବା ପୂର୍ବରୁ ହାଲୁକା ଜଳଖିଆ ଗ୍ରହଣ କରନ୍ତୁ । ବ୍ରିସ୍କ ୱାକ୍ ତଥା ଜୋର ଜୋର ଚାଲିବା, ଯୋଗ, ପ୍ରାଣାୟମ ଆଦି କରିବା ହିତକର ।

# କାଶର ଆୟୁର୍ବେଦ ଉପଚାର

**ଶୀତଋତୁରେ କମ୍ ତାପମାତ୍ରା ଯୋଗୁଁ ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଏ । ନାକରୁ ପାଣି ବୋହିବା, କାଶ, ତଣ୍ଟି ଦରଜ, ଜ୍ୱର ଆଦି ଲକ୍ଷଣ ଦେଖାଯାଏ । ଏହା ଶ୍ୱସନ ପ୍ରକ୍ରିୟାକୁ ସଂକ୍ରମିତ କରିଥାଏ । ତେଣୁ ଶୀତଦିନେ ଲଗାତାର କାଶ ହେଉଥିଲେ ଆୟୁର୍ବେଦ ଉପଚାର ଆପଣାଇ ପାରିବେ ।**



- ହଳଦୀରେ ଆଣ୍ଟିବାୟୋଟିକ୍ ଓ ଆଣ୍ଟି ଇନ୍‌ଫ୍ଲାମେଟରୀ ଗୁଣ ରହିଛି । ତେଣୁ ନଖଉଷୁମ କ୍ଷୀରରେ ହଳଦୀ ମିଶାଇ ପିଇପାରିବେ । ଏହା କାଶରୁ ଆରାମ ଦିଏ ।
- ଏକ ଚାମଚ ଅଦାରସରେ ଅଧା ଚାମଚ ମହୁ ମିଶାଇ ଦିନକୁ ୪ରୁ ୫ଥର ସେବନ କଲେ କଫ ଜନିତ ସମସ୍ୟାରୁ ଆରାମ ଦିଏ । ମୁଲେଠି ବା ଯଷ୍ଟିମଧୁ କଳରେ ଜାକି ପାରିବେ । ୯୦% ମିଶିରି ଏବଂ ୧୦% ଗୋଲମରିଚକୁ ଗୁଣ୍ଡ କରି ଦିନରେ ଦୁଇରୁ ତିନିଥର ଚିମୁଟିଏ ଲେଖାଏଁ ସେବନ କରିବା ଆବଶ୍ୟକ । ତୁଳସୀପତ୍ର ରସ ମହୁ, ଅଦାମହୁ ଆଦି ବ୍ୟବହାର କରାଯାଇପାରେ ।
- ତ୍ରିକଟୁ ଚୂର୍ଣ୍ଣ ଏକ ଗ୍ରାମ ସହ ଚାମଚେ ମହୁ ସହ ମିଶାଇ ବୟସ୍କ ବ୍ୟକ୍ତି ସେବନ କରିପାରିବେ । ଚିକିତ୍ସକଙ୍କ ପରାମର୍ଶରେ ଔଷଧ ସେବନ କରିବା ଆବଶ୍ୟକ ।

# ଡିମେନ୍‌ସିଆ ପାଇଁ ମ୍ୟାଗ୍ନେସିୟମ୍

**ଡିମେନ୍‌ସିଆ ବୟସ୍କଗତ ରୋଗ । ମୁଖ୍ୟତଃ ମସ୍ତିଷ୍କ କୋଷ ନଷ୍ଟ ହେଲେ ସ୍ମୃତିଶକ୍ତି ହ୍ରାସ ପାଏ । ନିଷ୍ପତ୍ତି ନେବାର କ୍ଷମତା କମିଯାଏ । ଛୋଟ ଛୋଟ କଥା ମନେ ନ ରଖି ପାରିବା ଡିମେନ୍‌ସିଆ (ମନୋଭ୍ରଂଶ)ର ଲକ୍ଷଣ ହୋଇଥାଏ । ଅନୁସନ୍ଧାନ ଦ୍ୱାରା ପ୍ରମାଣିତ ଯେ ନିୟମିତ ବ୍ୟାୟାମ, ଶୋଇବା , କମ୍ ଚିନ୍ତା, ଖାଦ୍ୟପେୟ ଆଦି ଅଭ୍ୟାସ ଦ୍ୱାରା ଏହି ସମସ୍ୟାକୁ ହ୍ରାସ କରାଯାଇପାରେ । ତେଣୁ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ଦୈନିକ ପୁଷ୍ଟିକର ଖାଦ୍ୟ ସହିତ ମ୍ୟାଗ୍ନେସିୟମ୍ ସେବନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।**



ଜ୍ଞାନଗତ କାର୍ଯ୍ୟର ଉନ୍ନତି ପାଇଁ ଦୈନିକ ଭିଟାମିନ୍ ଔଷଧ ଉପରେ ନିର୍ଭର ନ କରି ଖାଦ୍ୟପେୟକୁ ଗୁରୁତ୍ୱ ଦେବା ଜରୁରି । କାରଣ ସବୁଜ ପରିବା, ଫଳ, ସାମୁଦ୍ରିକ ମାଛ ଆଦି ସେବନ ଶରୀରକୁ ଶକ୍ତି ଦିଏ । ମସ୍ତିଷ୍କ କୋଷର ସନ୍ତୁଳନ ବଜାୟ ରଖେ । ଏହାର ଅଭାବରୁ ମସ୍ତିଷ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ । ଯାହାଦ୍ୱାରା ଡିମେନ୍‌ସିଆ ପରି ସମସ୍ୟା ହୋଇଥାଏ । ଏନେଇ ଅଷ୍ଟ୍ରେଲିଆନ ନ୍ୟାସ୍‌ନାଲ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟବିଶେଷଜ୍ଞମାନେ ୬୦୦୦ ପ୍ରାପ୍ତ ବୟସ୍କଙ୍କୁ ନେଇ ଏକ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏଥିରେ ଯେଉଁମାନେ ପ୍ରତିଦିନ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସଠିକ୍ ମାତ୍ରାର ମ୍ୟାଗ୍ନେସିୟମଯୁକ୍ତ ଖାଦ୍ୟ ବା ଔଷଧ ସେବନ କରୁଥିଲେ ସେମାନଙ୍କର ମସ୍ତିଷ୍କ କାର୍ଯ୍ୟକ୍ଷମତା ମ୍ୟାଗ୍ନେସିୟମ କମ୍ ଗ୍ରହଣ କରୁଥିବା ଲୋକଙ୍କ ତୁଳନାରେ ବହୁତ ଭଲ ଥିଲା । ନିଜ ବୟସ ତୁଳନାରେ ସେମାନେ ଯୁବା ଥିଲେ । ମହିଳାମାନଙ୍କ କ୍ଷେତ୍ରରେ ସକାରାତ୍ମକ ଫଳ ଦେଖା ଯାଇଥିଲା । ଯଦିଓ ମ୍ୟାଗ୍ନେସିୟମ ଡିମେନସିଆର ନିର୍ଦ୍ଦିଷ୍ଟ ଔଷଧ ନୁହେଁ, ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଜଣେ ପ୍ରତିଦିନ ସବୁଜ ପରିବା, ପାଳଙ୍ଗ, ବିନ୍ସ ଡାର୍କ ଚକୋଲେଟ, ସାମୁଦ୍ରିକ ମାଛ, ଅଳସୀ, ଡ୍ରାଏଫ୍ରୁଟ ତଥା ମ୍ୟାଗ୍ନେସିୟମଯୁକ୍ତ ଖାଦ୍ୟ ସେବନ କରିବା ଦ୍ୱାରା ମସ୍ତିଷ୍କ ସ୍ୱାସ୍ଥ୍ୟ ଭଲ ରୁହେ । ଡିମେନସିଆ ବିପଦ ହ୍ରାସ ହୋଇ ପାରେ । ନିଦ ଭଲ ହୋଇଥାଏ । ମ୍ୟାଗ୍ନେସିୟମ ମସ୍ତିଷ୍କର ବୟସ ବୃଦ୍ଧି ପ୍ରକ୍ରିୟାକୁ ଧୀମା କରିପାରେ । ମସ୍ତିଷ୍କ ସଙ୍କୋଚନକୁ ବି ହ୍ରାସ କରିପାରେ । ସ୍ମୃତିଶକ୍ତି ବୃଦ୍ଧି କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମସ୍ତିଷ୍କକୁ ଶାନ୍ତ ରଖେ । ମସ୍ତିଷ୍କର କ୍ଷମତାକୁ ବଢ଼ାଇ ପାରେ । ଚିନ୍ତା ହ୍ରାସ ଯୋଗୁଁ ଡିମେନସିଆ ବିପଦ ହ୍ରାସ ପାଇ ପାରେ ।

## ସୁସ୍ଥ ମନ ସୁସ୍ଥ ଶରୀର

# ଦେହକୁ ହିତ ଆପେଣ୍ଡିକ୍ସ

**ଆପେଣ୍ଡିକ୍ସ ଏକ କ୍ଷୁଦ୍ର ଅଙ୍ଗ । ଏହା ଅନ୍ତଃନଳୀ ସହିତ ଲାଗି କରି ଥାଏ । ଏହା ଅନେକ ତନ୍ତୁ ଦ୍ୱାରା ଗଠିତ । ବଡ଼ ଓ ଛୋଟ ଅନ୍ତଃମିଳନ ସ୍ଥଳରେ ଆପେଣ୍ଡିକ୍ସ ଏକ ଟ୍ୟୁବ୍ ଭାବେ ଥାଏ । ଅନ୍ତଃନଳୀର ଜୀବାଣୁ ଆପେଣ୍ଡିକ୍ସ ଭିତରକୁ ପ୍ରବେଶ କଲେ ଏହା ସଂକ୍ରମିତ ହୋଇଥାଏ । ଏହାକୁ ଆପେଣ୍ଡିସାଇଟ୍‌ସ କୁହଯାଏ । ସଂକ୍ରମିତ ଆପେଣ୍ଡିକ୍ସକୁ ଡାକ୍ତର ସର୍ଜରୀ କରି ଶରୀରରୁ ବାହାର କରିଦିଅନ୍ତି । ହେଲେ ଆପେଣ୍ଡିକ୍ସ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥାଏ ।**



ଆପେଣ୍ଡିକ୍ସ ହିତକର ଜୀବାଣୁଙ୍କୁ ସୁରକ୍ଷିତ ରଖିଥାଏ । ଝାଡ଼ା, ବାନ୍ତି ତଥା ବିଭିନ୍ନ ପେଟଜନିତ ସଂକ୍ରମଣ ସମସ୍ୟା ପରେ ଏହା ଅନ୍ତଃର ସ୍ୱାସ୍ଥ୍ୟ ଉନ୍ନତି କରେ । ଅନ୍ତଃନଳୀରେ ହିତକର ଜୀବାଣୁ ବଢ଼ାଇବାରେ ସାହାଯ୍ୟ କରେ । ଆପେଣ୍ଡିକ୍ସ ଭଲ ଜୀବାଣୁଙ୍କୁ ସୁରକ୍ଷିତ ରଖେ ।

**ପାଚନତନ୍ତ୍ର ସୁସ୍ଥ ରହେ:** ଖାଦ୍ୟ ହଜମ କରିବାରେ ଆପେଣ୍ଡିକ୍ସ ସିଧାସଳଖ ସାହାଯ୍ୟ ନ କଲେ ବି ଏହା ଅନ୍ତଃନଳୀରେ ଭଲ ଜୀବାଣୁଙ୍କୁ ସୁରକ୍ଷିତ କରୁଥିବାରୁ ପାଚନତନ୍ତ୍ର ସୁସ୍ଥ ରହିଥାଏ । ଖାଦ୍ୟ ହଜମ ହୋଇପାରେ ।

**ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି:** ଆପେଣ୍ଡିକ୍ସରେ ଲିମ୍ଫୋଏଡ ଟିସୁ ଥାଏ । ଏହା ରୋଗପ୍ରତିରୋଧକ କୋଷ ଏବଂ ଆଣ୍ଟିବଡ଼ି କ୍ଷରଣରେ ସାହାଯ୍ୟ କରିଥାଏ । ସଂକ୍ରମଣ ସହିତ ଲଢ଼େଇ କରିବାରେ ସାହାଯ୍ୟ କରେ ।

## ସାନ୍ତାବେଶରେ ବଡ଼ଦିନ ପାଳିଲେ ଯୁବି-ହାଜେଲ୍

ଚଣ୍ଡିଗଡ଼, ୨୫ ।୧୨ (ଏଜେନ୍ସି): ପବିତ୍ର ବଡ଼ଦିନ ଅବସରରେ ପୂର୍ବତନ ତାରକା କ୍ରିକେଟର୍ ଯୁବରାଜ ସିଂହ ପତ୍ନୀ ତଥା ବ୍ରିଟିଶ ମଡେଲ ହାଜେଲ କିଚ୍‌ଙ୍କ ସହ ଧୁମ୍‌ଧାମରେ ଖ୍ରିଷ୍ଟମାସ ପାଳନ କରିଛନ୍ତି । ଏହାର କିଛି ଫଟୋକୁ ଯୁବି ସାମାଜିକ ଗଣମାଧ୍ୟମରେ ଶେୟାର କରିଛନ୍ତି । ଯେଉଁଥିରେ ଯୁବିଙ୍କ ସହ ହାଜେଲ ଏବଂ ତାଙ୍କ ପୁଅ ଓରିଓନ୍ ଓ ଝିଅ ଔରାଙ୍କ ସାନ୍ତା କ୍ୟାପ୍ ପିରିଧାନ କରି ଖ୍ରିଷ୍ଟମାସ ଟ୍ରି ନିକଟରେ ବସିଥିବା ଦେଖିବାକୁ ମିଳିଛି । ସେହିଭଳି ସଞ୍ଜୁ ସାମସନ, ଭାରତୀୟ ମହିଳା କ୍ରିକେଟ୍ ଦଳର ଜେମିମା ରୋଡ୍ରିଗ୍ସେଜ, ସ୍ମୃତି ମନ୍ଧାନା ପ୍ରମୁଖ ମଧ୍ୟ ବଡ଼ଦିନକୁ ଉତ୍ସାହର ସହ ସେଲିବ୍ରେସନ କରିଛନ୍ତି । ମହାନ ଫୁଟ୍‌ବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ, ୱେନ ରୁନୀ ମଧ୍ୟ ପରିବାର ଗହଣରେ ବଡ଼ଦିନକୁ ପାଳନ କରିଥିବା ଦେଖିବାକୁ ମିଳିଥିଲା ।



## ବ୍ୟାଟିଂ ଅଭ୍ୟାସ କଲେ ଆୟର

ମୁମ୍ବଇ, ୨୫।୧୨ (ଏଜେନ୍ସି): ଆଘାତ ପାଇବା ପରେ ସୁସ୍ଥ ହୋଇଥିବା ଭାରତୀୟ ଦିନିକିଆ ଦଳର ଉପଅଧିନାୟକ ଶ୍ରେୟସ ଆୟର ଗତକାଲି ଏଠାରେ ବ୍ୟାଟିଂ ଅଭ୍ୟାସ କରିଛନ୍ତି । ସେ ଏକ ଘଣ୍ଟାଯାଏ ଏଠାରେ ବ୍ୟାଟିଂ ଅଭ୍ୟାସ କଲାବେଳେ କୌଣସି ଅସୁବିଧାର ସମ୍ମୁଖୀନ ହୋଇନଥିଲେ କିମ୍ବା ଯନ୍ତ୍ରଣା ଅନୁଭବ କରି ନ ଥିଲେ । ଏହା ପରେ ସେ ଆଜି ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ପରବର୍ତ୍ତୀ ଫିଟ୍‌ନେସ୍ ପାଇବା ଲାଗି ଯାଇଛନ୍ତି । ଏଠାରେ ସେ କେତେ ସୁସ୍ଥ ହୋଇଛନ୍ତି ତାହାର ପ୍ରମାଣପତ୍ର ପାଇବା ପରେ ତାଙ୍କର ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିବା ସମ୍ଭବ କି ନୁହେଁ ସ୍ପଷ୍ଟ ହେବ । ଅଷ୍ଟ୍ରେଲିଆରେ ଖେଳୁଥିଲାବେଳେ ଏକ ଚମତ୍କାର କ୍ୟାଚ୍ ଧରିବାକୁ ଯାଇ ତଳେ ପଡ଼ିଗଲାପରେ ପେଟରେ ଯନ୍ତ୍ରଣା ପାଇଥିଲେ । ଏହାପରେ ଚିକିତ୍ସା ଲାଗି ସ୍ୱଦେଶ ଫେରିଥିଲେ । ଏବେ ବିଜୟ ହଜାରେ ଟ୍ରଫି ଚାଲିଛି ଓ ଜାନୁଆରୀ ୧୧ରୁ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଆରମ୍ଭ ହେବ । ଉଭୟ ଟୁର୍ଣ୍ଣାମେଣ୍ଟରେ ଖେଳିବା ଲାଗି ତାଙ୍କ ନିକଟରେ ସୁଯୋଗ ରହିଛି । କିନ୍ତୁ ଏ ସମ୍ପର୍କରେ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଥିବା ଡାକ୍ତରମାନେ ଚୂଡାନ୍ତ ନିଷ୍ପତ୍ତି ନେବେ ।

### ଶ୍ରୀଲଙ୍କା ବିପକ୍ଷ ତୃତୀୟ ଟି-୨୦ ମୁକାବିଲା ଆଜି

# ସିରିଜ୍ କବ୍‌ଜା ଲକ୍ଷ୍ୟରେ ଭାରତୀୟ ମହିଳା

ତିରୁଅନନ୍ତପୁରମ,୨୫।୧୨(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ମହିଳା ଟି-୨୦ ସିରିଜ୍‌ର ତୃତୀୟ ମୁକାବିଲା ଆସନ୍ତାକାଲି ବା ଶୁକ୍ରବାର ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ । ଏହା ପୂର୍ବରୁ ବିଶାଖାପାଟଣାରେ ଖେଳାଯାଇଥିବା ପ୍ରଥମ ଦୁଇଟି ମ୍ୟାଚ୍‌ରେ ଭାରତ ପ୍ରାଧାନ୍ୟ ବିସ୍ତାର କରି ଜିତିଥିଲା । ଦଳ ୨-୦ରେ ଆଗୁଆ ରହିଥିଲାବେଳେ ଏଠାରେ ତୃତୀୟ ମ୍ୟାଚ୍ ଜିତି ଆଗୁଆ ସିରିଜ୍ କବ୍‌ଜା ଲକ୍ଷ୍ୟ ନେଇ ଆସନ୍ତାକାଲି ପଡ଼ିଆକୁ ଓହ୍ଲାଇବ । ପ୍ରଥମ ଦୁଇଟି ମ୍ୟାଚ୍‌ରେ ବ୍ୟାଟିଂ, ବୋଲିଂରେ ପ୍ରଭାବ ବିସ୍ତାର କରିଥିବା ଭାରତ ଏଠାରେ ମଧ୍ୟ ବିଜୟୀ ହେବ ବୋଲି ଆଶା କରିବା ସ୍ୱାଭାବିକ୍ । ଏହି ମ୍ୟାଚ୍‌ଦ୍ୱୟରେ ଭାରତର ଶାଣିତ ବୋଲିଂକୁ ଶ୍ରୀଲଙ୍କା ବ୍ୟାଟର ମୁକାବିଲା କରିପାରି ନ ଥିଲେ । ଉଭୟ ମ୍ୟାଚ୍‌ରେ ରନ୍ ଚେଜ୍‌ରେ ଭାରତର ଟପ୍ ଅର୍ଡର ଅତି ସହଜରେ ଟାର୍ଗେଟକୁ ହାସଲ କରିନେଇଥିଲେ । ପ୍ରଥମ ମ୍ୟାଚ୍‌ରେ ଜେମିମା ରୋଡ୍ରିଗ୍ସେଜ୍ ଓ ଦ୍ୱିତୀୟ ମ୍ୟାଚ୍‌ରେ ଶେଫାଳି ବର୍ମାଙ୍କ ଅର୍ଦ୍ଧଶତକ ଭାରତକୁ ସହଜ ବିଜୟ ପ୍ରଦାନ କରିଥିଲା । ଫିଲ୍ଡିଂରେ ଭାରତ ପ୍ରଥମ ମ୍ୟାଚ୍‌ରେ ୫ଟି କ୍ୟାଚ୍ ହାତଛଡ଼ା କରିଥିଲେ ମଧ୍ୟ ଦ୍ୱିତୀୟ ମ୍ୟାଚ୍‌ରେ ୩ଜଣ ଖେଳାଳିଙ୍କୁ ରନ୍‌ଆଉଟ କରି ଭରଣା କରିନେଇଛନ୍ତି । ଏଭଳି ସ୍ଥିତିରେ ଭାରତ ଯେ ଆସନ୍ତାକାଲିର ମୁକାବିଲାକୁ ସହଜରେ ଜିତିବ ଏଭଳି ଆଶା ପୋଷଣ କରାଯାଇପାରେ ।

ଅନ୍ୟପକ୍ଷରେ ଶ୍ରୀଲଙ୍କା ଦଳ ଅନେକ ନୂଆ ଖେଳାଳିଙ୍କୁ ନେଇ ସିରିଜ୍ ଖେଳିବାକୁ ଆସିଛି । ନୂଆ ଓ ପୁରୁଣା ଖେଳାଳିଙ୍କ ମଧ୍ୟରେ ସମନ୍ୱୟ ହୋଇନାହିଁ । ଯାହା ଫଳରେ ଏମାନେ ମିଳିତଭାବେ ଲଢୁଆ ଖେଳ ପ୍ରଦର୍ଶନ କରିପାରି ନାହାଁନ୍ତି । କୁହାଯାଏ ଭେନ୍ୟୁ ବଦଳିଲେ ଭାଗ୍ୟ ମଧ୍ୟ ପରିବର୍ତ୍ତନ ହୋଇଥାଏ । ସିରିଜ୍‌ର ପ୍ରଥମ ୨ଟି ମ୍ୟାଚ୍ ବିଶାଖାପାଟଣାରେ ଖେଳାଯାଇଥିଲାବେଳେ ଶ୍ରୀଲଙ୍କା ଉଭୟ ମ୍ୟାଚ୍‌ରେ ଶୋଚନୀୟ ପରାଜୟ ବରଣ କରିଥିଲା । ଏବେ ପରବର୍ତ୍ତୀ ୩ଟି ମ୍ୟାଚ୍ ତିରୁଅନନ୍ତପୁରମରେ ଖେଳାଯିବ । ଏଠାରେ ଶ୍ରୀଲଙ୍କା ଲଢ଼େଇ କରିବ ବୋଲି ଆଶା କରାଯାଉଛି । ଦଳର ପ୍ରଥମ ୪ଜଣ ବ୍ୟାଟରଙ୍କୁ ବାଦ୍ ଦେଲେ ଅନ୍ୟ କେହି ଭଲ ଆରମ୍ଭ କରିପାରି ନାହାନ୍ତି । ଭିଷ୍ମି ଗୁଣରତ୍ନେ, ଚାମରି ଆଟାପାଟୁ, ହାସିନୀ ପରେରା, ହର୍ଷିତା ସମରବିକ୍ରମ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଭଲ ଆରମ୍ଭ କରିଥିଲେ । କିନ୍ତୁ ତାହାକୁ ବଡ଼ ସ୍କୋରରେ ପରିଣତ କରିବାରେ ଅସମର୍ଥ ହୋଇଥିଲେ । ବୋଲରମାନେ ଆଦୌ ପ୍ରଭାବ ପକାଇ ପାରି ନାହାନ୍ତି । ଏଣୁ ଏହି ମ୍ୟାଚ୍‌କୁ କିପରି ଦଳ ଜିତିବ ତାହାକୁନେଇ ଯୋଜନା ଚାଲିଛି । ଗତ ୧୧ଟି ମ୍ୟାଚ୍‌ରେ ଭାରତ ୯ଟିରେ ବିଜୟୀ ହୋଇଛି । ଶେଷଥର ୨୦୨୪ ଜୁଲାଇରେ ଶ୍ରୀଲଙ୍କା ବିଜୟୀ ହୋଇଥିଲା । ଏଥର ଦଳ ପୁଣିଥରେ ବିଜୟୀ ହେବ ବୋଲି ଆଶା କରିଛି ।





ସାନ୍ତାବେଶରେ ଜେମିମା ଓ ମନ୍ଧାନା

**ଖେଳ ଆରମ୍ଭ : ରାତି ୭ଟା**

**ପ୍ରସାରଣ : ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

### ଖେଳାଳି ଦଳ

**ଭାରତ :** ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜ୍, ହରମନପ୍ରୀତ୍ କୌର (ଅଧିନାୟିକା), ଦୀପ୍ତି ଶର୍ମା, ସ୍ନେହ ରାଣା, ରିଚା ଘୋଷ ଓ ଜି କମଳିନୀ (ଉଭୟେ ୱିକେଟରକ୍ଷକ), ରେଣୁକା ସିଂ ଠାକୁର, ଅରୁନ୍ଧତି ରେଡ୍ଡୀ, କ୍ରାନ୍ତି ଗୌଡ଼, ଶ୍ରୀ ଚରଣି, ବୈଷ୍ଣବୀ ଶର୍ମା, ହର୍ଲିନ ଦେଓଲ, ଅମନଜୋତ କୌର ।

**ଶ୍ରୀଲଙ୍କା:** ଚାମରି ଆଟାପାଟୁ (ଅଧିନାୟିକା), ଭିଷ୍ମି ଗୁଣରତ୍ନେ, ହାସିନୀ ପରେରା, ହର୍ଷିତା ସମରବିକ୍ରମ, ନୀଳାକ୍ଷିକା ଡି ସିଲ୍‌ଭା, କାଭିଶା ଦିଲହରୀ, ଇମେଶ ଦୁଲାନୀ, କୌଶିନର ନୁଥ୍ୟାଙ୍ଗନା, ମାଲସା ସେହାନୀ, ଇନୋକା ରଣବୀରା, ଶାସିନର ଗିମାନୀ, ନିମେଶା ମଦୁଶାନୀ, କାବ୍ୟା କାଭିଣ୍ଡି, ରଶ୍ମିକା ସେୱାଣ୍ଡି, ମାଲକି ମଦାରା ।

## ବିଜୟ ହଜାରେ ଟ୍ରଫି / ଗୋଟିଏ ଦିନରେ ରେକର୍ଡ ୨୨ ଶତକ

ନୂଆଦିଲ୍ଲୀ, ୨୫ ।୧୨ (ଏଜେନ୍ସି): ବିଜୟ ହଜାରେ ଟ୍ରଫିର ୩୩ତମ ସଂସ୍କରଣ ଆରମ୍ଭ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିବସ ସମ୍ପୂର୍ଣ୍ଣ ଭାବେ ବ୍ୟାଟରଙ୍କ ନାମରେ ରହିଥିଲା । ଯେଉଁଥି ପାଇଁ ପ୍ରଥମ ଦିନରେ ଏକାଧିକ ଶତକ ଓ ରେକର୍ଡ ସୃଷ୍ଟି ହୋଇଥିଲା । ସେଥିମଧ୍ୟରୁ ପ୍ରମୁଖ ହେଲା ପ୍ରଥମ ଦିନରେ ଖେଳାଯାଇଥିବା ୧୮ଟି ମ୍ୟାଚ୍‌ରେ ମୋଟ୍ ୨୨ଟି ଶତକ ଓ ଓଡ଼ିଶାର ସ୍ୱସ୍ତିକ ସାମଲ (୨୧୨)ଙ୍କ ବ୍ୟାଟରୁ ଗୋଟିଏ ଦ୍ୱିଶତକ ଦେଖିବାକୁ ମିଳିଥିଲା । ଯାହାକି ଟୁର୍ଣ୍ଣାମେଣ୍ଟ ଇତିହାସରେ ଗୋଟିଏ ଦିବସରେ ରେକର୍ଡ ଶତକ ଭାବେ ଲିପିବଦ୍ଧ ହୋଇଛି । ଏଥିପୂର୍ବରୁ ୧୨ ଡିସେମ୍ବର ୨୦୨୧ ଓ ୩ ଜାନୁଆରୀ ୨୦୨୫ରେ ୧୯ଟି ଲେଖାଏ ଶତକ ବିଜୟ ହଜାରେ ଟ୍ରଫିରେ ହୋଇଥିଲା ।

### ବିଘ୍ନେଶଙ୍କ ବିଶ୍ୱରେକର୍ଡ କ୍ୟାଚ୍, ମୋସୁଙ୍କ ବ୍ୟୟବହୁଳ ସ୍ପେଲ

ଅପରପକ୍ଷରେ କେରଳର ବିଘ୍ନେଶ ପୁଥୁର ତ୍ରିପୁରା ବିପକ୍ଷରେ ଦମ୍‌ଦାର ଫିଲ୍ଡିଂ କରି ଏକାକୀ ୬ଟି କ୍ୟାଚ୍ ଧରିଥିଲେ । ଏଥିସହ ଲିଷ୍ଟ-ଏ କ୍ରିକେଟ୍‌ରେ ପ୍ରଥମ ଫିଲ୍ଡର (ଅଣୱିକେଟ୍‌କିପର) ଭାବେ ଗୋଟିଏ ମ୍ୟାଚରେ ୬ଟି କ୍ୟାଚ୍ ଧରି ପୁଥୁର ବିଶ୍ୱରେକର୍ଡ କରିଛନ୍ତି । ପୂର୍ବରୁ ମହାନ ଫିଲ୍ଡର ଜଣ୍ଟି ରୋଡ୍ସଙ୍କ ସମେତ ଏକାଧିକ ଖେଳାଳି ୫ଟି କ୍ୟାଚ୍ ଧରି ରେକର୍ଡ କରିଥିଲେ । ସେହିଭଳି ଅରୁଣାଚଳ ପ୍ରଦେଶର ଦ୍ରୁତ ବୋଲର ମିବୋମ ମୋସୁ ଲିଷ୍ଟ-ଏ କ୍ରିକେଟ୍‌ରେ ଗୋଟିଏ ମ୍ୟାଚରେ ସବୁଠୁ ବ୍ୟୟବହୁଳ ବୋଲର ସାବ୍ୟସ୍ତ ହୋଇଛନ୍ତି । ଗତକାଲି ସେ ବିହାର ବିପକ୍ଷରେ ୯ ଓଭର ବୋଲିଂ କରି ୧୧୬ ରନ ବ୍ୟୟ କରିଥିଲେ । ପୂର୍ବରୁ ଲିଷ୍ଟ-ଏ'ରେ ସବୁଠୁ ମହଙ୍ଗା ବୋଲର ହେବାର ଅଲୋଡ଼ା ରେକର୍ଡ ନେଦରଲାଣ୍ଡସର ବାସ୍ ଡି ଲିଡ୍‌ଙ୍କ ନାମରେ ରହିଥିଲା । ୨୦୨୩ରେ ଲିଡ୍ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ୧୧୫ ରନ ବ୍ୟୟ କରିଥିଲେ ।





### ଆଜିଠାରୁ ଚତୁର୍ଥ ଆସେସ୍ ଟେଷ୍ଟ

## ୪ ବର୍ଷ ପରେ ଫେରିଲେ ରିଚାର୍ଡସନ୍

ମେଲବୋର୍ଣ୍ଣ,୨୫।୧୨(ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଆସନ୍ତାକାଲିଠାରୁ ଆସେସ୍ ସିରିଜ୍‌ର ଚତୁର୍ଥ ମୁକାବିଲା ଏଠାରେ ଖେଳାଯିବ । ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ୩ଟି ମୁକାବିଲାରେ ଅଷ୍ଟ୍ରେଲିଆ ସହଜ ବିଜୟ ହାସଲ କରି ଆସେସ୍ କବ୍‌ଜା କରିନେଇଛି । ଏହି ବିଜୟ ଘରୋଇ ଦଳକୁ ସନ୍ତୁଷ୍ଟି ଦେଇନାହିଁ । ଚତୁର୍ଥ ତଥା ବକ୍ସିଂ ଡେ' ଟେଷ୍ଟରେ ଦଳ କିପରି ବିଜୟୀ ହେବ ସେଥିଲାଗି ଆଗୁଆ ଯୋଜନା କରିଛି । ମ୍ୟାଚ୍ ଆରମ୍ଭର ଗୋଟିଏ ଦିନ ପୂର୍ବରୁ ୧୨ଜଣିଆ ଦଳ ଘୋଷଣା କରିଛି । ପ୍ୟାଟ୍ କମିନ୍ସଙ୍କ ସ୍ଥାନରେ ଷ୍ଟିଭ୍ ସ୍ମିଥ୍ ଦଳର ନେତୃତ୍ୱ ନେଉଛନ୍ତି । ସ୍ମିଥ୍‌ଙ୍କ ନେତୃତ୍ୱରେ ପ୍ରଥମ ଦୁଇଟି ଟେଷ୍ଟରେ ଅଷ୍ଟ୍ରେଲିଆ ଯେପରି ପ୍ରଦର୍ଶନ କରିଛି, ଶେଷ ଦୁଇଟି ଟେଷ୍ଟରେ ତାହାର ପୁନରାବୃତ୍ତି ହେବ ବୋଲି ଦଳ ଆଶା ରଖିଛି । ଘୋଷଣା କରାଯାଇଥିବା ୧୨ଜଣ ଖେଳାଳିଙ୍କ ମଧ୍ୟରେ ଅଲରାଉଣ୍ଡର ଗ୍ରୀନ୍‌ଙ୍କୁ ମିଶାଇ ୬ଜଣ ଫାଷ୍ଟ ବୋଲର ରହିଛନ୍ତି । ଏହା ମଧ୍ୟରୁ ଗ୍ରୀନ୍‌ଙ୍କ ବ୍ୟତୀତ ୪ଜଣ ଫାଷ୍ଟ ବୋଲର ଖେଳିବା ନିଶ୍ଚିତ । ମିଚେଲ ଷ୍ଟାର୍କ, ସ୍କଟ ବୋଲାଣ୍ଡ, ବ୍ରେଣ୍ଡାନ ଡୋଗେଟ, ମାଇକେଲ ନେସର ଓ ଝାଇ ରିଚାର୍ଡସନ ରହିଛନ୍ତି । ରିଚାର୍ଡସନ ଯଦି ସୁଯୋଗ ପାଆନ୍ତି, ତେବେ ୪ ବର୍ଷ ପରେ ସେ ଟେଷ୍ଟ କ୍ରିକେଟ ଖେଳିବେ । ନାଥାନ ଲାୟନଙ୍କ ସ୍ଥାନରେ ଟଡ୍ ମର୍ଫି ଏକମାତ୍ର ସ୍ପିନର ଭାବେ ରହିଛନ୍ତି ।

ଅନ୍ୟପକ୍ଷରେ କ୍ରମାଗତ ପରାଜୟ ପରେ ଇଂଲଣ୍ଡ ଦଳ ପ୍ରବଳ ଚାପରେ ରହିଛି । ଅଧିନାୟକ ବେନ୍ ଷ୍ଟୋକ୍ସ ଓ କୋଚ୍ ବ୍ରେଣ୍ଡାନ ମ୍ୟାକ୍‌କୁଲାମଙ୍କ ଲାଗି ଶେଷ ଦୁଇଟି ଟେଷ୍ଟ ଗୁରୁତ୍ୱପୂର୍ଣ୍ଣ । ଉଭୟଙ୍କ କ୍ୟାରିୟରରେ ଏହି ଟେଷ୍ଟର ଫଳାଫଳ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ । ଦ୍ୱିତୀୟ ଓ ତୃତୀୟ ଟେଷ୍ଟ ମଝିରେ ବିଶ୍ରାମ ନେବାବେଳେ ଖେଳାଳିଙ୍କ ଅତ୍ୟଧିକ ମଦ୍ୟପାନ ଯୋଗୁ ଦଳ ସମାଲୋଚିତ ହୋଇଛି । ଏଣୁ ଶେଷ ଦୁଇଟି ଟେଷ୍ଟରେ ଦଳ ଭଲ ପ୍ରଦର୍ଶନ ନ କଲେ ମ୍ୟାକ୍‌କୁଲାମ ଇସ୍ତଫା ଦେବାର ଆଶଙ୍କା ରହିଛି ।



**ଖେଳ ଆରମ୍ଭ : ଭୋର ୫ଟା**

**ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

## ସିନ୍ଧୁଙ୍କୁ ବଡ଼ ଦାୟିତ୍ୱ

### ବିଡବ୍ଲ୍ୟୁଏଫ୍ ଆଥ୍‌ଲେଟ୍ସ କମିଶନର ଅଧ୍ୟକ୍ଷା ମନୋନୀତ

ନୂଆଦିଲ୍ଲୀ, ୨୫ ।୧୨ (ଏଜେନ୍ସି): ଦୁଇ ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ପିଭି ସିନ୍ଧୁଙ୍କୁ ବଡ଼ ଦାୟିତ୍ୱ ମିଳିଛି । ବିଶ୍ୱ ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ସଂସ୍ଥା ବିଡବ୍ଲ୍ୟୁଏଫ୍‌ର ଆଥ୍‌ଲେଟ୍ସ କମିଶନର ଅଧ୍ୟକ୍ଷା ଭାବେ ସିନ୍ଧୁ ମନୋନୀତ ହୋଇଛନ୍ତି । ୨୦୨୬ରୁ ୨୦୨୯ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇବେ । ଏହି ବଡ଼ ଦାୟିତ୍ୱକୁ ନେଇ ସିନ୍ଧୁ କହିଛନ୍ତି, 'ମୁଁ ଏହି ଭୂମିକାକୁ ଆଥ୍‌ଲେଟ ଓ ପ୍ରଶାସନ ମଧ୍ୟରେ ଏକ ସେତୁ ଭାବେ ଦେଖୁଛି । ଆମ କ୍ରୀଡ଼ାରେ ପ୍ରତିନିଧି ଭାବେ କାର୍ଯ୍ୟ କରୁଥିବା ଆଥ୍‌ଲେଟ୍‌ମାନଙ୍କ ସହ କାର୍ଯ୍ୟ କରିବାକୁ ସୁଯୋଗ ମିଳିଥିବାରୁ ମୁଁ କୃତଜ୍ଞ । ଆଥ୍‌ଲେଟ୍‌ଙ୍କ ସ୍ୱର ଓ ଦାବିକୁ ମୁଁ ସ୍ପଷ୍ଟ ଭାବେ ଉଠାଇବି' । ସିନ୍ଧୁଙ୍କୁ ସହାୟତା କରିବା ଲାଗି ନେଦରଲାଣ୍ଡସର ଡେବୋରା ଜିଲି ଉପାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି । ଉଲ୍ଲେଖଯୋଗ୍ୟ, ସିନ୍ଧୁ ଏଥିପୂର୍ବରୁ ୨୦୧୭ରୁ କମିଶନ ଓ ୨୦୨୦ରୁ ବିଡବ୍ଲ୍ୟୁଏଫ୍ ଇଣ୍ଟିଗ୍ରିଟି ଆମ୍ବାସାଡର ଭାବେ କାର୍ଯ୍ୟ କରିଥିଲେ ।



## ବିଦ୍ୟାଳୟ ସମୂହ ଅସି ଚାଳନା ଲାଗି ଓଡ଼ିଶା ଦଳ

ଭୁବନେଶ୍ୱର,୨୫।୧୨(ସମିସ): ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗରରେ ଆସନ୍ତା ୨୭ରୁ ୩୧ ଯାଏ ୧୭ ବର୍ଷରୁ କମ୍ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ଅସିଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତା ଲାଗି ଓଡ଼ିଶା ଦଳକୁ ଆଜି ଓଡ଼ିଶା ଛାଡିବା ପୂର୍ବରୁ ବଲାଙ୍ଗିର ଅତିରିକ୍ତ ଏସ୍‌ପି ଗୁଣନିଧି ମଲିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ । ପ୍ରତିଯୋଗିତା ଲାଗି ମନୋନୀତ ବାଳକ ଖେଳାଳିମାନେ ହେଲେ ନିଶାଙ୍କ ପଟେଲ, ବିଭୁତି ପଟେଲ୍, ଲିଖିତ ବିଶ୍ୱାଳ, ସମୀର ପରାଭୁଏ, ମାନସ ପଧାନ, କାହ୍ନା ଗଡତିଆ, ସ୍ୱାଗତ ପଟେଲ, ହିସେଠ ଖୋରା, ପ୍ରେମ୍‌ଜିତ ବେଶରା, ଦେବାଶିଷ ପଟେଲ, ଜୀବନଜ୍ୟୋତି ପାଇକରାଏ, ଅବିନାଶ ସ୍ୱାଇଁ । ବାଳିକା ବିଭାଗରେ ଶୁଭଶ୍ରୀ ନାଏକ, ଝିଲି ସେଠ୍, ଅର୍ଚ୍ଚିତା ଛତ୍ରିଆ, ସଞ୍ଜନା ଜାଲ, ଝରଣା ସେଠ୍, ମୁକ୍ତି ବିଶ୍ୱାଳ, ଅମ୍ରିତା ଆଡଜୁଆଡି, ମୁସ୍କାନ ନାଗ, ଶ୍ରୀୟାଶ୍ରୁତି ପଟେଲ, ରୁକ୍ମଣୀ ସୁନା, ସାରିକା ପଟେଲ ଓ ପ୍ରିୟଙ୍କା ବାରିକ ମନୋନୀତ ହୋଇଛନ୍ତି । ପୁରନ୍ଦର ସେଠ୍ ଓ ଅନ୍ୱେଷା ରାଉତ ପ୍ରଶିକ୍ଷକ, କ୍ଷିତେଶ୍ୱର ବିଶ୍ୱାଳ ଓ ସ୍ୱପ୍ନା ସେଠ୍ ପ୍ରବନ୍ଧକ ଭାବେ ଦଳ ସହ ଯାଇଛନ୍ତି ବୋଲି ଓଡ଼ିଶା ଅସିଚାଳନା ସଂଘ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଜଣାଇଛନ୍ତି ।

## ଜାତୀୟ ସିନିଅର ଥ୍ରୋବଲ: ଏଥର ପଦକ ଜିତିବ ଓଡ଼ିଶା

ଭୁବନେଶ୍ୱର, ୨୫।୧୨ (ସମିସ): କେରଳର କୋଟାୟମଠାରେ ଆସନ୍ତା ୨୮ରୁ ୩୧ ତାରିଖଯାଏ ୪ତମ ଜାତୀୟ ସିନିଅର ଥ୍ରୋବଲ ଲାଗି ଓଡ଼ିଶା ଦଳ ଆସନ୍ତାକାଲି କୋଟାୟମ ଯିବ । ଏଥିରେ ମୋଟ ୩୪ଜଣ ଖେଳାଳି ରହିଥିଲାବେଳେ ମହିଳା ଦଳର ନେତୃତ୍ୱ ନେଉଛନ୍ତି ସୁଧାସିନ୍ଧୁ ସାହୁ ଓ ସୁଶାନ୍ତ ଦାସ ପୁରୁଷ ଦଳର ଅଧିନାୟକ ରହିଛନ୍ତି । କୋଚ୍ ଦିପ୍ତୀରଞ୍ଜନ ସାମନ୍ତରାୟ ଓ ମ୍ୟାନେଜର ଅଭିଜିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ କେରଳ ଯାଇଥିବା ଓଡ଼ିଶା ଦଳ ଏଥର ପଦକ ଜିତିବ ବୋଲି ଓଡ଼ିଶା ଥ୍ରୋବଲ ଆସୋସିଏସନ ସମ୍ପାଦକ ଜିତେନ୍ଦ୍ରନାଥ ଦାସ ଜଣାଇଛନ୍ତି ।

## ମୁକ୍ତେଶ୍ୱର କପ୍: ସେମିରେ ପାରାମାଉଣ୍ଟ

ଭୁବନେଶ୍ୱର, ୨୫ ।୧୨ (ସମିସ): ପ୍ରଥମ ଦଳ ଭାବେ ପାରାମାଉଣ୍ଟ ସ୍ପୋର୍ଟିଂ ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କପର ସେମିଫାଇନାଲରେ ପ୍ରବେଶ କରିଛି । ଗୁରୁବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟିଂ ୧୯ ରନରେ ନିମପୁରର ରାଇଜିଂ ଷ୍ଟାର୍ କ୍ଲବକୁ ହରାଇଦେଇଛି । ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ଦଳ ୩୦ ଓଭରରେ ୭ ୱିକେଟ୍ ହରାଇ ୧୩୯ ରନ କରିଥିଲା । ଦଳ ପକ୍ଷରୁ ପ୍ରତୀକହିତ୍ ପ୍ରଧାନ ୬୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଜବାବରେ ରାଇଜିଂ ଷ୍ଟାର୍ ୨୯.୨ ଓଭରରେ ୧୨୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ରାଇଜିଂ ଷ୍ଟାର୍‌ର ଶୈଳେଶ ନାୟକ ୩୬ ରନ କରିଥିଲେ । ପାରାମାଉଣ୍ଟ ବୋଲର ସ୍ୱାଧୀନ ଓ ଶୁଭେନ୍ଦୁଙ୍କୁ ୩ଟି ଲେଖାଏ ୱିକେଟ୍ ମିଳିଥିଲା । ପ୍ରତୀକହିତ୍‌ଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ଓଡ଼ିଶା ଜୁନିଅର ଦଳର ବୋଲିଂ କୋଚ୍ ପ୍ରୀତମଜିତ୍ ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଶୁକ୍ରବାର ରାମେଶ୍ୱର ସ୍ପୋର୍ଟିଂ ଓ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ୍ (ଆଇଆଇସି) ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳାଯିବ ।



### ଜାତୀୟ ତୀରନ୍ଦାଜୀ ଚାମ୍ପିଅନସିପ୍

## ମାନେଶ୍ୱରୀଙ୍କୁ କାଂସ୍ୟ

କଟକ,୨୫।୧୨(ସମିସ): ଛତିଶଗଡର ରାୟପୁରରେ ଚାଲିଥିବା ୪୫ତମ ଜାତୀୟ ଜୁନିୟର ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ଦ୍ୱିତୀୟ ପଦକ ମିଳିଛି । ଏକକ ବାଳିକା ରିକର୍ଭ ରାଉଣ୍ଡରେ ମାନେଶ୍ୱରୀ ହାଁସଦା ନିକଟତମ ପ୍ରତିଦ୍ୱନ୍ଦୀ ଉତ୍ତରପ୍ରଦେଶର ମାଧବୀ ଚୌହ୍ୱାନଙ୍କୁ ଟାଇବ୍ରେକରରେ ପରାସ୍ତ କରି କାଂସ୍ୟ ବିଜୟୀ ହୋଇଛନ୍ତି । ପଦକ ହାସଲ କରିବାରେ ମାନେଶ୍ୱରୀ ହେଉଛନ୍ତି ଓଡ଼ିଶାର ପ୍ରଥମ ମହିଳା ରିକର୍ଭ ଖେଳାଳି । ଯୁକ୍ତ ଦୁଇରେ ପାଠ ପଢୁଥିବା ମାନେଶ୍ୱରୀ ହେଉଛନ୍ତି କିସ୍‌ର ପ୍ରଶିକ୍ଷକ ରାଜେଶ ହାଁସଦାଙ୍କ ଝିଅ । ଏହି ସଫଳତା ପାଇଁ ମାନେଶ୍ୱରୀଙ୍କୁ ରାଜ୍ୟ ତୀରନ୍ଦାଜ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି ।



## ବିଗ୍ ଅରେଞ୍ଜ ବାଶ୍ ଲିଗ୍ ଉଦ୍‌ଯାପିତ

ଭୁବନେଶ୍ୱର,୨୫।୧୨(ସମିସ): ଓଡ଼ିଶାରେ ବାସ୍କେଟବଲ ଖେଳର ପ୍ରସାରଣ ଓ ଉନ୍ନତି ଲାଗି ବିଗ୍ ଅରେଞ୍ଜ ବାଶ୍ ଆନୁକୂଲ୍ୟରେ ଏକ ୩ ଗୁଣା ୩ ବାସ୍କେଟବଲ ଲିଗ୍ ସୋଆ ୟୁନିଭର୍ସିଟି ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪ଟି ଜୁନିଅର ବିଭାଗରେ ୪୪ଟି ଦଳ ଅଂଶଗ୍ରହଣ କରିଥିଲେ । ଏହା ମଧ୍ୟରୁ ୧୪ ବର୍ଷରୁ ଊର୍ଦ୍ଧ୍ୱ ବାଳକ ବିଭାଗରେ ଟ୍ରିପଲ ଥ୍ରେଟ୍ ଓ ଟେରିଫିକ୍ ଟେରର, ବାଳିକା ବିଭାରେ ଗ୍ଲୋବାଲ ଫିଜିଓ ସେଲ୍ ବାସ୍କେଟବଲ କ୍ଲବ୍ ଓ ଓଡ଼ିଶା ବାସ୍କେଟବଲ ଏକାଡେମୀ ଯଥାକ୍ରମେ ଚାମ୍ପିଅନ ଓ ରନର୍ସଅପ୍ ହୋଇଛନ୍ତି । ସେହିପରି ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଦି କିଙ୍ଗ୍ ଓ ଟାଇଗର-ଏ', ବାଳିକା ବିଭାଗରେ ଏମ୍‌ପିଏସ୍ ଓ ଓଡ଼ିଶା ବାସ୍କେଟବଲ ଏକାଡେମୀ ଯଥାକ୍ରମେ ଚାମ୍ପିଅନ ଓ ରନର୍ସଅପ୍ ଆଖ୍ୟା ଅର୍ଜନ କରିଛନ୍ତି । ଖେଳ ଶେଷରେ ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଜ୍ୟୋତିରଞ୍ଜନ ଦାସ, ଅୟସକାନ୍ତ ମହାନ୍ତି ଓ ବାସ୍କେଟବଲ କୋଚ୍ ଅରୁଣକୁମାର ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ବୋଲି ବିଗ୍ ଅରେଞ୍ଜ ବାଶ୍‌ର ସଂସ୍ଥାପକ ଓ ଟୁର୍ଣ୍ଣାମେଣ୍ଟ ମୁଖ୍ୟ ସୋନୁକୁମାର ପଣ୍ଡା ଜଣାଇଛନ୍ତି ।



### ■ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

## ଓଡ଼ିଶାର ଇନିଂସ୍ ପରାଜୟ

କଟକ,୨୫।୧୨(ସମିସ): ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ୪ର୍ଥ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ଇନିଂସ ଏବଂ ୧୭୯ରନରେ ପଞ୍ଜାବ ଠାରୁ ହାରିଛି । ମଧ୍ୟପ୍ରଦେଶର ଏମପିସିଏ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯାଉଥିଲା । ପଞ୍ଜାବର ପ୍ରଥମ ପାଳି ୩୭୧ରନ ଜବାବରେ ଓଡ଼ିଶା ୧୧୧ରନ କରିଥିଲା । ଫଲୋଅନ ଡାକରା ପାଇ ଦ୍ୱିତୀୟ ପାଳି ଖେଳିଥିବା ଓଡ଼ିଶା ଆଜି ୮୧ରନରେ ଅଲଆଉଟ ହେବା ସହ ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଥିଲା । ପ୍ରଥମ ୪ଟି ଲିଗ୍‌ରୁ ୨ଟିରେ ଡ୍ର ଓ ଅନ୍ୟ ୨ଟିରେ ପରାଜିତ ହୋଇଛି । ୨୯ ତାରିଖରେ ପଣ୍ଡିଚେରୀ ବିପକ୍ଷରେ ଓଡ଼ିଶା ଅନ୍ତିମ ଲିଗ ମ୍ୟାଚ୍ ଖେଳିବ ।


ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'

କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ

କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି । ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ ।

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍

ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

ଇମେଲ୍ - hr@nandighoshatv.com

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS